ପ୍ରତିଷ୍ଠାତା - ରାମକୃଷ୍ଣ ନନ୍ଦ

*ଉପଦେଷ୍ଟାମଣ୍ଡଳୀ*

**ଶ୍ରୀ ସହଦେବ ସାହୁ**
**ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ**
**ଇଂ ପ୍ରଭାତ କୁମାର ନନ୍ଦ**

**ସମ୍ପାଦିକା**

**ଅନସୂୟା ନନ୍ଦ**

**୬୫ ବର୍ଷ, ଏକାଦଶ ସଂଖ୍ୟା**
**ଜୁନ, ୨୦୧୬**
**ବାର୍ଷିକ ମୂଲ୍ୟ--୧୨୦ ଟଙ୍କା**
**ପ୍ରତିଖଣ୍ଡ-- ୧୫ ଟଙ୍କା**

*ଯୋଗାଯୋଗ*
**ତଳତେଲେଙ୍ଗା ବଜାର,**
**କଟକ-୭୫୩୦୦୯**
*ଦୂରଭାଷ* **: ୯୮୬୧୦୬୪୮୯୧,**
**୨୪୨୨୫୯୭, ୨୪୨୦୦୭୫**
email :
nandaanasuya@hotmail.com
www:odisha publication.com

ଅନ୍ୟାନ୍ୟ ବିଭାଗର ଲେଖକ--
**ନିମାଇଁ ଚରଣ ଦାସ, ଅଜିତାନନ୍ଦ ଗୋସ୍ୱାମୀ, ଯୁଗଳ କିଶୋର ଷଡ଼ଙ୍ଗୀ, ଇଂ ପ୍ରଭାତ ନନ୍ଦ**

**ଗଳ୍ପ ଓ ଜୀବନୀ**

| | | |
|---|---|---|
| ପଦ୍ମଫୁଲ | ନୟନତାରା ନନ୍ଦ | ୫ |
| ଚଟପଟି ଗପ | ବିଜୟଲକ୍ଷ୍ମୀ ଆଚାର୍ଯ୍ୟ | ୭ |
| ଜଣେ ରାଜାଙ୍କ କର୍ତ୍ତବ୍ୟବୋଧ | ବୃନ୍ଦାବନ ଦାଶ | ୯ |
| ଆମେ ଏବେ ସବୁ ବୁଝିପାରିଲୁ | ସୁଶାନ୍ତ କୁମାର ନନ୍ଦ | ୧୭ |
| ଧୂପକାଠି | ସୁରେଶ କୁମାର ପଣ୍ଡା | ୨୨ |
| ମହର୍ଷି ଦୁର୍ବାସା ଚରିତ | ଶତ୍ରୁଘ୍ନ ପଟ୍ଟନାୟକ | ୩୦ |
| ଅସୁବିଧାକୁ ସୁବିଧାରେ ..... | ଇଂ ରଘୁନାଥ ପ୍ରସାଦ ଦାସ | ୩୪ |
| ଜନଶ୍ରୁତି–ଆମର ଢଗଢମାଳି | ଅନ୍ତର୍ଯ୍ୟାମୀ ଲେଙ୍କା | ୩୭ |
| ପ୍ରତିଧ୍ୱନି | ଶାନ୍ତି ସାମଲ | ୪୨ |
| ବୋଝ ଓ ଦାୟିତ୍ୱ | ନାରାୟଣ ଚନ୍ଦ୍ର ଧଳ | ୪୩ |
| ମଇଁଷି ଶିଙ୍ଗ ଫଟା | ସୁଷମା ମିଶ୍ର | ୪୪ |
| ପାଠପଢ଼ାରେ ଗର୍ବ ନ ରହୁ | ରବୀନ୍ଦ୍ରନାଥ ମାଝୀ | ୪୬ |

**କବିତା**

| | | |
|---|---|---|
| କଉଡ଼ି | ଡକ୍ଟର କୃତ୍ତିବାସ ନାୟକ | ୮ |
| ଶିଖିନାହୁଁ କି'ରେ ଗଛ ଚଢ଼ା ? | ହଳଧର ପଣ୍ଡା | ୧୨ |
| ଗୋପବନ୍ଧୁଙ୍କ ଛାତ୍ର ଚିନ୍ତା | ଲକ୍ଷ୍ମୀପ୍ରିୟା ଦାସ | ୨୦ |
| କଥାଟିଏ | ଶିବ ମିଶ୍ର | ୨୫ |
| ଜଣା–ଅଜଣା | ଡକ୍ଟର ସଚ୍ଚିଦାନନ୍ଦ କର | ୩୩ |
| ଆହେ ! ଦୟାମୟ ! ବିଶ୍ୱବିହାରିନ୍ ! | ଡ. ନିରଞ୍ଜନ ଦାଶଃ | ୩୮ |
| ଶ୍ରଦ୍ଧାଞ୍ଜଳି | କାହ୍ନୁଚରଣ ପାଣିଗ୍ରାହୀ | ୪୧ |
| ନାମ ମୋର ବଣମଲ୍ଲୀ | ପୀତାମ୍ବର ମିଶ୍ର | ୪୮ |

**ଜ୍ଞାନ-ବିଜ୍ଞାନ**

| | | |
|---|---|---|
| ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି (୨) | ଉମାକାନ୍ତ ମହାନ୍ତି | ୧୩ |
| ଶୀତ ରାତିର ଭୂତ | ନିକୁଞ୍ଜ ବିହାରୀ ସାହୁ | ୨୪ |
| ପକ୍ଷୀପ୍ରେମୀ | ନିବେଦିତା ଷଡ଼ଙ୍ଗୀ | ୨୬ |
| ମାଗ୍‌ସେସେ ପୁରସ୍କାର ବିଜେତା | ଡା. ଅଶୋକ କୁମାର ସେଠୀ | ୩୫ |
| ଅଂଶୁଘାତ | ଡାକ୍ତର ସଚ୍ଚିଦାନନ୍ଦ ଶତପଥୀ | ୩୯ |

**ମନୋରଞ୍ଜନ**

| | | |
|---|---|---|
| ବୁଦ୍ଧି ପରୀକ୍ଷା | ସହଦେବ ସାହୁ | ୨୧ |
| ସାଧାରଣଜ୍ଞାନ ପରୀକ୍ଷା | ଜ୍ୟୋତିରଂଜନ ବିଶ୍ୱାଳ | ୨୩ |
| ଭାବି ଦେଖନ୍ତୁ | ଅନସୂୟା ନନ୍ଦ | ୪୭ |
| ଚିତ୍ର ଓ ମଞ୍ଚ | ଶ୍ରୀ କାଞ୍ଚ ନାରାୟଣ ମହାନ୍ତି | ୪୮ |
| ଶବ୍ଦଧନ୍ଦା | ଶ୍ରୀ ପ୍ରିୟଦର୍ଶୀ ଶତପଥୀ | ୫୩ |



## ଆମ ଚିଠି ମୁଣିରୁ

**ଓଡ଼ଗାଁ, ନୟାଗଡ଼ରୁ ଶ୍ରୀ ରାଜକିଶୋର ସାହୁ--** ମୁଁ 'ସଂସାର' ପତ୍ରିକାର ନିୟମିତ ପାଠକ । ଏହି ପତ୍ରିକାଟି ସର୍ବଜନାଦୃତ । ବୁଦ୍ଧିପରୀକ୍ଷା ଓ ଲେଖନୀର ପାଠଶାଳା ପ୍ରତି ମାସରେ ଦେବାକୁ ଅନୁରୋଧ ।

**ଅରୁଣୋଦୟ ନଗରରୁ ଅଜିତାନନ୍ଦ ଗୋସ୍ୱାମୀ--** ଏ ମାସ 'ସଂସାର'ରେ 'ଜିବ୍ରାଲିଟର' କେନାଲ ଲେଖାଯାଇଛି । ଏହା ହେବ 'ଜିବ୍ରାଲିଟର ପ୍ରଣାଳୀ' । କେନାଲ ହେଉଛି ମନୁଷ୍ୟକୃତ ।

**ଗମ୍ଭାରିଡିହିରୁ ରସାନନ୍ଦ ଘଡ଼େଇ--**

ସଂସାରରେ କେହି ନୁହେଁ ଚିରସ୍ଥାୟୀ
ଅମର ଅଟେ ତା କୀରତି
ସଂସାର କଥା ସଂସାର ଗାଥା
ପଢ଼ିଲେ ଲଭିବ ତୃପତି ।
ସାହିତ୍ୟ, ଦର୍ଶନ, ସାଧାରଣଜ୍ଞାନ
ଧନ୍ଦା, କୁହୁକ, ଗଣିତ
ସଂସାର କାହାଣୀ ପଢ଼ିଲେ ସୁଜ୍ଞାନୀ
ଜ୍ଞାନ ହୋଇବ ଉଦିତ ।

**ଚମ୍ପୁଆରୁ ରାସେଶ୍ୱର ମହାନ୍ତ--** ଗତମାସର ଶବ୍ଦ ଧନ୍ଦାରେ ବାମରୁ ଡାହାଣ ୬-ଅଗ୍ନି(୨) ଦିଆହୋଇଛି, ଏହା ୬-ଅଗ୍ନି(୪) ହେବ ।

## ଶୋକାଞ୍ଜଳି



'ସଂସାର' ପରିବାରର ଶୁଭେଚ୍ଛୁ ତଥା ଏହାର ଏଜେଣ୍ଟ **ବାସୁଦେବ ସେଠୀ** (ପାରାଦୀପ)ଙ୍କର ୨୧.୫.୧୬ ତାରିଖରେ ପରଲୋକ ଗମନ କରିଛନ୍ତି । ତାଙ୍କ ମୃତ୍ୟୁରେ 'ସଂସାର' ପରିବାର ମର୍ମାହତ । ତାଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହିତ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ ।

— ସଂସାର ପରିବାର

## ଅଭିନନ୍ଦନ

ଆମର ପରିଚିତ ଲେଖକ ତଥା ଶିଶୁ ସାହିତ୍ୟିକ **ଶ୍ରୀ ରବୀନ୍ଦ୍ରନାଥ ମାଝିଙ୍କୁ** ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ 'ରାମକୃଷ୍ଣ ନନ୍ଦ ଶିଶୁ ସାହିତ୍ୟ ସମ୍ମାନ' ଏବଂ **ଡକ୍ଟର ପ୍ରଭାତୀ ମିଶ୍ରଙ୍କୁ** 'ଭ୍ରମଣ ସାହିତ୍ୟ ସମ୍ମାନ' ପ୍ରଦାନ କରାଯାଇଛି । କଳିଙ୍ଗ ଭାରତୀ ଆନୁକୂଲ୍ୟରେ ଆମର ପରିଚିତ ଲେଖକ ତଥା ଶିଶୁ ସାହିତ୍ୟିକ **ଡକ୍ଟର ଲାବଣ୍ୟ ଚନ୍ଦ୍ର ସାହୁ** ଙ୍କୁ 'କଳିଙ୍ଗ ଭାରତୀ ସମ୍ମାନ' ପ୍ରଦାନ କରାଯାଇଛି । ଏମାନଙ୍କର କୃତିର ଗୌରବରେ 'ସଂସାର' ପରିବାର ଗର୍ବିତ । ସେମାନଙ୍କର ଚଲାପଥ କୁସୁମିତ ହେଉ –ଏତିକି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା ସହ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରୁଛୁ ।

**– ସଂସାର ପରିବାର**

## ସଂସାରର ନିୟମାବଳୀ

**୧।** ବିଜ୍ଞାପନ ଓ ଏଜେନ୍‌ସି ପାଇଁ ପରିଚାଳକଙ୍କୁ ଯୋଗାଯୋଗ କରନ୍ତୁ ।

**୨।** ୧୦ଖଣ୍ଡରୁ କମ୍ ପତ୍ରିକା ପାଇଁ ଏଜେନ୍‌ସି ଦିଆଯାଏ ନାହିଁ ।

**୩।** ଏଜେଣ୍ଟମାନଙ୍କ 'ସଂସାର' ବାବାଦ ଦେୟ ୨୦ ତାରିଖ ପୂର୍ବରୁ ଆମ ପାଖରେ ପହଞ୍ଚିବା ଆବଶ୍ୟକ, ନଚେତ୍ ପତ୍ରିକା ପଠାଇବା ସମ୍ଭବ ହେବ ନାହିଁ ।

**ଏ ମାସ ପ୍ରଚ୍ଛଦରେ 'ଗତିଶୀଳ ପୋଲ ସମୂହ' ବିଷୟରୁ ଓ ପ୍ରଚ୍ଛଦର ଦ୍ୱିତୀୟ ପୃଷ୍ଠାରେ ସଂସାର ପ୍ରତିଷ୍ଠାତାଙ୍କର କନ୍ୟା ଶ୍ରୀମତୀ ମମତା ମିଶ୍ରଙ୍କ ଦ୍ୱାରା ପରିଚାଳିତ 'ଆରାଧନା' ସଂଗୀତ ଅନୁଷ୍ଠାନର ତୃତୀୟ ବାର୍ଷିକ ଉତ୍ସବର ଆଲୋକ ଚିତ୍ର ପ୍ରଦତ୍ତ ।**



# ପଦ୍ମଫୁଲ

ଶ୍ରୀମତୀ ନୟନତାରା ନନ୍ଦ

ଗୋଟିଏ ଗାଁ'ରେ ଦରିଦ୍ର ଚାଷୀଟିଏ ରହୁଥିଲା । ସେ ଓ ତା'ର ସ୍ତ୍ରୀ ଚାଷ କରି କୌଣସିମତେ ପେଟ ପୋଷୁଥିଲେ ।

ଦିନେ ଚାଷୀର ସ୍ତ୍ରୀ ଦେଖିଲା ଯେ ତାଙ୍କ ଘର ଚାଳ ଉପରେ କୁଆଟିଏ ବସି ପାଚିଲା ଆମ୍ବ ଖାଉଛି । ଚାଷୀର ସ୍ତ୍ରୀ ଆମ୍ବ ଖାଇବାକୁ ଭାରି ଭଲପାଏ । ସେ ଆମ୍ବଟିକୁ ଦେଖି ଲୋଭ ସମ୍ବରଣ କରିପାରିଲା ନାହିଁ । ଜିଗର କଲା ତା'ର ସ୍ୱାମୀଙ୍କୁ ପାଚିଲା ଆମ୍ବ ଆଣିବା ପାଇଁ । ଆଖପାଖରେ ଆମ୍ବ ମିଳୁ ନଥିଲା, ସ୍ୱାମୀ ବିଚରା କରିବ କ'ଣ ? ସେ ତା'ସ୍ତ୍ରୀକୁ ତା ଅକ୍ଷମତା କଥା କହିଲା । ତା'ସ୍ତ୍ରୀ କହିଲା, "ସେ କଥା ମୁଁ ଜାଣିନି, ଯେମିତି ହେଲେ ତୁମେ ମୋତେ ପାଚିଲା ଆମ୍ବ ଆଣି ଦିଅ ।"

ତା'ପରଦିନ ପୁଣି ସେ କୁଆଟି ଆସି ସେଇ ଘରର ଚାଳ ଉପରେ ବସି ଆମ୍ବ ଖାଇବାକୁ ଲାଗିଲା । ଚାଷୀଟି ତାକୁ ପଚାରିଲା– ତୁମେ କେଉଁଠୁ ଏ ଆମ୍ବ ପାଇଲ ? କୁଆଟି କହିଲା ଯେ, "ନଈ ଆର ପାରିରେ ଗୋଟିଏ ବୁଢ଼ା ରହେ । ତା'ର ଗୋଟିଏ ବଡ଼ ବଗିଚା ଅଛି । ସେଇ ବଗିଚାର ଆମ୍ବଗଛରେ ବର୍ଷସାରା ଆମ୍ବ ଭର୍ତ୍ତି ହୋଇଥାଏ । ତୁମେ ସେଇଠିକୁ ଗଲେ ଯେତେ ଇଚ୍ଛା ସେତେ ଆମ୍ବ ଖାଇବ ।"

ଚାଷୀଟି ଖୁସି ହୋଇ ତା'ପରଦିନ ସକାଳେ ନଈ ପାରି ହୋଇ ବୁଢ଼ାର ଆମ୍ବ ବଗିଚାରେ ପହଞ୍ଚିଲା । ଯେମିତି ଆମ୍ବ ତୋଳିବାକୁ ଯାଇଛି, ବୁଢ଼ାଟି ତା' ପାଖରେ ପହଞ୍ଚିଗଲା । ସେ ବୁଢ଼ାଟି କିନ୍ତୁ ପ୍ରକୃତରେ ମଣିଷ ନୁହେଁ, ସେ ଗୋଟିଏ ରାକ୍ଷସ । ଚାଷୀଟି ଆମ୍ବ ବିଷୟରେ ତା'ସ୍ତ୍ରୀର ଜିଗର ଏବଂ ସବୁକଥା ତାକୁ କହିବାରୁ ସେ ଗୋଟିଏ ସର୍ତ୍ତ ରଖିଲା, "ତୋର ଯଦି ପୁଅ ହୁଏ, ତେବେ ତୁ ରଖିବୁ, ଯଦି ପ୍ରଥମ ଝିଅ ହୁଏ, ତେବେ ତାକୁ ମୋତେ ଦେବୁ । ତୁ ଯଦି ଏ ସର୍ତ୍ତ ରଖିବୁ ପ୍ରତିଜ୍ଞା କର, ତା'ପରେ ମୁଁ ତୋତେ ଆମ୍ବ ତୋଳିବା ପାଇଁ ଅନୁମତି ଦେବି । ଯଦି ତୁ ପ୍ରତିଜ୍ଞା ଭଙ୍ଗ କରୁ, ତେବେ ମୁଁ ତୋ ସହ ତମ ପରିବାରକୁ ଖାଇଦେବି ।"

ଚାଷୀଟି ବିଚରା ଭୟରେ ଥରି ଥରି ଆମ୍ବ ତୋଳିଲା ଓ ଘରକୁ ନେଇ ତା'ର ସ୍ତ୍ରୀକୁ ଦେଲା । ତା'ର ସ୍ତ୍ରୀ ଆମ୍ବ ପାଇ ଭାରି ଖୁସି ହେଲା ।

କିଛି ମାସ ପରେ ସେହି ପରିବାରରେ ଗୋଟିଏ ଝିଅ ହେଲା । ଝିଅଟି ଭାରି ସୁନ୍ଦରୀ ହୋଇଥାଏ । ସ୍ୱାମୀସ୍ତ୍ରୀ ତାକୁ ଖୁବ୍ ଯତ୍ନରେ ପାଳିଲେ । ସେ ଧୀରେ ଧୀରେ ବଡ଼ ହେଲା । ସେ ଯେତେ ବଡ଼ ହେଉଥାଏ, ତା'କୁ ଦେଖି ତା'ର ବାପାମା'ଙ୍କର ଭୟ ବଢୁଥାଏ । ସେମାନେ ତାକୁ ବାହାରକୁ ଛାଡୁ ନ ଥାନ୍ତି, କାଳେ ସେ ରାକ୍ଷସ ତାକୁ ନେଇ ଖାଇଦେବ– ଏଇ ଭୟରେ ।

ଦିନେ ଏକ ଗଭୀର ଅନ୍ଧକାର ରାତ୍ରିରେ ଚାଷୀ

ଘର କବାଟରେ ଠକ୍ ଠକ୍ ଶୁଭିଲା । କବାଟ ଖୋଲିଲା ବେଳକୁ ସେମାନେ ସେ ଭୟଙ୍କର ରାକ୍ଷସକୁ ଦେଖିଲେ । ସେ ରାକ୍ଷସଟି ରାଗରେ ଥରୁଥାଏ । କାରଣ ସ୍ୱାମୀସ୍ତ୍ରୀ ସେମାନଙ୍କର ପ୍ରତିଜ୍ଞା ଭଙ୍ଗ କରିଛନ୍ତି । ସେ ତା'ର ବିରାଟ ବିରାଟ ଆଖିକୁ ତରାଟି କହିଲା, "ତୁ କାଲି ସକାଳେ ତୋ ଝିଅକୁ ମୋତେ ଦେବୁ । ଗାଁ'ର ବାହାରେ ଯେଉଁ ପୋଖରୀ ଅଛି, ସେଇଠି ମୁଁ ପଦ୍ମଫୁଲ ରୂପରେ ଭାସୁଥିବି । ସେଇଠିକୁ ନେଲେ ମୁଁ ତାକୁ ନେଇଯିବି ।" ଏହା କହି ସେ ସେଠାରୁ ତୋଫାନ୍ ବେଗରେ ଚାଲିଗଲା ।

ତା'ପରଦିନ ସକାଳେ ସ୍ୱାମୀସ୍ତ୍ରୀ କାନ୍ଦି କାନ୍ଦି ଝିଅକୁ ନେଇ ପୋଖରୀ କୂଳକୁ ଗଲେ । ତା'କୁ କହିଥା'ନ୍ତି ଯେ ଆର ଗାଁ'ର ତା'ର ମାମୁଘରକୁ ସେ ଯାଉଛି । ସେ ମନଖୁସିରେ ଯାଉଥାଏ । ଏତେ ଦିନେ ସେ ତା'ର ମାମୁଘର ଦେଖିବ । ବାଟରେ ସେ ପୋଖରୀଟି ପଡ଼ିଲା । ବାପା କହିଲେ, "ମା'ଲୋ, ଯା' ଏ ପୋଖରୀର ପାଣି ଭାରି ମିଠା, ଟିକିଏ ପିଇଦବୁ । ମାମୁଘର ବହୁତ ଦୂର । ତେଣୁ ପାଣି ପିଇଦେ, ତତେ ଭଲ ଲାଗିବ ।''

ଝିଅଟି ପୋଖରୀ କୂଳକୁ ଯାଇ ମନ ଭରି ଥଣ୍ଡାପାଣି ପିଇଲା । ଦେଖିଲା ଖୁବ୍ ସୁନ୍ଦର ପଦ୍ମଫୁଲଟିଏ ପାଣିରେ ଭାସୁଛି । ତା'ର ଯେତେ ପାଖକୁ ପାଖକୁ ସେ ଯାଉଥାଏ, ସେ ଫୁଲ ସେତେ ଘୁଞ୍ଚି ଯାଉଥାଏ । ଏମିତି ଚେଷ୍ଟା କରୁ କରୁ ସେ ନିଜକୁ ଆବିଷ୍କାର କଲା ଗଭୀର ପାଣିରେ ବୁଡ଼ିଯାଉଛି । ତା' ହାତ ଧରି କିଏ ଟାଣି-ନେଉଛି ।

ଶେଷରେ ରାକ୍ଷସଟି ତାକୁ ନେଇ ତା'ଘରକୁ ଚାଲିଗଲା । ଏତେ ସୁନ୍ଦରୀ, ଗୁଣବତୀ ଝିଅଟିକୁ ଖାଇବାକୁ ତା' ମନ ବଳିଲା ନାହିଁ । ତାକୁ ବାହା ହେବା

ପାଇଁ ସେ ରାକ୍ଷସ ବାଧ୍ୟ କଲା ଏବଂ ସେ ଯଦି ତାକୁ ବାହା ନ ହେବ, ସେ ତାକୁ ମାରିଦେବ ବୋଲି ଧମକ ଦେଲା ।

ଶେଷରେ ଝିଅଟି କିଛି ସମୟ ମାଗିଲା ଏ ବିଷୟରେ ଚିନ୍ତା କରି କହିବା ପାଇଁ ।

ତା'ପରଦିନ ରାକ୍ଷସଟି ଯେମିତି ବାହାରକୁ ଯାଇଛି, ଚାଷୀର ଝିଅଟି ଛାତ କଣା କରି ବାହାରି ରାସ୍ତାରେ ଯାଉ ଯାଉ ପହଞ୍ଚିଲା ଗୋଟିଏ ପଶୁଶାଳ ନିକଟରେ । ସେ ପଶୁଶାଳଟି ଥିଲା ଜଣେ ରାଜାଙ୍କର । ଦିନେ ସେ ଶାଳରୁ ସେ ମେଣ୍ଢାକୁ ନେଇ ସକାଳୁ ବଣରେ ଚରାଇବାକୁ ଯାଇଛି, ସେ ରାକ୍ଷସକୁ ଭେଟିଲା । ରାକ୍ଷସଟି ତାକୁ ଖାଇବା ପାଇଁ ଧମକ ଦେଲା ।

ଝିଅଟି ତାକୁ କହିଲା, "ତମେ ସନ୍ଧ୍ୟାବେଳକୁ ଆସ । ମୁଁ ଏଠି ଶାଳରେ ଥିବି । ମୋତେ ନେଇ ଖାଇବ ।" ଝିଅଟି ଭୀଷଣ ଦୁଃଖରେ ମେଣ୍ଢାକୁ ନେଇ ରାଜାଙ୍କ ପଶୁଶାଳକୁ ଫେରି ସେଇଠି ବସି କାନ୍ଦିଲା । ଯୋଗକୁ ସେହିଦିନ ରାଜକୁମାର ସେଇ ବାଟ ଦେଇ ଯାଉ ଯାଉ ଝିଅଟିର କାନ୍ଦଣା ଶୁଣି ତା'ପାଖକୁ ଆସିଲେ ଏବଂ ତା'ଠୁ ସବୁ କଥା ଶୁଣିଲେ । ରାଜକୁମାର ଖୁବ୍

ଉତ୍ତମ ସ୍ୱଭାବର ଥିଲେ । ଖୁବ୍ ଦୟାଳୁ ଓ ସାହସୀ ମଧ୍ୟ ଥିଲେ । ସେ ଝିଅଠାରୁ ସବୁ କଥା ଶୁଣି ତା'କୁ ରାଜା ଓ ରାଣୀଙ୍କ ପାଖକୁ ନେଇଗଲେ । ଗାଧୋଇପାଧୋଇ ଲୁଗାପଟା ଗହଣା ପିନ୍ଧି ସେ ପରୀଟିଏ ଭଳି ଦିଶିଲା ।

ରାଜକୁମାର ଓ ଚାଷୀର ଝିଅ ମିଶି କୁଟା, କାଠି ଓ ଅଟାରେ ଗୋଟିଏ ପୁତ୍ତଳିକା ତିଆରି କଲେ ଏବଂ ତାକୁ ଚାଷୀ ଝିଅ ଭଳି ବେଶ କରିଦେଲେ । ସେଇ ପଶୁଶାଳାର ଗୋଟିଏ କଣରେ ବସାଇଦେଲେ । ରାତିରେ ସେ ରାକ୍ଷସ ମନ ଖୁସିରେ ଆସି ଯେମିତି ସେ ପୁତ୍ତଳିକାକୁ ମଡ଼ ମଡ଼ କରି ଚୋବାଇବାକୁ ଆରମ୍ଭ କରିଛି, ରାଜକୁମାର ତାଙ୍କର ଖଣ୍ଡାରେ ତାକୁ ଚୋଟେ ଦେଲେ ।

ଶେଷରେ ରାକ୍ଷସଟିର ମୃତ୍ୟୁ ହେଲା । ରାଜକୁମାର ଚାଷୀଝିଅଟିର ଉପସ୍ଥିତ ବୁଦ୍ଧି ଓ ରାଜକୁମାରଙ୍କର ସାହସର ଜିତାପଟ ହେଲା । ଶେଷରେ ରାଜକୁମାର ଓ ଚାଷୀଝିଅର ବିବାହ ଧୁମ୍‌ଧାମ୍‌ରେ ହେଲା ।

**(ଲୋକକଥା ଉପରେ ଆଧାରିତ)**

*୨୯, କାଣ୍ଟନ୍‌ମେଣ୍ଟ ରୋଡ୍, ବିଜୁ ପଟ୍ଟନାୟକ ଛକ, କଟକ- ୮*

# ଚଟ୍‌ପଟି ଗପ

ବିଜୟଲକ୍ଷ୍ମୀ ଆଚାର୍ଯ୍ୟ

ସାଧୁ ଓ ରାଧୁ ଥିଲେ ଦୁଇ ସାଙ୍ଗ । ସମୟକ୍ରମେ ସାଧୁ ସହରକୁ ଯାଇ ଚାକିରି କଲା । ରାଧୁ ଗାଁ'ରେ ରହି ବିଲବାଡ଼ି କାମ କଲା । ବହୁତ ଦିନ ପରେ ସାଧୁ ଗାଁ'କୁ ରାଧୁଘରକୁ ବୁଲିବାକୁ ଆସିଲା । ତାକୁ ଦେଖି ରାଧୁ ବହୁତ ଖୁସି ହେଲା ଓ କହିଲା, "ଯା ଘରେ ଚୁଙ୍ଗୁଡ଼ି ଅଛି, ତତେ ଖାଇବାକୁ ଦେବ ।" (ରାଧୁର ସ୍ତ୍ରୀ ନାଁ ଚୁଙ୍ଗୁଡ଼ି) । ଏକଥା କିନ୍ତୁ ସାଧୁ ଜାଣି ନ ଥିଲା । ସେ ମନଖୁସିରେ ରାଧୁର ଘରକୁ ଗଲା । ଏତେ ଦିନେ ଚିଙ୍ଗୁଡ଼ି ଖାଇବାକୁ ମିଳିବ ଭାବି ଖୁସି ହୋଇଗଲା । ହାତଗୋଡ଼ ଧୋଇ ଖାଇବାକୁ ଗଲାବେଳକୁ ସାଧୁ ହଳ ନେଇ ଘରେ ପହଞ୍ଚିଲା । ବଡ଼ପାଟିରେ ଡାକି କହିଲା, "ଚୁଙ୍ଗୁଡ଼ି ! କୁଣିଆଙ୍କୁ ବାନ୍ଧ, ମୁଁ ଠେଙ୍ଗାକୁ ଆଣୁଛି ।" ଏକଥା ଶୁଣି ସାଧୁ ଏକ୍‌ଦମ୍ ଡରିଗଲା ଓ ଦୌଡ଼ିକରି ଯାଇ ସାଧୁର ନଡ଼ାଗଦା ପାଖେ ଲୁଚି ରହିଲା (ରାଧୁର ବଳଦ ନାଁ ଠେଙ୍ଗା ଓ କୁଣିଆ) ।

ସାଧୁ ସେ ପାଳଗଦା ପାଖେ ସେମିତି ବସିଥିଲା । ରାଧୁ ଖାଇପିଇ ବାହାରକୁ ଆସିଲା । ବଡ଼ପାଟିରେ କହିଲା, "ଦେଖିଲି, ଦେଖିଲିରେ ।" (ତା କୁକୁର ନାଁ ଦେଖିଲି) । ତା କୁକୁରକୁ ଖାଇବାକୁ ଡାକୁଥିଲା, କିନ୍ତୁ ସାଧୁ ଭାବିଲା ରାଧୁ ବୋଧେ ମୋତେ ଦେଖିଦେଲା । ସେ ଜୀବନ ବିକଳରେ ସେଠାରୁ ଦୌଡ଼ିଲା । ରାଧୁ ତାକୁ ଦେଖି କହିଲା, "ଆରେ ସାଙ୍ଗ ରହ । ଏତେ ଦିନେ ଆସିଥିଲୁ, ଖାଇଥା'ନ୍ତେ, ମଜା କରିଥା'ନ୍ତେ ।" ସାଧୁ କି ଆଉ କିଛି ଶୁଣେ, ସେ ଏକମୁହାଁ ହୋଇ ଦୌଡ଼ିଲା ।

*ମହିରା, କୋଇଲା, ଜଗତସିଂହପୁର*



# କଉଡ଼ି

ଡକ୍ଟର
କୃତ୍ତିବାସ ନାୟକ

ସାଗର କୋଳରେ ଜନମ ମୋହର
ଦେଖିବାକୁ ଛୋଟ ବଡ଼
ଧଳା ଫରଫର ଶଙ୍ଖର ଭାଇ ମୁଁ
ମଲା କଉଡ଼ିର ହାଡ଼ ।
ବହୁତ ଆଦର ପାଉଥିଲି ଦିନେ
ଟଙ୍କା ପଇସା ନଥିଲା,
କଉଡ଼ି ବଳରେ ମହାଜନ ନାମେ
ପରିଚିତ ହେଉଥିଲା ।
ନବ ଜାତକର ଛଅ ଦିନ ହୁଏ
କଉଡ଼ିର ଷଠିଘର,
ଷଠିଦୁଷୀ ମାଆ ସେଇ ଘରେ ବସି
ଦିଏ କପାଳରେ ଗାର ।
ବାହାଘର ପରେ ବରକନ୍ୟା ଦୁହେଁ
ଖେଳନ୍ତି ମୁଠେଇ ଧରି,
ହସ ଖୁସି ଖେଳ ମଜାରେ ମଜାରେ
ବାହାଘର ଯାଏ ସରି ।

ଜୀବନ ଖେଳର ଶେଷ ପ୍ରହରରେ
ମୋତେ ଖୋଜା ପଡ଼େ ପୁଣି,
କୋକେଇରେ ଶବ ଯାଏ ମଶାଣିକୁ
ଖଇ କଉଡ଼ିକୁ ବୁଣି ।
ଖଇ ସିନା ଖାଦ୍ୟ ମୁହିଁ ହେଲି ଧନ
ଦୁହିଁଙ୍କୁ ପକାଇଦେଇ,
ଦେହ ଛାଡ଼ି ଆତ୍ମା ଚାଲିଯାଏ ଦୂରେ
ଏ'ସବୁ ଅଲୋଡ଼ା କହି ।
ମାଣବସା ଲକ୍ଷ୍ମୀ ଠାକୁରାଣୀ ଆଖି
ହୋଇ ରହେ ଘରେ ଘରେ,
ଆଉ କିଏ ମୋତେ ଅତି ଆଦରରେ
ଗୁନ୍ଥି ଗଳା ମାଳି କରେ ।
ଆଜି ସିନା ଟଙ୍କା ପଇସା ଆସିଲା
କମିଛି ଆଦର ମୋର,
ଜନମ ଠାରୁ ମୁଁ ମରଣ ପର୍ଯ୍ୟନ୍ତ
ଲୋଡ଼ା ହୁଏ ମଣିଷର ।

*ସି.ଡି.ଏ- ୧୪୬୩, ସେକ୍ଟର-୧୦, କଟକ- ୭୫୩୦୧୪*

---

# ମୁଁ କିଏ ?

ଚଢିବୁଲେ ମୁହିଁ ଉଞ୍ଚା ଢେଉର ଉପରେ
ଲୁଗାକାନି ମେଲେଇ ମୁଁ ପବନକୁ ଧରେ ।
ଧରିଥିବ ଯଦି ଜଣେ ମଙ୍ଗଟିକୁ ମୋର
ଅକାତ ସମୁଦ୍ରରେ ମୋ ନାହିଁ ଟିକେ ଡର ।।
ବୁଡ଼ିଯିବି ମୋ ଦେହରେ କଲେ ଟିକେ କଣା
ପଚାରୁଛି; କାହାକୁ ମୋ ନାଁ ଅଛି ଜଣା ?

**ନିମାଇଁ ଚରଣ ଦାସ,** *ପ୍ଲଟ ନଂ: ୧୭୮୮/୨୯୫୨,
ଟେଲିକମ୍ କଲୋନି, ଶିଶୁପାଳଗଡ଼, ଭୁବନେଶ୍ୱର-୨*

*(ଉତ୍ତର ୪୮ ପୃଷ୍ଠାରେ)*

# ଜଣେ ରାଜାଙ୍କ କର୍ତ୍ତବ୍ୟବୋଧ

ଶ୍ରୀ ବୃନ୍ଦାବନ ଦାଶ

ମହାରାଣା ପ୍ରତାପ ସିଂହ ମେବାର ରାଜ୍ୟର ଶାସକ ଥିଲେ । ତାଙ୍କ ବୀରତ୍ୱର କାହାଣୀ ଯେ କୌଣସି ବ୍ୟକ୍ତିର ହୃଦୟରେ ଦେଶପ୍ରେମର ମହାନ୍ ଭାବ ଜାଗ୍ରତ କରେ । ଯେତେବେଳେ ରାଜସ୍ଥାନର ପ୍ରତ୍ୟେକ ଅଞ୍ଚଳ ମୋଗଲସମ୍ରାଟ ଆକବରଙ୍କ କବଳରେ ଥିଲା, ମେବାର ଏକମାତ୍ର ରାଜ୍ୟ, ଯାହା ରାଣାପ୍ରତାପଙ୍କ ଶାସନାଧୀନ ଓ ସ୍ୱାଧୀନ ରହିଥିଲା । ଜଣେ ଦୁର୍ଦ୍ଦାନ୍ତ, ମହାବଳୀ ଯୋଦ୍ଧା ସତ୍ତ୍ୱେ ରାଣାପ୍ରତାପ ଥିଲେ ଉଦାର ଓ ସଦାଶୟ ଶାସକ । ନିଜର ପ୍ରଜା ଓ ଅନୁଗାମୀମାନଙ୍କର ନିରାପତ୍ତା ଓ ସୁଖ ପାଇଁ ସେ ଅକାତରରେ ନିଜର ସୁଖସ୍ୱାଚ୍ଛନ୍ଦ୍ୟକୁ ବଳି ଦେଇଥିଲେ । ସେଥିପାଇଁ ଦେଶବାସୀ ଓ ସ୍ଥାନୀୟ ଭିଲ୍ ଜନଜାତିସକଳ ତାଙ୍କୁ ନିଷ୍କପଟ ଭାବରେ ଆନ୍ତରିକ ସମର୍ଥନ କରୁଥିଲେ ।

ଥରେ ରାଣାପ୍ରତାପ ନିଜର ଏକ କ୍ଷୁଦ୍ର ସୈନ୍ୟଦଳକୁ ଧରି ବିଶାଳ ମୋଗଲବାହିନୀ ବିରୋଧରେ ଯୁଦ୍ଧ କରୁଥିଲେ । ଦୁର୍ଭାଗ୍ୟବଶତଃ ସେ ପରାଜିତ ହେଲେ । ଫଳରେ ମେବାରର ରାଜଧାନୀ ଚିତୋରଗଡ଼କୁ ଆକବର ଅଧିକାର କଲେ । ସୌଭାଗ୍ୟବଶତଃ ରାଣାପ୍ରତାପ ଅଳ୍ପସଂଖ୍ୟକ ବିଶ୍ୱାସୀ ସୈନ୍ୟଙ୍କ ସହିତ ସପରିବାର ଚିତୋରଗଡ଼ରୁ କୌଶଳରେ ଯାଇ ନିକଟବର୍ତ୍ତୀ ଗୋଟିଏ ପାହାଡ଼ରେ ଆତ୍ମଗୋପନ କରି ସୁରକ୍ଷିତ ରହିଲେ । ତଥାପି ତାଙ୍କର ସଂଗ୍ରାମ ଶେଷ ହୋଇ ନ ଥିଲା । ଏପରି ଦୁର୍ଦ୍ଦିନରେ ମଧ୍ୟ ସେ ନିକଟସ୍ଥ ଗ୍ରାମର ଗ୍ରାମବାସୀ ଓ ଭିଲ୍ ଜନଜାତି ସମ୍ପ୍ରଦାୟର ଲୋକଙ୍କ ଅକୁଣ୍ଠ ସମର୍ଥନରେ ବିଶାଳ ମୋଗଲବାହିନୀ ବିରୋଧରେ ଗରିଲା କୌଶଳରେ ଯୁଦ୍ଧ ଚଳାଇ ରଖିଲେ । ଯଦିଓ ଗ୍ରାମବାସୀ–ମାନେ ତାଙ୍କର ନିଜର ସକଳ ସମ୍ପତ୍ତି, ଅସ୍ତ୍ରଶସ୍ତ୍ର କିଣିବା ସକାଶେ ମହାରାଣାଙ୍କୁ ଦାନ ଦେବାକୁ ପ୍ରସ୍ତୁତ ହୋଇ ଜଣାଇଲେ, ରାଣାପ୍ରତାପ ତାହା ଅସ୍ୱୀକାର କଲେ ।

ଯେତେବେଳେ ପ୍ରତାପଙ୍କ ଗରିଲାବାହିନୀର ବାରମ୍ବାର ଆକ୍ରମଣରେ ମୋଗଲବାହିନୀ ବିବ୍ରତ ହୋଇ ପଛଘୁଞ୍ଚା ଦେଇ ଛତ୍ରଭଙ୍ଗ କରିବାକୁ ଲାଗିଥିଲେ, ଠିକ୍ ସେତିକିବେଳେ ମୋଗଲ ସମ୍ରାଟ ଆକବରଙ୍କ ପୁତ୍ର ସଲିମ୍ (ପରବର୍ତ୍ତୀ ସମୟରେ ଜାହାଙ୍ଗୀର) ଆଗ୍ରାରୁ ଏକ ବିଶାଳ ବାହିନୀ ରାଣାଙ୍କ ବିରୋଧରେ ସଂଗ୍ରାମ ଚଳାଇ ରଖିବାକୁ ପଠାଇଲେ । ସଲିମ ଯୁଦ୍ଧକ୍ଷେତ୍ରରେ ପହଞ୍ଚିବାମାତ୍ରେ ପ୍ରଥମେ ଚିତୋରଗଡ଼ରୁ ବଣଜଙ୍ଗଲ ଓ ଗ୍ରାମଗୁଡ଼ିକୁ ପଡ଼ିଥିବା ସମସ୍ତ ପଥକୁ ଅବରୋଧ କରିଦେଲେ । ଫଳରେ ଜଙ୍ଗଲରେ ଥିବା ରାଣା ଓ ତାଙ୍କ ପରିବାର କୌଣସି ଖାଦ୍ୟ ପାଇପାରିଲେ ନାହିଁ । ତଥାପି ସେମାନେ ଅନ୍ୟ କାହାକୁ ସାହାଯ୍ୟ ମାଗିବା ଅପେକ୍ଷା ଏକପ୍ରକାର ଜଙ୍ଗଲ ଘାସରେ ପ୍ରସ୍ତୁତ ରୋଟି ଖାଇ ବଞ୍ଚିବାକୁ ଶ୍ରେୟସ୍କର ମନେକରିଥିଲେ ।

ସେତେବେଳେ ସେ ଅଞ୍ଚଳରେ ଭୀମା ସିଂହ ନାମରେ ଜଣେ ଶାସକ ଥିଲେ । ଦିନେ ସେ କୌଶଳରେ ମୋଗଲମାନଙ୍କୁ ଫାଙ୍କିଦେଇ ଶଗଡ଼ରେ ଖାଦ୍ୟପଦାର୍ଥ ଓ ନିଜର ସମସ୍ତ ମୂଲ୍ୟବାନ ସମ୍ପଦ ସହ ରାଣାଙ୍କ ପାଖରେ ପହଞ୍ଚିବାରେ ସଫଳ ହେଲେ । ସେ ରାଣାଙ୍କୁ ବିନୀତ ହୋଇ କହିଲେ ଯେ ଏ ସମସ୍ତ ସେ ତାଙ୍କୁ ସାହାଯ୍ୟ ରୂପେ ଦେଉନାହାନ୍ତି; ବରଂ ମାତୃଭୂମିର ସୁରକ୍ଷା ପାଇଁ ଉପହାରସ୍ୱରୂପ ଦେବାକୁ ଚାହୁଁଛନ୍ତି । ଭୀମା ସିଂଙ୍କର

ରାଜଭକ୍ତି ଓ ଦେଶପ୍ରେମ ସହିତ ବିଶ୍ୱସ୍ତତା ଓ ଅନୁରକ୍ତିରେ ମୁଗ୍ଧ ହୋଇ ମହାରାଣା ପ୍ରତାପ ତାଙ୍କୁ ନିଜ ଶିବିରରେ ଜଣେ ଅଂଶ ଭାବରେ ଗ୍ରହଣ କରିନେଲେ । ଉଭୟ ଏକତ୍ର ନୂତନ ଶକ୍ତି, ସାହସ ଓ ବୀରତ୍ୱର ସହିତ ମୋଗଲ ବାହିନୀ ବିରୋଧରେ ଘୋର ଯୁଦ୍ଧ ଚଳାଇଲେ । ଏ ଯୁଦ୍ଧ ଥିଲା ବାସ୍ତବରେ ଅତ୍ୟନ୍ତ ଭୟଙ୍କର ।

ଦିନେ ଘମାଘୋଟ ଯୁଦ୍ଧ ଚାଲିଥିବା ସମୟରେ ରାଣାଙ୍କର ଅଙ୍ଗରକ୍ଷୀ ଭାବେ କାର୍ଯ୍ୟରତ ଜଣେ ଭିଲ୍ ଯୁବକ ଶତ୍ରୁସୈନ୍ୟଙ୍କର ମରଣାନ୍ତକ ଆକ୍ରମଣରେ ଆହତ ହୋଇ ଅଚେତ ହୋଇଗଲା । ଏହା ଦେଖି ରାଣାପ୍ରତାପ ଭୀମା ସିଂହଙ୍କ ଉପରେ ନିଜ ବାହିନୀର ଦାୟିତ୍ୱ ଅର୍ପଣ କରି ନିଜେ ଆହତ ଓ ଅଚେତ ଅଙ୍ଗରକ୍ଷୀ ଭିଲ ଯୁବକଙ୍କୁ ନେଇ ଘନ ଜଙ୍ଗଲ ମଧ୍ୟରେ ଥିବା ଏକ ଗ୍ରାମକୁ ଗଲେ । ଭିଲ ଗ୍ରାମରେ ପହଞ୍ଚି ପ୍ରଥମେ ସେ କିଛି ଜଳ ମାଗିଲେ । ରାଜସ୍ଥାନ ପରି ଏକ ମରୁଭୂମିପୂର୍ଣ୍ଣ ଅଞ୍ଚଳରେ ଜଳ ଦୁର୍ଲଭ । ସହଜରେ ହାତପାହାନ୍ତାରେ ଜଳ ମିଳିବା କଷ୍ଟସାଧ୍ୟ । ପ୍ରକୃତରେ ଲୋକେ ମାଇଲ୍ ମାଇଲ୍ ଦୂରକୁ ଜଳସଂଗ୍ରହ ପାଇଁ ଯାଉଥିଲେ । ତଥାପି ମହାରାଣାଙ୍କୁ ଜଳ ଯୋଗାଇବା ପାଇଁ ଗ୍ରାମମୁଖିଆ ଗାଁ'ର ଦ୍ୱାର ଦ୍ୱାର ବୁଲି ଯେତିକି ସମ୍ଭବ ଜଳ ସଂଗ୍ରହ କରି ଜଳପୂର୍ଣ୍ଣ ପାତ୍ରଟି ସଭକ୍ତି ରାଣାଙ୍କ ହାତକୁ ବଢ଼ାଇଦେଲେ ।

ଯଦିଓ ରାଣା ନିଜେ ଅତ୍ୟନ୍ତ ତୃଷାର୍ତ୍ତ ଥିଲେ, ତଥାପି ସେ ପ୍ରଥମେ ଆହତ ଓ ଅଚେତ୍ ଅଙ୍ଗରକ୍ଷୀ ଭିଲ୍ ଯୁବକର ମୁହଁରେ ସେ ଚେତା ଫେରି ପାଇବା ପର୍ଯ୍ୟନ୍ତ ଜଳ ସିଞ୍ଚି ଚାଲିଥିଲେ । ଯୁବକ ଚେତା ଫେରିପାଇବା ପରେ କିଛି ଜଳ ମଧ୍ୟ ପାନ କଲା । ତା'ପରେ ରାଣା ଅବଶିଷ୍ଟ ଜଳ ନିଜର ପ୍ରିୟ ଘୋଡ଼ା ଚେତକକୁ ପିଇବାକୁ ଦେଲେ । ଚେତକ ସବୁତକ ଜଳ ପିଇଦେଲା । ସେ ସମ୍ଭବତଃ ଅତୀବ ତୃଷାର୍ତ୍ତ ଥିଲା ।

ମହାରାଣା ପ୍ରତାପଙ୍କର ଏପରି କାର୍ଯ୍ୟ ଦେଖି ଗାଁ ମୁଖିଆ ସାହସ ସଞ୍ଚୟ କରି ପଚାରିଲେ, "ମହାମହିମ ମହାରାଣା ! ଆପଣ ଏ କ'ଣ କଲେ ? ଆପଣ ନିଜେ ଟୋପାଏ ମଧ୍ୟ ଜଳ ପାନ କଲେନାହିଁ, ସମସ୍ତ ଜଳ ଶେଷ କରିଦେଲେ ? ଏବେ ଆମ ପାଖରେ ବିନ୍ଦୁଏ ବି ଜଳ ନାହିଁ । ଗାଁ'ର କାହାରି ପାଖରେ ଟୋପାଏ ବି ଜଳ ନାହିଁ । ଏଠାରୁ ଚାରି ପାଞ୍ଚ ମାଇଲ୍ ଦୂରରେ ଗୋଟିଏ ଛୋଟ ପୋଖରୀରେ କେବଳ ଜଳ ମିଳିପାରିବ ।"

ରାଣା ଅଳ୍ପ ଟିକିଏ ହସିଲେ । ଆହତ ଭିଲ ଯୁବକଙ୍କୁ ଗାଁ ମୁଖିଆଙ୍କ ଦାୟିତ୍ୱରେ ଛାଡ଼ିଦେଇ ଗାଁ'ରୁ ଚାରିଗୋଟି ଶୂନ୍ୟପାତ୍ର ନେଇ ସେ ଜଳ ପାଇଁ ଚାଲିଗଲେ ।

ସେଠାରେ ଜଳାଶୟରୁ ସେ ମନଭରି ଜଳପାନ କଲେ ଏବଂ ପାତ୍ରଗୁଡ଼ିକୁ ଜଳପୂର୍ଣ୍ଣ କରି ଆଣିଲେ । ସେସବୁ ଜଳପାତ୍ର ଗାଁ ମୁଖିଆଙ୍କୁ ଦେଇ ସେ ଗାଁ'ର ଯେଉଁ ଘରୁ ଯେତିକି ଜଳ ଆଣିଥିଲେ, ତା'ର ଦୁଇଗୁଣ ପରିମାଣର ଜଳ ସେ ଘର ଲୋକଙ୍କୁ ଦେବାକୁ ଅନୁରୋଧ କଲେ । ଅବଶିଷ୍ଟ ଜଳ ଗାଁକୁ ଆସୁଥିବା ତୃଷିତ ପଥିକମାନଙ୍କ ସେବା ଉଦ୍ଦେଶ୍ୟରେ ସଞ୍ଚୟ କରି ରଖିବାକୁ ମଧ୍ୟ ଉପଦେଶ ଦେଲେ ।

ଗାଁ ମୁଖିଆ ପ୍ରଶ୍ନ କଲେ, "ହେ ମହାନୁଭବ ! ଏହାର ଆବଶ୍ୟକତା କ'ଣ ? ରାଣାପ୍ରତାପ ସିଂହ ଅଳ୍ପ ହସିଲେ ଏବଂ ମଧୁର, କୋମଳ ସ୍ୱରରେ କହିଲେ, "ଏହା ହିଁ ଜଣେ ରାଜାଙ୍କ ପ୍ରକୃତ ଦାୟିତ୍ୱ ଓ କର୍ତ୍ତବ୍ୟ । ନିଜର ବ୍ୟକ୍ତିଗତ ଆବଶ୍ୟକତା ଅପେକ୍ଷା ଅନ୍ୟମାନଙ୍କର ଆବଶ୍ୟକତାକୁ ପ୍ରଥମେ ଗୁରୁତ୍ୱର ସହ ଦେଖିବା ପ୍ରତ୍ୟେକ ରାଜା, ଶାସକ, ମୁଖିଆ ଓ ନେତାଙ୍କର ପ୍ରଥମ ଦାୟିତ୍ୱ ଓ ପ୍ରକୃଷ୍ଟ କର୍ତ୍ତବ୍ୟ ।''

ସେହିଦିନଠାରୁ ଗାଁ ମୁଖିଆ ପ୍ରତିଦିନ ଅଧିକ କିଛି ଜଳ ଆଣି ଗ୍ରାମରୁ ଆସୁଥିବା ତୃଷିତ ପଥିକମାନଙ୍କ ପାଇଁ ସଞ୍ଚୟ କରିବାକୁ ଲାଗିଲେ । ଏହା ଦେଖି ଅନ୍ୟ ଭିନ୍ନ ବସ୍ତିର ମୁଖିଆମାନେ ଏହି ମତକୁ ଗ୍ରହଣ କରି ଅଭ୍ୟାସ ଜାରି ରଖିଲେ ।

*ପ୍ଲ: ନଂ: ୧୮, ବାରିପଦା ପୌରାଞ୍ଚଳ, ଭଞ୍ଜପୁର- ୭୫୭୦୦୨*

## ବିଶ୍ୱତତ୍ତ୍ୱ



✤ ବିଶ୍ୱକୁ କଳନା କରିବା କଳ୍ପନାତୀତ । କେବଳ ଦୃଷ୍ଟିକୁ ଆସୁଥିବା ବିଶ୍ୱର ପ୍ରସ୍ଥ ୪୦ ବିଲିୟନ୍ ଆଲୋକବର୍ଷ ।

✤ ପୃଥିବୀର ବୟସ– ଆରମ୍ଭରେ ସମୁଦ୍ର ପାଣିରେ ଲବଣ ଅଂଶ ନ ଥିଲା । ସମୟକ୍ରମେ ନଦୀଗୁଡ଼ିକରୁ ବୋହି ଆସିଥିବା ଲବଣ ଅଂଶ ସମୁଦ୍ରକୁ ଆସି ଏହାର ଲବଣ ଅଂଶ ବଢ଼ିଛି । ଏହି ଲବଣ ଅଂଶ ଉପରେ ଅନୁଧାନ କରି ଜଣାପଡ଼ିଛି ଯେ ପୃଥିବୀର ବୟସ ୨୦୦ ରୁ ୨୫୦ କୋଟି ବର୍ଷ ।

✤ ସୂର୍ଯ୍ୟ ୫ ବିଲିୟନ୍ ବର୍ଷ ହେଲା ସକ୍ରିୟ ହୋଇ ରହିଆସିଛନ୍ତି । ସୂର୍ଯ୍ୟଙ୍କର କେନ୍ଦ୍ରସ୍ଥଳର ତାପମାତ୍ରା ୧୫ ମିଲିୟନ୍ ଡିଗ୍ରୀ ସେଲ୍‌ସିୟସ୍ । ତାଙ୍କର କେନ୍ଦ୍ରସ୍ଥଳରେ ସ୍ୱତଃ ତୀବ୍ର ଉତ୍ତାପ ପାରମାଣବିକ ଶକ୍ତିରୁ ତେଜଷ୍କ୍ରିୟ ତରଙ୍ଗ ଯାଇ ଚତୁର୍ଦ୍ଦିଗରେ ଥିବା ଗ୍ୟାସ୍‌କୁ ଜାଳେ । ସୂର୍ଯ୍ୟଙ୍କର ବ୍ୟାସ ପ୍ରତ୍ୟେକ ବର୍ଷ ୧୦ କିଲୋମିଟର କମୁଛି । ଗ୍ୟାସ୍ ଜଳି ଏହାର ପରିମାଣ କମୁଛି । ଶେଷରେ ୫ ବିଲିୟନ୍ ବର୍ଷ ପରେ ସୂର୍ଯ୍ୟ ବ୍ଲାକ୍‌ଡ୍ୱାର୍ଫ ହୋଇଯିବେ ।

–**ଶ୍ରୀ ଅଜିତାନନ୍ଦ ଗୋସ୍ୱାମୀ,** ଅରୁଣୋଦୟ ନଗର, କଟକ-୧୨

# ଶିଖିନାହୁଁ କି'ରେ ଗଛ ଚଢ଼ା

ଶ୍ରୀ ହଳଧର ପଣ୍ଡା

ଚିନୁ ମିନୁ ବିଚାରିଲେ ଥରେ
ମାମୁଘର ଯିବା ବୁଲି ଗାଁ ମୁଣ୍ଡ
ବଣ ଆରପାରେ ।
ଗୋଟି ଗୋଟି ଶାଳ ପିଆଶାଳେ
ବଣ ଅଟେ ଘଞ୍ଚ ଓ ସବୁଜ
ଅଧା ଛାଇ ଅଧା ଖରା
ଦିଶୁଥିବ ନିବିଡ଼ ନିବୁଜ ।
ବଣ ପାରିହେଲେ
ଆସିଯିବ ମାମୁଘର ଗାଆଁ
ଯାଉ ଯାଉ ହାବୁଡ଼ିଲେ
ବାଘ ଏକ ତାଙ୍କ ଆଗେ ଠିଆ ।
ପଟା ପଟା ଦାଗ ଦେହେ
ମୋଟା ମୋଟା ନିଶ
ଚିନୁ ମିନୁ ଡରିଗଲେ
କି କରିବେ, ଉଡ଼ିଲା ଫାକାଶ ।
ଡରିମରି ତରବରେ ଚିନୁ
ଶାଳଗଛେ ଚଢ଼ିଗଲା ଡେଇଁ
ମିନୁ କିନ୍ତୁ ଚୁପ୍‌ଚାପ୍ ଠିଆ
କୁଆଡ଼େ ବି ଯାଇପାରୁନାହିଁ ।
କାନ୍ଦ କାନ୍ଦ ମିନୁ ମୁହଁ ଦେଖି
ବାଘମାମୁ ହୋଇଗଲା ଛିଡ଼ା
ହସି ହସି କହିଲା ମିନୁକୁ
'ଶିଖିନାହୁଁ କିରେ ଗଛଚଢ଼ା ?'
ବାଘ ଗଲା ବାଘର ବାଟରେ
ଚିନୁ ସାଥେ ମିନୁ କଲା କଟି,
ଶିଖାଇଲା ଚିନୁ ଗଛଚଢ଼ା
ଦି ଦିନେ କଟି ଗଲା ଫିଟି ।

*ସୁଆଁପଦା, କେନ୍ଦୁଝର- ୭୫୮୦୨୧*

## ☺☺☺ ମଜାଦାର କଥା

✤ ସର୍ବୋତ୍ତମ ସାଧୁତା କ'ଣ ହୋଇପାରେ ?

ଉ- ଜଣେ ଗର୍ଭବତୀ ମହିଳା ତାଙ୍କର ଭାବୀ ସନ୍ତାନ ଓ ତାଙ୍କ ପାଇଁ ଟିକେଟ୍ କାଟିବା ।



✤ ସର୍ବୋତ୍ତମ ଆତ୍ମହତ୍ୟା କାହାକୁ କୁହାଯିବ ?

ଉ-ରାସ୍ତାର ଫୁଟ୍‌ପାଥ୍ ଉପରୁ ଏକ ବାମନ ଡେଇଁ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିବା ।

✤ ସର୍ବୋତ୍ତମ କୃପଣତା କ'ଣ ହେବ ?

ଉ- କୃପଣର ଘର ପୋଡ଼ିଯାଉଛି । ସେ ଦମକଳ କେନ୍ଦ୍ରକୁ ମିସ୍‌ଡ୍‌କଲ୍ କରିବା ।

# ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି (୨)

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଶ୍ରୀ ଉମାକାନ୍ତ ମହାନ୍ତି

ଭାରତରୁ ବାହାରିଆସି ସୁଭାଷ ଆଫଗାନିସ୍ଥାନ ଦେଇ ରୁଷରେ ପହଞ୍ଚିଲେ । ପରେ ପରେ ଜର୍ମାନୀର ରାଜଧାନୀ ବର୍ଲିନ୍, ଇଟାଲୀର ରାଜଧାନୀ ରୋମ୍ ଏବଂ ଜାପାନ୍‌ର ରାଜଧାନୀ ଟୋକିଓ ନଗରୀରେ ମଧ୍ୟ ପହଞ୍ଚିଗଲେ ।

ଏହି ସମୟରେ ବିଭିନ୍ନ ରଣକ୍ଷେତ୍ରରେ ଯୁଦ୍ଧର ଘନଘଟା ବଢ଼ି ବଢ଼ି ଚାଲିଥାଏ । ସୁଭାଷ ଉପରୋକ୍ତ ଦେଶଗୁଡ଼ିକର ନେତାମାନଙ୍କ ସହ ସାକ୍ଷାତ କରି ଭାରତର ସ୍ୱାଧୀନତା ପାଇଁ ସେମାନଙ୍କଠାରୁ ସାହାଯ୍ୟର ପ୍ରତିଶ୍ରୁତି ଆଦାୟ କଲେ; ହୁଏତ କିଛି ଗୁପ୍ତ ଚୁକ୍ତି ବି କରିଥାଇପାରନ୍ତି ।

ଏହି ସାକ୍ଷାତକାରର ଫଳଶ୍ରୁତିସ୍ୱରୂପ ପ୍ରବାସରେ ୧୯୪୩ ମସିହା ଅକ୍ଟୋବର ସୁଦ୍ଧା ଆଜାଦ୍ ହିନ୍ଦ୍ ଫୌଜ (Indian National Army) ଗଠିତ ହୋଇଗଲା । ବିଭିନ୍ନ ରଣକ୍ଷେତ୍ରରେ ବନ୍ଦୀ ହୋଇଥିବା ଭାରତୀୟ ସୈନ୍ୟମାନଙ୍କୁ ମୁକ୍ତ କରି ଏହି ବାହିନୀ ଗଠନ କରାଯାଇଥିଲା । ବିଶେଷତଃ ସିଙ୍ଗାପୁର ଯୁଦ୍ଧରେ ରଣକ୍ଷେତ୍ର ପରିତ୍ୟାଗ କରି ଚାଲିଯାଇଥିବା ସୈନ୍ୟମାନଙ୍କୁ ଏଥିରେ ସାମିଲ କରାଯାଇଥିଲା । ଏହି ବାହିନୀକୁ ଜାପାନ୍ ଅସ୍ତ୍ରଶସ୍ତ୍ର ଯୋଗାଇବା ସହ ସୈନ୍ୟମାନଙ୍କୁ ବିଶେଷ ସାମରିକ ତାଲିମ ଯୋଗାଇ ଚାଲିଲା ।

"ମୋତେ ତୁମେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି ।" ସୁଭାଷଙ୍କର ଏହି ବଜ୍ରଗମ୍ଭୀର ଡାକରାରେ ହଜାର ହଜାର ପ୍ରବାସୀ ଭାରତୀୟ ଯୁବକ ଆଜାଦ୍ ହିନ୍ଦ୍ ଫୌଜରେ ଯୋଗ ଦେଇ ଚାଲିଲେ । କ୍ରମେ ଏହା ଏକ ବିଶାଳ ସେନାରେ ପରିଣତ ହୋଇଗଲା । ଟଙ୍କା, ସୁନା ଅଜାଡ଼ି ହୋଇପଡ଼ିଲା । ସୁଭାଷଙ୍କ କଣ୍ଠରୁ ଗୁରୁଗମ୍ଭୀର ଗର୍ଜନରେ ବର୍ଲିନ୍, ସିଙ୍ଗାପୁର, ଟୋକିଓ, ରେଙ୍ଗୁନ୍ ରେଡିଓ ଥରି ଉଠିଲା ।

ସୁଭାଷ ଆଉ ପାଦେ ଆଗେଇଯାଇ ପ୍ରବାସରେ ଅସ୍ଥାୟୀ ଭାରତୀୟ ଜାତୀୟ ସରକାର (Provisional Government) ଗଠନ କରିଦେଲେ । ଏହି ଜାତୀୟ ସରକାରର ରାଷ୍ଟ୍ରମୁଖ୍ୟ ହିସାବରେ ସୁଭାଷ ନିଜକୁ ଘୋଷଣା କରିଦେଲେ । ଏଥି ସହିତ ନୂତନ ରାଷ୍ଟ୍ରର ପ୍ରଧାନମନ୍ତ୍ରୀ, ବୈଦେଶିକ ମନ୍ତ୍ରୀ ତଥା ପ୍ରଧାନ ସେନାଧ୍ୟକ୍ଷ ଭାବେ ମଧ୍ୟ ନିଜକୁ ଘୋଷଣା କରିଦେଲେ । ଭାରତୀୟ ସ୍ୱାଭିମାନ ଏବଂ ରାଷ୍ଟ୍ରୀୟତାର ମହାମନ୍ତ୍ର 'ଜୟହିନ୍ଦ୍'କୁ ରାଷ୍ଟ୍ରଧ୍ୱନି ହିସାବରେ ଗ୍ରହଣ କରାଗଲା । ସମଗ୍ର ଦକ୍ଷିଣପୂର୍ବ ଏସିଆ ଚରମ ଉତ୍ତେଜନାରେ ଥରିଉଠିଲା ।

ନେତାଜୀ ତାଙ୍କ ଆଜାଦ୍‌ହିନ୍ଦ୍ ସରକାରର ଆଭିମୁଖ୍ୟ ପ୍ରାଞ୍ଜଳ ଭାବେ ସିଙ୍ଗାପୁରର ଏକ ଦୈନିକ ଇଂରାଜୀ ଖବରକାଗଜ (Sunday Express)ରେ ଧାରାବାହିକ ଲେଖିଚାଲିଲେ । ଜାପାନର ଟୋକିଓ ବିଶ୍ୱବିଦ୍ୟାଳୟର ଛାତ୍ର ମହାସଭାରେ ଉଦ୍‌ବୋଧନ ଦେବା ଅବସରରେ ନୂତନ ସରକାରଙ୍କର ଆଭିମୁଖ୍ୟ ବିଷୟରେ ମଧ୍ୟ ସୂଚନା ଦେଇଥିଲେ ।

ପ୍ରବାସରେ ରହି ନେତାଜୀ ଆଗାମୀ ୨୦ ବର୍ଷ ପାଇଁ ଭାରତରେ ଗଣତନ୍ତ୍ର ଶାସନ ନୁହେଁ; ବରଂ 'ଏକଛତ୍ରବାଦୀ ଶାସନ' ପ୍ରତିଷ୍ଠା କରିବା ପାଇଁ ପରିକଳ୍ପନା କରି ଚାଲିଲେ ।

ଜର୍ମାନୀ, ଜାପାନ, ଇଟାଲୀ ପ୍ରଭୃତି ଦେଶର

ଏକଛତ୍ରବାଦ ଶାସନ ମାଧ୍ୟମରେ ହାସଲ ହୋଇଥିବା ଅଭୂତପୂର୍ବ ପ୍ରଗତିକୁ ନିଜ ଆଖିରେ ଦେଖି ଭାରତର ଦ୍ରୁତ ପ୍ରଗତି ପାଇଁ ଏପରି ଶାସନର ଆବଶ୍ୟକତା ରହିଛି ବୋଲି ସୁଭାଷ ହୁଏତ ଚିନ୍ତା କରିଥାଇପାରନ୍ତି ।

ଭାରତ ଲାଗି କିଛି ସମୟ ପାଇଁ ଏକଛତ୍ରବାଦ ଶାସନ ବିଷୟରେ କେବଳ ସେ ଚିନ୍ତା କରୁ ନ ଥିଲେ; ବରଂ ସେଥିପାଇଁ ଏକ ବ୍ୟାପକ ଖସଡ଼ା ମଧ୍ୟ ପ୍ରସ୍ତୁତ କରି ଚାଲିଲେ ।

କିନ୍ତୁ ସୁଭାଷଙ୍କର ଏପରି ଚିନ୍ତାଧାରା ସହିତ ଗାନ୍ଧୀ, ନେହେରୁ, ପଟେଲ୍, ଆଜାଦ୍ ପ୍ରଭୃତି ଆଦୌ ଏକମତ ନ ଥିଲେ । ପ୍ରଥମରୁ ତ ସେମାନଙ୍କର ସୁଭାଷଙ୍କ ସହ ତାଙ୍କର ଚରମପନ୍ଥୀ ଆଚରଣ ପାଇଁ ମତାନ୍ତର ଥିଲା । ଏବେ ଏହି ମତାନ୍ତର ପୂରାପୂରି ମନାନ୍ତରରେ ପରିଣତ ହୋଇଗଲା । କିନ୍ତୁ ଏସବୁ ପ୍ରତି ଦୃଷ୍ଟି ନ ଦେଇ ବା ଏଥିରେ ଆଦୌ ବିଚଳିତ ନ ହୋଇ ସୁଭାଷ ତାଙ୍କ ଲକ୍ଷ୍ୟପଥରେ ଆଗେଇ ଚାଲିଲେ ।

ସେ ଆଉ ଥୟ ଧରି ରହିପାରିଲେ ନାହିଁ 'ଦିଲ୍ଲୀ ଚଲୋ' ଡାକରା ଦେଇଦେଲେ । ଆଜାଦ୍ ହିନ୍ଦ୍ ଫୌଜର ହଜାର ହଜାର ଯବାନ୍ ମଣିପୁର ରାଜ୍ୟର ଇମ୍ଫାଲ୍ ପର୍ଯ୍ୟନ୍ତ ମାଡ଼ିଆସିଲେ । ଭାରତରେ ବ୍ରିଟିଶ ଶାସନର ଶେଷ ଘଣ୍ଟି ବାଜିଗଲା ବୋଲି ବୋଧ ହେଲା ।

ଏବେ ଆସନ୍ତୁ, ବିଶ୍ୱ ମହାଯୁଦ୍ଧର ଦୃଶ୍ୟପଟ ଆଡ଼କୁ ଟିକେ ଦୃଷ୍ଟି ଫେରାଇନେବା । ୧୯୪୪ ମସିହା ଜୁନ୍ ମାସ ୬ତାରିଖରେ ମିତ୍ରଶକ୍ତିର ମିଳିତ ବାହିନୀ ଇଂଲିଶ୍ ଚାନେଲ୍ ପାର୍ ହୋଇ ଫ୍ରାନସ୍‌ର ନର୍ମାଣ୍ଡି ପର୍ଯ୍ୟନ୍ତ ଆସିଗଲେ । ଏହି ବାହିନୀରେ ୧,୫୦,୦୦୦ ପଦାତିକ ସୈନ୍ୟ, ୫୦୦୦ ଯୁଦ୍ଧଜାହାଜ; ୧୧,୦୦୦ ଲଢୁଆ ବିମାନ, ୨୮,୦୦୦ ପାରାଟ୍ରୁପ୍ ଇଉନିଟ୍, ଅସଂଖ୍ୟ ଗନ୍‌ବୋଟ୍ ସମେତ ହଜାର ହଜାର ଯୁଦ୍ଧ ଭଲେଣ୍ଟିୟର ସେଦିନ ଯୁଦ୍ଧରେ ଯୋଗ ଦେଇଥିଲେ ।

ଏହି ଯୁଦ୍ଧ ଥିଲା ଦ୍ୱିତୀୟ ବିଶ୍ୱ ମହାଯୁଦ୍ଧର ଏକ ନିର୍ଣ୍ଣାୟକ ପର୍ଯ୍ୟାୟ । ଏହି ଯୁଦ୍ଧକୁ ଐତିହାସିକମାନେ (D-Day) ଯୁଦ୍ଧ ବୋଲି କହିଥାଆନ୍ତି । ଏଥିରେ ହିଟ୍‌ଲର୍-ମୁସୋଲିନୀ ପରିଚାଳିତ ଅକ୍ଷଶକ୍ତିର ମିଳିତ ବାହିନୀ ପୂରାପୂରି ଧ୍ୱସ୍ତବିଧ୍ୱସ୍ତ ହୋଇଗଲେ ।

୧୯୪୫ ମସିହା ଫେବୃଆରୀ ମାସ ୨୮ ତାରିଖରେ ମହାଯୁଦ୍ଧର ଅନ୍ୟତମ ଖଳନାୟକ ଇଟାଲୀର ବେନିଟୋ ମୁସୋଲିନୀଙ୍କୁ ତାଙ୍କ ଦେଶର ଜାତୀୟବାଦୀ ଯୋଦ୍ଧାମାନେ ଗୁଳିମାରି ହତ୍ୟା କଲେ । ଇଟାଲୀର ମିଲାନ୍ ନଗରୀର କେନ୍ଦ୍ରସ୍ଥଳରେ ତାଙ୍କ ଶବକୁ ଝୁଲାଇ ରଖାଗଲା । ତାଙ୍କ ଶବ ଉପରକୁ ଜୋତା-ଚପଲ-ଛେପ-ଖଙ୍କାର ପକାଇବା ପାଇଁ ମିଲାନ୍‌ବାସୀଙ୍କୁ ବାଧ୍ୟ କରାଗଲା ।

ଏହାର ଦୁଇଦିନ ପରେ ମହାଯୁଦ୍ଧର ମୁଖ୍ୟ ଖଳନାୟକ ଜର୍ମାନୀର ହିଟ୍‌ଲର ଲୁଚି ରହିଥିବା ବଙ୍କର୍ ମଧ୍ୟରେ ଥାଇ ବିଷ କ୍ୟାପ୍‌ସୁଲ୍ ପାଟିରେ ଦେଇ ଆତ୍ମହତ୍ୟା କଲେ । ଜର୍ମାନୀ ପରେ ପରେ ଆତ୍ମସମର୍ପଣ କଲା ।

ଯୁଦ୍ଧ କିନ୍ତୁ ବନ୍ଦ ହେଲାନାହିଁ । ଜାପାନ୍ ଏକାକୀ ଯୁଦ୍ଧ ଚଳାଇ ରଖିଲା । କାରଣ ଜାପାନ୍ ଥିଲା ଜଳଯୁଦ୍ଧରେ 'ଅଜେୟ' ।

କିନ୍ତୁ ୧୯୪୫ ମସିହା ଅଗଷ୍ଟ ମାସ ୬ ତାରିଖରେ ଆମେରିକା ଜାପାନର ଏକ ସମୃଦ୍ଧ ସହର ହିରୋସୀମା ଉପରେ ଏକ ପରମାଣୁ ବୋମା ପକାଇଦେଲା । ଏଥିରେ ଅନ୍ୟୁନ ଏକଲକ୍ଷ ଲୋକ ପ୍ରାଣ ହରାଇଲେ ।

ପୁନଶ୍ଚ ତା'ର ମାତ୍ର ତିନିଦିନ ପରେ ଅଗଷ୍ଟ ୯ ତାରିଖରେ ଆଉ ଏକ ସମୃଦ୍ଧ ସହର ନାଗାସାକୀ ଉପରେ ମଧ୍ୟ ଅନ୍ୟ ଏକ ପରମାଣୁ ବୋମା ଆମେରିକା ପକାଇଦେଲା । ଏଥିରେ ଅନ୍ୟୁନ ୮୦,୦୦୦ ଲୋକ ପ୍ରାଣ ହରାଇଲେ । ଜାପାନ୍ ଆତ୍ମସମର୍ପଣ କଲା । ଯୁଦ୍ଧ ବନ୍ଦ ହେଲା ।

ଯୁଦ୍ଧ ବନ୍ଦ ହେବା ପରେ ନେତାଜୀଙ୍କ ଆଜାଦ୍ ହିନ୍ଦ୍ ଫୌଜ ବ୍ରିଟିଶ ବାହିନୀ ନିକଟରେ ଆତ୍ମସମର୍ପଣ କଲା । ବ୍ରିଟିଶ ସରକାର ଆଜାଦ୍ ହିନ୍ଦ୍ ଫୌଜର ମୁଖ୍ୟ ଭୂମିକାରେ ଥିବା ମେଜର ଜେନେରାଲ୍ ଶାହାନ୍‌ୱାଜ୍ ଖାଁ, କର୍ଣ୍ଣେଲ୍ ପ୍ରେମ୍ ସାଇଗଲ୍, କ୍ୟାପ୍‌ଟେନ୍ ଗୁରୁ ବକ୍ସ ସିଂ ଧିଲନ୍ ପ୍ରଭୃତିଙ୍କୁ ବନ୍ଦୀ କରିନେଲେ । କିନ୍ତୁ ନେତାଜୀ ? ନେତାଜୀ କାହାନ୍ତି ?

ବିଶ୍ୱପ୍ରସିଦ୍ଧ ସ୍କଟ୍‌ଲ୍ୟାଣ୍ଡ୍ ୟାର୍ଡର ଶହ ଶହ ଗୁଇନ୍ଦା ଦକ୍ଷିଣପୂର୍ବ ଏସିଆରେ ଥିବା ଥାଇଲାଣ୍ଡ, ସିଙ୍ଗାପୁର, ଇଣ୍ଡୋନେସିଆ, ଫିଲିପାଇନସ୍, ତାଇୱାନ୍ ଆଦି ଦେଶରେ ପଶିଯାଇ ତାଙ୍କୁ ତନ୍ନ ତନ୍ନ କରି ଖୋଜି ଚାଲିଲେ । ଉଦ୍ଦେଶ୍ୟ ନେତାଜୀଙ୍କୁ ଧରିଆଣି ଯୁଦ୍ଧବନ୍ଦୀ ହିସାବରେ ତାଙ୍କର ବିଚାର କରିବା ଏବଂ ଫାଶୀଖୁଣ୍ଟରେ ଝୁଲାଇଦେବା; ହେଲେ ନେତାଜୀ କାହାନ୍ତି ?

ଏହି ସମୟରେ ତାଇୱାନ୍‌ର 'ତାଇହୋକୁ' ବିମାନ ବନ୍ଦରରେ ଏକ ବିମାନ ଦୁର୍ଘଟଣା ହେଲା । କିଛି ଲୋକଙ୍କର ଜୀବନ ବି ଗଲା । ଏଥିରେ ନେତାଜୀ ସୁଭାଷଙ୍କର ମୃତ୍ୟୁ ହୋଇଯାଇଛି ବୋଲି ପ୍ରଚାର କରିଦିଆଗଲା । ସ୍କଟ୍‌ଲ୍ୟାଣ୍ଡ୍ ୟାର୍ଡ୍ ଗୁଇନ୍ଦା ସଂସ୍ଥା ଏବଂ ବ୍ରିଟିଶ ସରକାରଙ୍କ ଅପାରଗତାକୁ ଘୋଡ଼ାଇ ରଖିବା ପାଇଁ ଏପରି ଏକ ମନଗଢ଼ା କହାଣୀ ପ୍ରଚାର କରିଦିଆଗଲା ।

ଭାରତୀୟ ଜନତା କିନ୍ତୁ ଏଥିରେ ସନ୍ତୁଷ୍ଟ ନ ହେବାରୁ ତତ୍‌କାଳୀନ ଭାରତ ସରକାର (ସେତେବେଳକୁ ଭାରତ ସ୍ୱାଧୀନତା ହାସଲ କରିସାରିଥାଏ) ଶାହାନୱାଜ୍ ଖାଁଙ୍କ ଅଧ୍ୟକ୍ଷତାରେ ଏକ ଇନକ୍ୱାରୀ କମିଶନ୍ ବସାଇଦେଲେ । କମିଶନ୍ ତାଇହୋକୁ ବିମାନ ଦୁର୍ଘଟଣାରେ ନେତାଜୀଙ୍କର ମୃତ୍ୟୁ ହୋଇଯାଇଛି ବୋଲି ସ୍ପଷ୍ଟ କରିଦେଲେ ।

ଭାରତୀୟ ଜନତା ଏହି ରିପୋର୍ଟରେ ସନ୍ତୁଷ୍ଟ ନ ହେବାରୁ ଭାରତ ସରକାର ପଞ୍ଜାବ ହାଇକୋର୍ଟର ମାନ୍ୟବର ନ୍ୟାୟମୂର୍ତ୍ତି ଜି.ଡି. ଖୋସଲାଙ୍କ ଅଧ୍ୟକ୍ଷତାରେ ଆଉ ଏକ କମିଶନ୍ ବସାଇଦେଲେ । ନ୍ୟାୟମୂର୍ତ୍ତି ଖୋସଲା ମଧ୍ୟ ଅନୁରୂପ ମତାମତ ଦେଇଦେଲେ । ବରଂ କମିଶନ ଆଉପାଦେ ଆଗେଇଯାଇ କହିଲେ ଯେ– ନେତାଜୀଙ୍କ ମରଶରୀରର ଧ୍ୱଂସାବଶେଷ ଜାପାନର 'ରେଙ୍କୋଜୀ ମନ୍ଦିର'ରେ ରଖାଯାଇଛି ।

ଏ ରିପୋର୍ଟରେ ମଧ୍ୟ ଭାରତୀୟ ଜନତା ସନ୍ତୁଷ୍ଟ ହେଲେନାହିଁ, ପୁଣି ପାଟିତୁଣ୍ଡ ଆରମ୍ଭ ହୋଇଗଲା । ଭାରତ ସରକାର ବାଧ୍ୟ ହୋଇ ସୁପ୍ରିମ୍‌କୋର୍ଟର ମାନ୍ୟବର ନ୍ୟାୟମୂର୍ତ୍ତି ଶରତଚନ୍ଦ୍ର ମୁଖାର୍ଜୀଙ୍କ ଅଧ୍ୟକ୍ଷତାରେ ପୁନର୍ବାର ଏକ କମିଶନ୍ ବସାଇଲେ । ମୁଖାର୍ଜୀ କମିଶନ୍ ପୂର୍ବ କମିଶନଗୁଡ଼ିକର ରିପୋର୍ଟସବୁ ପ୍ରତ୍ୟାଖ୍ୟାନ କରି–

ଦେଲେ । ଜାପାନର ରେଙ୍କୋଜୀ ମନ୍ଦିରରେ ଥିବା ଧ୍ୱଂସାବଶେଷ ନେତାଜୀଙ୍କର ନୁହେଁ ବୋଲି ସେ ଦୃଢ଼ ଭାବେ କହିଲେ ଏବଂ ତାଇହୋକୁ ବିମାନ ଦୁର୍ଘଟଣାରେ ନେତାଜୀଙ୍କର ମୃତ୍ୟୁ ହୋଇଥିବାର କୌଣସି ପ୍ରମାଣ ନାହିଁ ବୋଲି କହିଲେ । ରେଙ୍କୋଜୀ ମନ୍ଦିରରେ ଥିବା ଧ୍ୱଂସାବଶେଷ ନେତାଜୀଙ୍କର ନୁହେଁ, ଜଣେ ଜାପାନୀ ସାମରିକ ଅଧିକାରୀଙ୍କର ବୋଲି ମଧ୍ୟ କହିଲେ । ଭାରତ ସରକାର ଏ ରିପୋର୍ଟଟିକୁ ପ୍ରତ୍ୟାଖ୍ୟାନ କରିଦେଲେ ।

ନେତାଜୀଙ୍କର ଅନ୍ତର୍ଦ୍ଧାନ ଏଥିମଧ୍ୟରେ ୭୦ ବର୍ଷରୁ ଅଧିକ ହୋଇଗଲାଣି; ତାକୁ କେନ୍ଦ୍ର କରି ଏତେ ଖେଳ କାହିଁକି ଚାଲିଛି ? ସରକାର କାହିଁକି ପ୍ରକୃତ ତଥ୍ୟ ପ୍ରକାଶ କରିବାକୁ ପଛଘୁଞ୍ଚା ଦେଉଛନ୍ତି ? କୁହାଯାଉଛି, ଯଦି ପ୍ରକୃତ ତଥ୍ୟ ପ୍ରକାଶ କରାଯାଏ, ଭାରତର ସମ୍ପର୍କ କେତେକ ବୈଦେଶିକ ରାଷ୍ଟ୍ର ସହିତ କୁଆଡ଼େ ବିଗିଡ଼ିଯିବ । ଏହା ଏକ ଅତ୍ୟନ୍ତ ଦୁର୍ବଳ ଯୁକ୍ତି ବୋଲି ମନେହୁଏ ।

ଏବେ ଟିକିଏ ଫଇଜାବାଦ୍‌ର ଗୁରୁଦତ୍ତ ସିଂଙ୍କ ଖମାର ଘରକୁ ଫେରିଆସିବା । ସେଠାରେ ଗୁମ୍‌ନାମୀ ବାବାଙ୍କ ନିକଟରେ ଥିବା ୨୫ଟି ଷ୍ଟିଲ୍ ଟ୍ରଙ୍କ୍‌ରେ ହାରାହାରି ୨୦୨ଟି ଗୁପ୍ତ ଫାଇଲ୍ ରହିଥିବାର କୁହାଯାଉଛି । ଫାଇଲ୍‌ଗୁଡ଼ିକ ଏବେ ଫଇଜାବାଦ୍ ଜିଲ୍ଲା ଟ୍ରେଜେରୀରେ ରଖାଯାଇଛି ।

ପଶ୍ଚିମବଙ୍ଗ ସରକାରଙ୍କ ଘରୋଇ ବିଭାଗ ନିକଟରେ ମଧ୍ୟ କିଛି ଗୁପ୍ତ ଫାଇଲ୍ ରହିଥିଲା । ସେଥିରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବାନାର୍ଜୀ କିଛି ତଥ୍ୟ ପ୍ରକାଶ କରିସାରିଲେଣି । ଏତଦ୍‌ବ୍ୟତୀତ ଖୋଦ୍ କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ପାଖରେ ମଧ୍ୟ କିଛି ଗୁପ୍ତ ଫାଇଲ୍ ରହିଛି ।

କିଛି ଐତିହାସିକ-ଗବେଷକ ବିଶ୍ୱାସ କରୁଛନ୍ତି ଯେ ଫାଇଲ୍‌ଗୁଡ଼ିକର ତଥ୍ୟ ପ୍ରକାଶିତ ହୋଇଗଲେ ଭାରତରେ ହଇଚଇ ସୃଷ୍ଟି ହୋଇଯିବ । ଯେଉଁ କେତେ ମୃତ ବା ଜୀବିତ ବ୍ୟକ୍ତି ବା ସେମାନଙ୍କର ପରିବାରବର୍ଗ ସ୍ୱାଧୀନତା ସଂଗ୍ରାମରେ ବିଶେଷ ପ୍ରଶଂସା ଦାବି କରି ଆସୁଛନ୍ତି, ସେମାନଙ୍କର ମୁଖା ଖୋଲିଯିବ । ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସ ନୂତନ ଭାବେ ଲେଖାହେବା ପାଇଁ ଯଥେଷ୍ଟ ଉପାଦାନ ମିଳିଯିବ ।

ସୁଭାଷଙ୍କ ସମ୍ପର୍କରେ ବିଭିନ୍ନ ସ୍ଥାନରେ ରହିଥିବା ଗୁପ୍ତ ଫାଇଲ୍‌ର ତଥ୍ୟଗୁଡ଼ିକ ସାର୍ବଜନୀନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ।

ବାସ୍ତବରେ ଯଦି ଏପରି ହୋଇପାରିବ, ତେବେ ପ୍ରଧାନମନ୍ତ୍ରୀ ଏକ ଦୁଃସାହସିକ ପଦକ୍ଷେପ ନେଉଛନ୍ତି ବୋଲି ବିଚାର କରାଯିବ । ଆଉ ସୁଭାଷଙ୍କ ସମ୍ପର୍କରେ ପ୍ରକୃତ ତଥ୍ୟ ଉଦ୍‌ଘାଟିତ ହୋଇଗଲେ, ତାଙ୍କ ପ୍ରତି ଏହା ହେବ ଦେଶବାସୀଙ୍କ ତରଫରୁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

*ମଣ୍ଡାସାହି, ଜଗତସିଂହପୁର- ୭୫୪୧୧୪*

# ଆମେ ଏବେ ସବୁ ବୁଝିପାରିଲୁ

ଶ୍ରୀ ସୁଶାନ୍ତ କୁମାର ନନ୍ଦ

"ଦେଖେ ଭାଇ... । ଏଇ ସେପଟେ, ଦେଖିଲୁ, ଦେଖିଲୁ ଇଏ ସେଇ ପାଗଳା କୁକୁରଟା ନା ?" ରାସ୍ତା କଡ଼ରେ ପଡ଼ି ରହିଥିବା କୁକୁରଟାକୁ ଦେଖାଇ ଗୁଡୁଲୁ ଡୁଡୁଲୁକୁ କହିଲା । ସେ ଆଡ଼କୁ ଆଖି ବୁଲାଇ ଆଣିଲା ଥରେ ଡୁଡୁଲୁ, "ହଁ ତ, ଇଏ ତ ସେଇ ପାଗଳା କୁକୁରଟା !" ଦୁଇଭାଇ ଏଥର ଖେଳିବା ସ୍ଥାନରୁ ଟିକିଏ ଆଗକୁ ବଢ଼ିଲେ । ରାସ୍ତା କଡ଼ରେ ଖଣ୍ଡିଆଖାବରା ହୋଇ ପଡ଼ି ରହିଥିଲା ଗୋଟାଏ କୁକୁର । ବୋଧହୁଏ କାହା ଘରେ କ'ଣ ଗୋଟାଏ ଖାଇବାକୁ ପଶିଥିଲା ଆଉ ସେଇଠୁ ମାଡ଼ଖାଇ ଦରମରା ହୋଇ ଆସି ଏଠି ପଡ଼ିଛି । ଦୁଇଭାଇ ଟିକେ ଦୂରରୁ କୁକୁରଟାକୁ ଦେଖି ନିଜ ଭିତରେ କ'ଣ ସବୁ କଥା ହେବାକୁ ଲାଗିଲେ ।

ଏତିକିବେଳକୁ ସେପଟରୁ ଫେରୁଥିବା ରାମୁକାକାଙ୍କ ନଜର ପିଲାଦି'ଟାଙ୍କ ଉପରେ ପଡ଼ିଲା । ପାଖକୁ ଆସି ସବୁ ଦେଖିଲେ ରାମୁକାକା । କୁକୁରଟିକୁ ଏ ଅବସ୍ଥାରେ ଦେଖି ତାଙ୍କ ପାଟିରୁ ଆପେ ଆପେ ବାହାରି ଆସିଲା, "ଆହା.....ବିଚରା...." । ଏଥର ସେ କୁକୁର ପାଖକୁ ବଢ଼ିଲେ । ରାମୁକାକାଙ୍କ ଉଦ୍ଦେଶ୍ୟରେ ଦି' ଭାଇ ଏକାଥରେ କହିବାକୁ ଲାଗିଲେ, "ନାଇଁ, ନାଇଁ ଯାଅନି ତା' ପାଖକୁ, ସେଇଟା କାମୁଡ଼ାଟା, ଆଉ ପାଗଳାଟା ବି, କାମୁଡ଼ିଦେବ !'' ପିଲାଦି'ଟା କ'ଣ କହୁଛନ୍ତି ରାମୁକାକାଙ୍କ କାନ ସେଆଡ଼େ ନ ଥାଏ । ଏହା ଭିତରେ ସେ କୁକୁରଟି ପାଖରେ ପହଞ୍ଚି ସାରିଥିଲେ ।

ଏଥର ସେ ଡୁଡୁଲୁ ଆଉ ଗୁଡୁଲୁକୁ ନିଜ ପାଖକୁ ଡାକିଲେ । କିନ୍ତୁ.... ! ପିଲାଦି'ଟା ଶୁଣି ନ ଶୁଣିଲା ପରି ରହିଲେ । ପିଲାଦି'ଟାଙ୍କର ନୀରବତା ଦେଖି ରାମୁକାକା ପୁଣି ଥରେ ସେମାନଙ୍କୁ କହିଲେ, "ଆରେ ମୁଁ ତୁମମାନଙ୍କୁ କହୁଛି, ପାଣିଟିକେ ଆଣିକି ଆସରେ ପିଲେ । ବିଚରା ଏ କୁକୁର ଖଣ୍ଡିଆଖାବରା ହୋଇ ପଡ଼ିରହିଛି ।"



"ନାଁ, ନାଁ କାକା, ଇଏ ଭଲ ହେଲା ପରେ ପୁଣିଥରେ ଆମକୁ ଆଗ ପରି କାମୁଡ଼ି ଗୋଡ଼ାଇବ, ଦୂରରୁ ଦେଖି ଭୁକିବ । ଏଇଟାକୁ ସାହାଯ୍ୟ କରିବା ମାନେ ବିପଦକୁ ଡାକି ଆଣିବା ସହ ସମାନ ହେବ ।" ରାମୁକାକା ଦେଖିଲେ ପିଲାଦିଟା କିଛି ବି ଶୁଣିବାକୁ ରାଜିନାହାନ୍ତି । ଆଉ ଏଣେ କୁକୁରଟା ଦରମରା ହୋଇ ପଡ଼ିରହିଛି । ଠେଙ୍ଗାମାଡ଼ରେ ଆଗ ଗୋଡ଼ ଦି'ଟା ପୂରାପୂରି ଜଖମ ହୋଇଯାଇଛି । ପୁଣିଥରେ ପିଲାଦି'ଟାଙ୍କୁ କହିଲେ, "ଆରେ ଡେରି କରନିରେ । ଦେଖ, ଏବେ ତ ଇଏ ଉଠି ବି ପାରୁନି । ଏ ସମୟରେ ସିଏ କିଛି ବି କରିପାରିବନି ତୁମର । ଯାଅ ପାଣି ଟିକେ ଆଗ ଆଣ ।" ଗୁଡୁଲୁ-ଡୁଡୁଲୁ ନିଜ ନିଜ ମୁହଁ ଚୁହାଁଚୁହିଁ ହେଲେ । କ'ଣ ଭାବିଲେ କେଜାଣି, ଦୁହେଁ ଶେଷରେ ପାଣି ଆଣି

ରାମୁକାକାଙ୍କ ପାଖରେ ପହଞ୍ଚିଲେ । ରାମୁକାକା ଏଥର କୁକୁରଟିକୁ ପାଣି ଟିକେ ପିଇବାକୁ ଦେଲେ । ସୁକୁ-ସୁକୁ ହୋଇ କୁକୁରଟି ପାଣି ପିଇବାକୁ ଲାଗିଲା । ଗୋଡ଼ହାତ ଟିକେ ଟିକେ ହଲାଇବାକୁ ଲାଗିଲା । ଏହା ଭିତରେ ଆଉ କିଛି ଲୋକ ଆସି ସେଠାରେ ପହଞ୍ଚି ସାରିଥିଲେ । ଶେଷରେ ସମସ୍ତେ ରାମୁକାକାଙ୍କ କଥା ରଖି କୁକୁରଟିକୁ ପଶୁଡାକ୍ତରଙ୍କ ପାଖକୁ ନେଇଗଲେ ।

ଗୁଡୁଲୁ-ଡୁଡୁଲୁ ଡରି ଡରି ପଶୁ ଡାକ୍ତରଖାନାରେ ରାମୁକାକାଙ୍କ ପାଖରେ ବସିଥାଆନ୍ତି । ପିଲାଙ୍କର ଏ ଅବସ୍ଥା ବେଶ୍ ଭଲ ଭାବେ ଲକ୍ଷ୍ୟ କରି ପାରୁଥାଆନ୍ତି ରାମୁକାକା । ଏଥର ପିଲାଙ୍କ ମନକୁ ଟିକେ ହାଲୁକା କରିବା ପାଇଁ ସେ ସେମାନଙ୍କର ଉଦ୍ଦେଶ୍ୟରେ ଶୁଣାଇଲେ, "ଦେଖ ପିଲେ ! ତୁମ ମନରେ ଏବେ ବି ଭୟ ନାଁ ? କାଳେ କୁକୁଟଟି ଭଲ ହେଲା ପରେ ତୁମକୁ ଦେଖି କାମୁଡ଼ି ଗୋଡ଼ାଇବ । ମୁଁ ତୁମକୁ କହୁଛି, ଦେଖିବ ସେମିତି କିଛି ବି ହେବନି । ପଶୁ ହେଲେ ବି ସେମାନଙ୍କର ହୃଦୟ ଅଛି । ମୁଁ କଥାଟିଏ କହୁଛି, ମନ ଦେଇ ଶୁଣ ସବୁ ବୁଝିପାରିବ ।''

ବହୁତ ଦିନର ତଳର କଥା । ସେ ସମୟରେ ୟୁନାନ୍‌ର ସମ୍ରାଟ ଦାସମାନଙ୍କୁ ନିଜ ପାଖରେ ରଖି କାମ କରାଉଥାଆନ୍ତି । ସେମିତି ଜଣେ ଦାସ ଡାୟସନିସ୍ ସମ୍ରାଟ ୟୁନାନ୍‌ଙ୍କ ପାଖରେ ଥାଆନ୍ତି । ଥରେ ଡାୟସନିସ୍ ଦାସତ୍ୱରୁ ମୁକ୍ତି ପାଇବା ପାଇଁ ଲୁଚି ପଳାୟନ କଲେ । ସବୁ ବନ୍ଧନକୁ ଛାଡ଼ି ସେ ଜଙ୍ଗଲ ଆଡ଼କୁ ଦୌଡ଼ିବାକୁ ଲାଗିଲେ । ତାଙ୍କ ପଛରେ ତାଙ୍କୁ ଧରିବା ପାଇଁ ସୈନ୍ୟମାନେ ଦୌଡ଼ିଲେ ।

ଘଞ୍ଚଜଙ୍ଗଲ ମଧ୍ୟରେ ଦୌଡୁ ଦୌଡୁ ଗୋଟେ ସିଂହ ଚିତ୍କାର ଡାୟସନିସଙ୍କ କାନରେ ପଡ଼ିଲା । ଏଥର ଡାୟସନିସ୍ ସିଂହଟିକୁ ସାହାଯ୍ୟ କରିବାକୁ ନିଜେ ବନ୍ଦୀ ହେବାର ଭୟ ମନରୁ ଦୂର କରି ସିଂହ ନିକଟରେ ପହଞ୍ଚିଲେ । ଡାୟସନିସ୍‌ଙ୍କୁ ଦେଖି ସିଂହ ନିଜର ପଞ୍ଝା ଆଗକୁ ବଢ଼ାଇଦେଲା । ଡାୟସନିସ୍ ଦେଖିଲେ ସିଂହର ପଞ୍ଝାରେ କଣ୍ଟାଟିଏ ଫୁଟି ରକ୍ତ ବାହାରୁଛି । ସେ ବହୁତ କଷ୍ଟ ପାଉଛି । ଏଥର ଡାୟସନିସ୍ ସିଂହର ପଞ୍ଝାରୁ କଣ୍ଟାଟିକୁ ବାହାର କରିଦେଲେ । ସିଂହଟି ନିଜର କଷ୍ଟରୁ ମୁକ୍ତି ପାଇ ସେଠାରୁ ଦୌଡ଼ି ଜଙ୍ଗଲ ମଧ୍ୟରେ ହଜିଗଲା । କିନ୍ତୁ ସୈନ୍ୟମାନେ ଏହା ଭିତରେ ସେଠାରେ ପହଞ୍ଚି ଡାୟସନିସ୍‌ଙ୍କୁ କାବୁ କରିନେଲେ । ତାଙ୍କୁ ବନ୍ଦୀ କରି ରଖାଗଲା । ଶେଷରେ ରାଜା ଡାୟସନିସ୍‌ଙ୍କ ପାଇଁ ଦଣ୍ଡ ଶୁଣାଇଲେ– ଡାୟସନିସ୍‌ଙ୍କୁ ଭୋକିଲା ସିଂହ ଆଗରେ ଛାଡ଼ି ଦିଆଯିବ । ଜଙ୍ଗଲରୁ ସିଂହ ଧରି ଅଣାଗଲା । ତାକୁ ପଞ୍ଜୁରୀରେ ବନ୍ଦୀ କରି ତିନିଦିନ କିଛି ବି ଖାଦ୍ୟ ନ ଦିଆଯାଇ ରଖାଗଲା । ତିନିଦିନ ପରେ ସେହି ସିଂହକୁ ଡାୟସନିସ୍‌ଙ୍କ ଆଗରେ ଛାଡ଼ିଦିଆଗଲା । ଭୋକିଲା ସିଂହ ଗର୍ଜନ କରି ଡାୟସନିସ୍‌ଙ୍କ ସାମନାକୁ ଆସିଲା । ଡାୟସନିସଙ୍କ ନିକଟକୁ ଆସି ସେ ଶାନ୍ତ ଭାବରେ ବସିଗଲା । ତା'ର ଗୋଡ଼ରୁ କଣ୍ଟା କାଢ଼ି ତାକୁ ବିପଦରୁ ରକ୍ଷା କରିଥିବା ଡାୟସନିସ୍‌ଙ୍କୁ ଚିହ୍ନିଦେଲା । ତାକୁ ନୂଆ ଜୀବନ ଦେଇଥିବା ବ୍ୟକ୍ତିର ସେ କିଛି ନ କରି ଶେଷକୁ ପଛକୁ ବୁଲି ଜଙ୍ଗଲ ଆଡ଼େ ଚାଲିଗଲା ।

"ଦେଖିଲ ତ ! ହିଂସ୍ର ସିଂହ ବି ନିଜର ତିନିଦିନର ଭୋକକୁ ଭୁଲି ନିଜକୁ ବିପଦରୁ ରକ୍ଷା କରିଥିବା ଲୋକର ଯେତେବେଳେ କିଛି କ୍ଷତି କରି ନ ପାରେ, ସେତେ-ବେଳେ ବିପଦରେ ସାହାଯ୍ୟର ହାତ ବଢ଼ାଇଥିବା ଏ କୁକୁରଟି କିପରି ଆମର କ୍ଷତି କରିପାରିବ ବୋଲି ତୁମେମାନେ ମନରେ ଭାବୁଛ ?"

ଏହା ଭିତରେ ପଶୁଡାକ୍ତର ରାମୁକାକାଙ୍କୁ ଭିତରକୁ

ଡାକିଲେ । କ୍ଷତାକ୍ତ କୁକୁରଟି ଏହା ଭିତରେ ଟିକେ ସୁସ୍ଥ ହୋଇ ସାରିଥାଏ । ତା'ପାଇଁ ଆଉ କୌଣସି ବିପଦ ନ ଥାଏ । ରାମୁକାକାଙ୍କ ସହ ଗୁଡୁଲୁ ଡୁଡୁଲୁ ବି ଭିତରକୁ ଗଲେ । କୁକୁରଟି ପାଖରେ ପହଞ୍ଚି ରାମୁକାକା ତା'ର ମୁଣ୍ଡକୁ ନିଜ ହାତରେ ଆଉଁସିଦେଲେ । ଗୁଡୁଲୁ, ଡୁଡୁଲୁଙ୍କୁ ପାଖକୁ ଡାକିଲେ । ପିଲାଦୁହେଁ ରାମୁକାକାଙ୍କ ପାଖରେ ପହଞ୍ଚି ନିଜ କୋମଳ ହାତରେ କୁକୁରଟିକୁ ଧୀରେ ଆଉଁସିଦେଲେ ।

କୁକୁରଟି ଆଖିରୁ ଏବେ ବି ଲୁହର ଧାର ବହିଯାଉଥିଲା; କିନ୍ତୁ ତାହା ଥିଲା ସମବେଦନାର ଲୁହ । ସତେ ଯେମିତି ସେ ସମସ୍ତଙ୍କୁ ନିଜ ଭାଷାରେ ଧନ୍ୟବାଦ ଜଣାଉଥିଲା । ଗୁଡୁଲୁ, ଡୁଡୁଲୁ ସେତେବେଳକୁ ସବୁ ବୁଝିସାରିଥିଲେ, ବିପଦରେ ଅନ୍ୟକୁ ସାହାଯ୍ୟ କରିବା ଏକାନ୍ତ ଆବଶ୍ୟକ ବୋଲି ।

*ମାରଡ଼ା, ଗୋପୀନାଥପୁର, ସାଲେପୁର, କଟକ- ୭୫୪୨୦୩*

---

# ଗତିଶୀଳ ପୋଲ ସମୂହ

(କେତେକ ଜଟିଳ ସମସ୍ୟାର ସମାଧାନ କରିବାରେ ସିଭିଲ୍ ଇଂଜିନିୟରମାନଙ୍କର ଉନ୍ନତ ଚିନ୍ତାଧାରା ସହିତ କାର୍ଯ୍ୟପ୍ରଣାଳୀର ସଫଳ ପ୍ରୟୋଗର ଉଦାହରଣ ଦେଖିଲେ ଆମେ ଜାଣିପାରିବା– ସେମାନେ କେତେ ସୁନ୍ଦର ଓ ବିଚକ୍ଷଣ ନକ୍ସା କରିପାରନ୍ତି । ସେମାନେ ଏଭଳି ପୋଲର ପରିକଳ୍ପନା କରି ନିର୍ମାଣ କରିଛନ୍ତି ଯେ ସେହି ପୋଲ ଉପରେ ପଥଚାରୀ, ସାଇକେଲ ଆରୋହୀ ଏବଂ କାର୍‌ସବୁ ଆରାମରେ ଯାତ୍ରା କରିପାରିବ ଏବଂ ଦରକାର ହେଲେ ସଙ୍ଗେ ସଙ୍ଗେ ଏହି ପୋଲକୁ ଅକ୍ଳେଶରେ ଘୁଞ୍ଚାଯାଇ କେନାଲ ଜଳରେ ଚଳପ୍ରଚଳ କରୁଥିବା ଛୋଟ ଜାହାଜ ପାଇଁ ବାଟ ମଧ୍ୟ ଖୋଲିଦେଇ ପାରିବ । ସେହିଭଳି କେତେକ ପୋଲ ବିଷୟରେ...)

**୧)** ଫ୍ରାନ୍ସରେ ଡେଲ୍‌ମାସ୍‌ଠାରେ ପଣ୍ଟ୍‌ଜ୍ୟାକ୍‌ସ୍ ଚାବନ ପୋଲ (Pont Jacqus Chaban Bridge)– ଏହି ପୋଲଟି ୟୁରୋପ୍ ମହାଦେଶର ସବୁଠାରୁ ଅଧିକ ଲମ୍ବବିଶିଷ୍ଟ ଉପରକୁ ଉଠିପାରୁଥିବା ପୋଲ । ଏଥିରେ ଚାରୋଟି ପଥ (lane) ରହିଛି ଏବଂ ଗୋଟିଏ କଡ଼ରେ ପଥଚାରୀ ଓ ସାଇକେଲ ଆରୋହୀଙ୍କ ପାଇଁ ସ୍ୱତନ୍ତ୍ର ରାସ୍ତା ରହିଛି । ଏହି ଲିଫ୍ଟଭଳି ହୋଇଥିବା ପୋଲକୁ ଦୃଢ଼ ଭାବେ ଧରି ରଖିବା ପାଇଁ ୪ଟି ସ୍ୱତନ୍ତ୍ର ଖମ୍ବ ରହିଛି ଏବଂ ଏହି ପୋଲକୁ ୫୦ମିଟର ଉଚ୍ଚତା ପର୍ଯ୍ୟନ୍ତ ଉଠାଯାଇପାରିବ । ଛୋଟ ଜାହାଜ ଯିବା ସମୟରେ ଏହି ପୋଲକୁ ଉଠାଇ ଦିଆଯାଏ ଏବଂ ପୁନର୍ବାର ତଳକୁ ଖସାଇ ଦିଆଯାଏ ।

**୨)** ଇଂଲଣ୍ଡରେ ଗେଟ୍‌ସ୍‌ହେଡ ମିଲେନିୟମ ପୋଲ (Gateshead Millennium Bridge)– ଏହି ପୋଲର ଆଉ ଗୋଟିଏ ମଜାଦାର ନାମ ରହିଛି– ଆଖି ମିଟିକା ପୋଲ (Winking Eye Bridge) । କାରଣ ଏହା ଯେତେବେଳେ ଗତିଶୀଳ ହୁଏ, ସେତେବେଳେ ଆଖିପତା ଭଳି ଦିଶେ । ଏଥିରେ ପାଦଚଲା ଏବଂ ସାଇକେଲ ଆରୋହୀଙ୍କ ପାଇଁ ରାସ୍ତା ରହିଛି । ଏହି ସମ୍ପୂର୍ଣ୍ଣ ପୋଲଟି ଘୂରିଲାବେଳେ ଉପର ବୃତ୍ତାକାର ଖିଲାଣଟି ତଳକୁ ହୁଏ ଓ ପୋଲଟି ଉପରକୁ ଉଠିଯାଏ । ଫଳରେ ପାଣି ଉପରେ ଅଧିକ ଜାଗା ମିଳିବାରୁ ତଳେ ଛୋଟ ଜାହାଜସବୁ ସହଜରେ ଯାଇପାରନ୍ତି । ପୁଣି ଏହା ଯଥାସ୍ଥାନକୁ ଆସି ରାସ୍ତାର କାମ କରେ । (ଆଉ କେତେକ ଅନ୍ୟଥରକୁ)

*(ଫଟୋଚିତ୍ର ପାଇଁ ପ୍ରଚ୍ଛଦ ଦେଖନ୍ତୁ)*

-ସଂଗୃହୀତ

# ଗୋପବନ୍ଧୁଙ୍କ ଛାତ୍ର ଚିନ୍ତା

ଲକ୍ଷ୍ମୀପ୍ରିୟା ଦାସ

ବୃକ୍ଷରାଜି ଘେରା ବନ ବିଦ୍ୟାଳୟେ
ଆସିଲେ ପରିଦର୍ଶକ,
ଚାଳଛପରର ଛାତ୍ରାବାସ ଦେଖି
ଛାତି ହେଲା ଧକଧକ ।
ଗଛ ତଳେ ବସି ପାଠ ପଢୁଥିବା
ଛାତ୍ରଙ୍କୁ ଦେଖିବା ପରେ,
ଉତ୍କଳମଣିଙ୍କୁ ନିକଟକୁ ଡାକି
ବୁଝାଇଲେ ଏକାନ୍ତରେ,
"ନିର୍ମାଣ କରନ୍ତୁ ମାଟି ଘର ଭାଙ୍ଗି
ଛାତ୍ର ଲାଗି କୋଠାଘର
ଏଭଳି ଚଳିଲେ ବୁଝିବେନି ଛାତ୍ର
ନୂଆ ରୁଚି ସମାଜର ।"

କିଛି କ୍ଷଣ ଚୁପ୍ ରହି ଗୋପବନ୍ଧୁ
କହିଲେ ଅଧୋବଦନେ,
"ଛାତ୍ର ଜୀବନରେ ଶୋଭା ପାଏ ନାହିଁ
ବାସ ବିଳାସ ବ୍ୟସନେ ।
ଯେଉଁ ଚାଳଘର ରହିଛି ଗ୍ରାମରେ
ବାପା, ଜେଜେବାପାଙ୍କର,
ଭଲଲାଗିବନି ସେ ଘରଟି ଆଉ
ଦେଖି ଦେଖି କୋଠାଘର ।
ଭୋଗବିଳାସରେ ମାତିଯିବା ପରେ
ବଢ଼ିବ ଅଭାବ ଭୟ,
ସଫଳ ହେବାକୁ ଆଦରିବେ ଚୋରି
ଅବା ଅସାଧୁ ଉପାୟ ।
ଅମଣିଷ ହେବେ ଛାତ୍ରମାନେ ସବୁ
ଅନୁନ୍ନତ ହେବ ଦେଶ,
ବନ ବିଦ୍ୟାଳୟେ କରୁଛି ପ୍ରୟାସ
ଗଢ଼ିବି ଭଲ ମଣିଷ ।
ଭଲ ମଣିଷଟେ ହୋଇବା ନିମନ୍ତେ
ଲୋଡ଼ାନାହିଁ କୋଠାଘର",
ପରିଦର୍ଶକଙ୍କ ଆଖି ଭିଜାଇଲା
ଭାବବିହ୍ୱଳ ଉତ୍ତର ।
ଯିବା ପରେ ପରିଦର୍ଶକ ସାହେବ
ଆସିଲା ନିର୍ଦ୍ଦେଶନାମା,
ବିଦ୍ୟାଳୟେ ଲୋଡ଼ା ନାହିଁ କୋଠାବାଡ଼ି
ବୃଦ୍ଧି ହେଉ ସବୁଜିମା ।
ଉଦାର, ବିଶାଳ ହେବ ମନପ୍ରାଣ
ସୃଷ୍ଟି ହେଲେ ଉପବନ,
ସୁଖସମୃଦ୍ଧିରେ ଭରିଯିବ ଦେଶ
ସୁନ୍ଦର ହେବ ଜୀବନ ।

*ସୁଦର୍ଶନ ନଗର, ପୁରୀ- ୭୫୨୦୦୨*

# ବୁଦ୍ଧି ପରୀକ୍ଷା

ଶ୍ରୀ ସହଦେବ ସାହୁ

**୧ ।** ସ୍କୁଲ୍‌ରେ ମାରାଥନ୍ (ଦୌଡ଼) ପ୍ରତିଯୋଗିତାରେ ରାମ ଓ ଶ୍ୟାମ ଦୁଇଭାଇ ଯୋଗ ଦେଇଥିଲେ । ଘରକୁ ଆସିବାରୁ ବାପା ସେମାନଙ୍କୁ ପଚାରିଲେ, "ଦୌଡ଼ରେ କ'ଣ ହେଲା ?"

ରାମ ଉତ୍ତରଦେଲା, "ସେତେ ଭଲ ହେଲା ନାହିଁ । ତଥାପି ମୁଁ ଏମିତି ଭାବରେ ଦୌଡ଼ିଲି ଯେ ମୋ ଆଗରେ ଯେତେ ଜଣ ଥିଲେ, ମୋ' ପଛରେ ତା' ଦୁଇଗୁଣ ପିଲା ପଡ଼ି ରହିଥିଲେ ।"

ଶ୍ୟାମ କହିଲା, " ମୋ ପଛରେ ଯେତେ ଜଣ ଥିଲେ, ସେମାନଙ୍କ ମଧ୍ୟରୁ ଆଠଜଣ ଯଦି ଆଗରେ ଥାଆନ୍ତେ, ତେବେ ମୋ ଆଗରେ ଦୌଡ଼ୁଥିବା ପିଲାଙ୍କ ସଂଖ୍ୟା ପଛରେ ଥିବା ପିଲାଙ୍କ ସଂଖ୍ୟାର ଦୁଇଗୁଣ ହୋଇଥା'ନ୍ତା ।"

ବାପା ପଚାରିଲେ, "ରାମ କ'ଣ ତୋ ଆଗରେ ଥିଲା ?" ଶ୍ୟାମ କହିଲା, "ମୁଁ ଠିକ୍ ତା'ପଛେ ପଛେ ଥିଲି ।"

ଉପରର କଥାବାର୍ତ୍ତାରୁ ଆପଣ ଅଙ୍କ କଷି କହିପାରିବେ କି ସେଠାରେ କେତେଜଣ ପ୍ରତିଯୋଗୀ ଥିଲେ ଓ ରାମ ଶ୍ୟାମର ସ୍ଥିତି କ'ଣ ଥିଲା ?

**୨ ।** ଆମ ଘରେ ଥିବା କାନ୍ଥଘଡ଼ିରେ ଠଂ ଠଂ କରି ୬ଟା ବାଜିବା ପାଇଁ ୩୦ ସେକେଣ୍ଡ୍ ଲାଗେ । ସେଥିରେ ବାରଟା ବାଜିବା ପାଇଁ କେତେ ସେକେଣ୍ଡ୍ ଲାଗିବ ?

**୩ ।** ନିମ୍ନୋକ୍ତ ଉକ୍ତିଗୁଡ଼ିକରେ କେତେକ ଦୋଷ ରହି-ଯାଇଛି । ସେଗୁଡ଼ିକୁ ବାହାର କରନ୍ତୁ ।

କ) ମୋର ଜଣେ ମୁଦ୍ରା (Coin) ସଂଗ୍ରାହକ ବନ୍ଧୁ କହିଲେ, "ଦେଖିଲୁ ଶୁଭେନ୍ଦ୍ର, ମୁଁ ଗୋଟିଏ ପ୍ରଥମ ରାଣୀ ଏଲିଜାବେଥ୍‌ଙ୍କ ସମୟର ମୁଦ୍ରାଟିଏ ପାଇଛି । ଦେଖିଲୁ, ଏଥିରେ ମଧ୍ୟ ପ୍ରଥମ ଏଲିଜାବେଥ୍ (Elizabeth-1) ଲେଖାଅଛି ।

ଖ) ଆମ ସ୍କୁଲ୍ ପାଠାଗାରରେ ସମ୍ରାଟ ଅଶୋକଙ୍କର ଗୋଟିଏ ଆଲୋକଚିତ୍ର ରଖାଯାଇଛି ।

**୪ ।** (କ) ମୋର ଜନ୍ମଦିନ ଜାନୁଆରୀ ୨୭ ତାରିଖରେ ପଡ଼େ । ମୋର ବନ୍ଧୁଙ୍କଠାରୁ ମୁଁ ଠିକ୍ ଚାରିଦିନ ବଡ଼ । ଏ ବର୍ଷ ଜନରାଜ୍ୟ ଦିବସ (ରିପବ୍ଲିକ୍ ଡେ) ଗୁରୁବାର ପଡ଼ିଥିଲା । ତେବେ ମୋର ବନ୍ଧୁ ସପ୍ତାହର କେଉଁ ବାରରେ ଜନ୍ମ ହୋଇଥିଲେ ?

(ଖ) କଲିକତାରେ ଗୋଟିଏ ରାସ୍ତାରେ ଗଲାବେଳେ ଆମେ ଦେଖିଲୁ ଯେ କୌଣସି ଏକ 'କେଶବିନ୍ୟାସକାରୀ କାର୍ଯ୍ୟାଳୟ' (ହେୟାର ସାଲୁନ୍)ରେ ଦୁଇଜଣ ଲୋକ ଆମକୁ ଚାହିଁଲେ । ପରେ ବୁଝି ଆଶ୍ଚର୍ଯ୍ୟ ହେଲୁ । ସେମାନଙ୍କ ମଧ୍ୟରୁ ଜଣେ ହେଉଛି ଅନ୍ୟଜଣଙ୍କର ପୁଅର ବାପ । ଏକଥା କିପରି ହେଲା ?

**୫ ।** ବାପାଙ୍କର, ମାଆଙ୍କର, ଲକ୍ଷ୍ମୀଧରର ଓ ସୀତାର ବୟସ ମିଶି ୭୩ ବର୍ଷ । କିନ୍ତୁ ଲକ୍ଷ୍ମୀଧରକୁ ୯ ବର୍ଷ ଓ ସୀତାକୁ ୫ ବର୍ଷ । ତେବେ ୬ ବର୍ଷ ତଳେ ସେମାନଙ୍କର ବୟସ ସବୁ ମିଶି କେତେ ଥିଲା ?

**୬ ।** ନିମ୍ନରେ ଗୋଟିଏ ପ୍ରହେଳିକା ଦିଆଗଲା, ତା'ର ସମାଧାନ କ'ଣ ?

"ହଳଦି ଗୁରୁ ଗୁରୁ ରାମ ରାଉତ
ଘରେ ଭାତ ନାହିଁ ପିଲା ଭଉତ ।"

*(ଉତ୍ତର ୪୧ ପୃଷ୍ଠାରେ)*

ଶ୍ରୀ ସୁରେଶ କୁମାର ପଣ୍ଡା

## ✤ କିଏ ମହାନ୍ ?

ଦିନେ ମହାନ୍ ଦାର୍ଶନିକ 'କନଫୁସିଅସ'ଙ୍କ ନିକଟକୁ ଆସି ସେ ରାଜ୍ୟର ରାଜା କହିଲେ, "ରାଜ୍ୟରେ ହିଂସା, ଦ୍ୱେଷ, ଛଳ, କପଟ ପ୍ରଭୃତି ଆସୁରିକ ପ୍ରବୃତ୍ତି ବଢ଼ିବାରେ ଲାଗିଛି । ଯେଉଁଠି ଦେଖ ଅଧର୍ମର ରାଜୁତି । କ'ଣ ରାଜ୍ୟରେ କେହି ସଦାଚାରୀ ଓ ନିଃସ୍ୱାର୍ଥ ବ୍ୟକ୍ତି ନାହାନ୍ତି ?"

'ନିଶ୍ଚୟ ଅଛନ୍ତି !' ଉତ୍ତରଦେଲେ କନଫୁସିଅସ୍ ।

'ସେ ଜଣକ କିଏ, ଯାହାକୁ କି ଆମେ ମହାନ୍ କହିବା ?' ରାଜା ପୁଣି ପଚାରିଲେ ।

"ଆପଣ" – ଉତ୍ତର ଦେଲେ କନ୍‌ଫୁସିଅସ୍ ।

–ଆପଣ ମୋତେ ମହାନ୍ କହିପାରନ୍ତି; କିନ୍ତୁ ମୋ'ଠାରୁ ବଳି ମଧ୍ୟ କେହି ଜଣେ ଥାଇପାରେ ।"

"ସେଇ ଜଣକ ମୁଁ ନିଜେ ! ମୋତେ ମହାନ୍ କୁହାଯିବାର କାରଣ ଆପଣଙ୍କ ଭଳି ମହାନ୍ ବ୍ୟକ୍ତି ମୋର ଶିଷ୍ୟ ।"

''ମୋର କହିବାର ଉଦ୍ଦେଶ୍ୟ ହେଲା– ଆମଦୁହିଁଙ୍କ ଠାରୁ ମଧ୍ୟ କେହି ମହାନ୍ ଥାଇପାରନ୍ତି ।'' –ରାଜା ନିଜର କଥାଟିକୁ ପରିଷ୍କାର କଲେ ।

ରାଜାଙ୍କ କଥା ଶୁଣି କନଫୁସିଅସ୍ କହିଲେ, "ମହାନ୍ ବ୍ୟକ୍ତି ଖୋଜିବୁଲିବା କିଛି ଆବଶ୍ୟକ ନାହିଁ । ଏଭଳି ଶହ ଶହ ବ୍ୟକ୍ତି ଆମ ଚାରିପାଖରେ ଘୂରିବୁଲୁଛନ୍ତି । ଆମ ହୃଦୟରେ ଉଚ୍ଚ ଭାବନା ନ ଥିବାରୁ ଆମେ ତାଙ୍କୁ ଚିହ୍ନିପାରୁନାହୁଁ ।"

ଏପରି କଥା ହେଉ ହେଉ ଦୁହେଁ ଗୋଟିଏ ସ୍ଥାନରେ ପହଞ୍ଚିଲେ । ଜଣେ ସତୁରି/ଅଶୀ ବର୍ଷର ବୃଦ୍ଧ ସେଠାରେ କୂଅ ଖୋଳୁଥାଏ । ଝାଳବୋହି ତା' ଶରୀର ଓଦା ହୋଇଯାଇଥାଏ । ପାଖକୁ ଯାଇ କନଫୁସିଅସ ପ୍ରଶ୍ନ କଲେ– ଏଇ ପରିଣତ ବୟସରେ କୂଅ ଖୋଳିବା କି ଆବଶ୍ୟକ ? ତୁମେ ଆଉ କେତେ ବର୍ଷ ବା ବଞ୍ଚିବ ?

ବୃଦ୍ଧଜଣକ କାମ ବନ୍ଦ କରି ତାଙ୍କୁ ଚାହିଁଲେ । ତା'ପରେ ଦୀର୍ଘନିଶ୍ୱାସ ତ୍ୟାଗକରି କହିଲେ– ମୁଁ କେତେବର୍ଷ ବଞ୍ଚିବି, ସେ କଥା ଜାଣେନା । କିନ୍ତୁ ମୁଁ ମରିବା ପରେ ଅନ୍ୟମାନେ ତ ଏଇ କୂଅରୁ ଜଳପାନ କରି ତୃପ୍ତ ହେବେ ! ମୋର କେବଳ ସେତିକି ଆବଶ୍ୟକ ।

ସେଠାରୁ ଫେରିବାବେଳେ କନଫୁସିଅସ୍ କହିଲେ– ରାଜା ! ଯିଏ ଅନ୍ୟର ମଙ୍ଗଳ ପାଇଁ ନିର୍ଲିପ୍ତ ଭାବରେ କାର୍ଯ୍ୟକରେ, ସେହି ବ୍ୟକ୍ତି ହେଉଛନ୍ତି ଈଶ୍ୱରଙ୍କ ତୁଲ୍ୟ ମହାନ । ଏପରି ବ୍ୟକ୍ତି ମରି ମଧ୍ୟ ଅମର ରୁହନ୍ତି ।

## ✤ ଗୀତାର ମର୍ମ ତୁମେ ହିଁ ବୁଝିଛ

ଶ୍ରୀଚୈତନ୍ୟ ମହାପ୍ରଭୁ ତୀର୍ଥାଟନରେ ବାହାରି-ଥାଆନ୍ତି । ଗୋଟିଏ ସ୍ଥାନରେ ଦେଖିଲେ ଜଣେ ବ୍ରାହ୍ମଣ ଏକାଗ୍ର ଚିତ୍ତରେ ଗୀତାପାଠରେ ମଗ୍ନ ଅଛନ୍ତି । ତାଙ୍କ ଚକ୍ଷୁରୁ

ଲୋତକଧାର ବୋହିଯାଉଥାଏ । ଚୈତନ୍ୟ ମହାପ୍ରଭୁ ଚୁପ୍‌ଚାପ୍ ଯାଇ ବ୍ରାହ୍ମଣଙ୍କ ନିକଟରେ ଠିଆହୋଇ ରହିଲେ । ବ୍ରାହ୍ମଣଙ୍କର ତାଙ୍କ ପ୍ରତି ନଜର ନ ଥାଏ । ତାଙ୍କର ପାଠ ଶେଷ ହେବାପରେ ଶ୍ରୀଚୈତନ୍ୟ ପଚାରିଲେ– ବ୍ରାହ୍ମଣ ମହାଶୟ ! ଆପଣ କ'ଣ ଗୀତାର ତାତ୍ପର୍ଯ୍ୟ ଠିକ୍ ରୂପେ ବୁଝିପାରିଛନ୍ତି ?

ଚୈତନ୍ୟଙ୍କ ପ୍ରଶ୍ନ ଶୁଣି ବ୍ରାହ୍ମଣଙ୍କ ମୁଣ୍ଡ ତଳକୁ ହୋଇଗଲା । କହିଲେ– ପ୍ରଭୁ ! ଗୀତାପାଠ ସମୟରେ ମୁଁ କେବଳ ଏତିକି ଦେଖିପାରେ ଯେ ରଥ ଉପରେ ଧନୁଶର ରଖିଦେଇ ଅର୍ଜୁନ ବିମର୍ଷ ହୋଇ ବସି ରହିଛନ୍ତି । ହାତରେ ଚାବୁକ ଧରି ତାଙ୍କ ଆଡ଼କୁ ମୁହଁକରି ବସି ଭଗବାନ ଶ୍ରୀକୃଷ୍ଣ ଉପଦେଶ ପ୍ରଦାନ କରୁଛନ୍ତି । ତା'ଛଡ଼ା ମୁଁ ଆଉକିଛି ଜାଣେ ନାହିଁ ।

ତାହା ଶୁଣି ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଚକ୍ଷୁରୁ ଅଶ୍ରୁଧାର ବୋହିପଡ଼ିଲା । ବ୍ରାହ୍ମଣଙ୍କୁ କୁଣ୍ଢେଇଧରି କହିଲେ– ତୁମେ ହିଁ କେବଳ ଗୀତାର ତତ୍ତ୍ୱ ବୁଝିପାରିଛ । ତୁମର ଦର୍ଶନ ଲାଭ କରି ନିଜକୁ ମୁଁ ଧନ୍ୟ ମନେକରୁଛି ।

*ଗୁମୁଡ଼ା, ଭୈରବ ସିଂହପୁର, କୋରାପୁଟ-୭୬୪୦୫୭*

## ସାଧାରଣ ଜ୍ଞାନ ପରୀକ୍ଷା

ଶ୍ରୀ ଜ୍ୟୋତିରଂଜନ ବିଶ୍ୱାଳ

୧. ମହାକାଶରେ ଚଲାବୁଲା କରିଥିବା ପ୍ରଥମ ମହିଳାଙ୍କର ନାମ କ'ଣ ?

୨. ଜତିନ୍ ଖାନ୍ନା ହିନ୍ଦୀ ଚଳଚ୍ଚିତ୍ର ଜଗତରେ କେଉଁ ଲୋକପ୍ରିୟ ନାମରେ ଜଣାଶୁଣା ?

୩. ବ୍ରିଟିଶ ଇଣ୍ଡିଆ କମିଟି (British India Committee- 1889) କେଉଁ ଅନୁଷ୍ଠାନର ଏକ ଶାଖା ?

୪. ଭାରତର ପ୍ରଥମ ଦଳିତ ମହିଳା ମୁଖ୍ୟମନ୍ତ୍ରୀଙ୍କର ନାମ କ'ଣ ?

୫. ଗ୍ରୀକ୍ ପୁରାଣ ଅନୁସାରେ ପୃଥିବୀର ପ୍ରଥମ ମହିଳାଙ୍କର ନାମ କ'ଣ ?

୬. କେଉଁ ପ୍ରସିଦ୍ଧ ହକି ଖେଳାଳିଙ୍କର ଆତ୍ମଜୀବନୀର ନାମ 'ଗୋଲ'(Goal) ?

୭. ଜିରାଫ୍ କାହା ସାହାଯ୍ୟରେ ତା'ର କାନଗୁଡ଼ିକ ସଫା କରେ ?

୮. ଟୁଏନ୍‌ସାଙ୍ଗ୍ (Tuensang) କେଉଁ ରାଜ୍ୟର ଏକ ଜିଲ୍ଲାର ନାମ ?

୯. 'ଅଭିଶପ୍ତ ଗନ୍ଧର୍ବ' ପୁସ୍ତକର ଲେଖକ କିଏ ?

୧୦. G.E.F ର ପୂର୍ଣ୍ଣରୂପ କ'ଣ ?

*ଦୁର୍ଗାପୁର, ତାଳଚେର, ଅନୁଗୁଳ- ୭୫୯୧୦୦*

(ଉତ୍ତର ୩୬ ପୃଷ୍ଠାରେ)

# ଶୀତ ରାତିର ଭୂତ

ଶ୍ରୀ ନିକୁଞ୍ଜ ବିହାରୀ ସାହୁ

ନାଲୁ, ବୁଲୁ ଦି'ସାଙ୍ଗ । ସେଦିନ ବିଦ୍ୟାଳୟର ବାର୍ଷିକ ଉତ୍ସବ ସରୁ ସରୁ ବହୁତ ଡେରି ହୋଇଯାଇଥିଲା । ଦି'ସାଙ୍ଗ ଘରକୁ ଫେରୁଥା'ନ୍ତି । ଦୂର ଗାଁରେ ସେମାନଙ୍କର ଘର । ଶୀତ ରାତି । ଅନ୍ଧାର ରାସ୍ତା । ଚାରିଆଡ଼ ଶୂନ୍‌ଶାନ୍ । ଲୋକବାକର ସୋର୍ ଶବ୍ଦ ନାହିଁ । ଯାହା ଖାଲି ଦୂରରୁ ଗୋଟିଏ ଗାଡ଼ିର ଆଲୁଅ ଦେଖାଯାଉଥାଏ । ହଠାତ୍ ଗୋଟିଏ ଦୃଶ୍ୟ ଦେଖି ନାଲୁ, ବୁଲୁ ଚମକି ଉଠିଲେ । ଗାଡ଼ି ଆଲୁଅରେ ଶୂନ୍ୟରେ ଝଲସି ଉଠିଲା ଜଣେ ଲୋକର ବିରାଟ ଛାଇ । ଛାଇଟି ଜୋର୍‌ରେ ଦୌଡ଼ି ପୁଣି ଶୂନ୍ୟରେ ମିଳାଇଗଲା ।

ଦି'ସାଙ୍ଗ ଧରିନେଲେ ସେଇଟା ଗୋଟେ ଭୂତ । ସେମାନେ ବୁଢ଼ୀମା'ଙ୍କଠାରୁ ଶୁଣିଥିଲେ ଅନ୍ଧାର ଶୂନ୍‌ଶାନିଆ ରାସ୍ତାରେ କୁଆଡ଼େ ବେଳେବେଳେ ଏମିତି ବିଚିତ୍ର ମୁହଁଟିମାନ ଦେଖାଯାଏ । ଏହାକୁ ଦେଖି ଲୋକେ ଡରିମରି ଝାଡ଼ା, ବାନ୍ତି, ମୂର୍ଚ୍ଛା ଓ ଏପରିକି ମରିଯା'ନ୍ତି । ଦୁଇ ସାଙ୍ଗ ବା ଆଉ କରନ୍ତେ କ'ଣ, ପ୍ରାଣ ବିକଳରେ ଦୌଡ଼ିଲେ । ଦୌଡ଼ି ଦୌଡ଼ି ଏକାନିଶ୍ୱାସରେ ପହଞ୍ଚିଲେ ଗାଁରେ । ବାଟରେ ଦେଖାହେଲେ ଟ୍ୟୁସନ୍ ସାର୍ । ସେ ନାଲୁ, ବୁଲୁଙ୍କ ଏପରି ଅବସ୍ଥା ଦେଖି କ'ଣ ହୋଇଛି ବୋଲି ପଚାରିଲେ । ନାଲୁ, ବୁଲୁ ଧଇଁସଇଁ ହୋଇ ବାଟରେ ଦେଖିଥିବା ଭୂତ କଥା କହିଲେ ।

ଟ୍ୟୁସନ ସାର୍ କହିଲେ, "ନାଇଁରେ ବୋକା ! ସେଇଟା ଭୂତ ନୁହେଁ, ଏକ ଛାଇ । ବିଜ୍ଞାନରେ ପଢ଼ିଥିବ, ଆଲୋକର ଗତିପଥରେ କୌଣସି ଅସ୍ୱଚ୍ଛ ବସ୍ତୁ ରହିଲେ ତା'ର ଛାଇ ପର୍ଦା ଉପରେ ସୃଷ୍ଟି ହୁଏ । ପଢ଼ିଛ କି ନାହିଁ ?"

ନାଲୁ, ବୁଲୁ ମୁଣ୍ଡ ଟୁଙ୍ଗାରି 'ହଁ' ମାରିଲେ ।

ଟ୍ୟୁସନ ସାର କହି ଚାଲିଲେ, "ଶୀତ ଦିନେ କୁହୁଡ଼ି ସାଙ୍ଗକୁ ପବନରେ ବହୁତ ଧୂଳିକଣା ଉଡୁଥାଏ । ଏହା ହିଁ ଛାଇ ସୃଷ୍ଟି ହେବା ପାଇଁ ଏକ ପର୍ଦାସଦୃଶ ଆଚରଣ କରେ । ଦୂରରୁ ଆସୁଥିବା କୌଣସି ଗାଡ଼ି ଆଗରେ ଲୋକଟିଏ ଯାଉଥିଲେ ଗାଡ଼ିର ହେଡ୍‌ଲାଇଟ୍ ଆଲୁଅରେ ଲୋକର ଛାଇ ସୃଷ୍ଟି ହୁଏ । ଆଉ ଏହି ଛାଇ ବହୁଦୂର ଗତି କରି ବର୍ଦ୍ଧିତ ଆକାରରେ ପବନର ଧୂଳି ଓ କୁହୁଡ଼ି କଣିକାସବୁ ଉପରେ ପଡ଼େ । ଅବଶ୍ୟ ଏଭଳି ଛାଇ ସାଧାରଣ ଛାଇଠାରୁ ଯଥେଷ୍ଟ ଫିକା ହୋଇଥାଏ । ଆଉ ଏହା ହିଁ ଭୂତର ଭ୍ରମ ସୃଷ୍ଟି କରେ ।"

ନାଲୁ, ବୁଲୁ ଏଥର ସବୁ ବୁଝିପାରିଲେ । ହେଲେ ତାଙ୍କ ଦେହରୁ ଗୋଟା ଝାଳ ବୋହିଯାଇଥାଏ ସେତେବେଳକୁ ।

*ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର, ଢେଙ୍କାନାଳ- ୭୫୯୦୦୧*

# କଥାଟିଏ

ଶ୍ରୀ ଶିବ ମିଶ୍ର

କଥାଟିଏ ଶୁଣ କଥାଟିଏ
ଅଜା ଯାଇଥିଲେ ବଜାରକୁ ଦିନେ
ହାତେ ଧରିଥିଲେ ଛତାଟିଏ ।
ପରିବା ଦୋକାନ ପାଖେ ଯାଇ
ଛତାଟିକୁ ତଳେ ଥୋଇଦେଇ
ପରିବା କିଣିଲେ ମୁଣିରେ ଧରିଲେ
ଛତା କଥା ଆଉ ମନେନାହିଁ ।
ପାନଖିଲଟିଏ ଖାଇ ସାରି
ଭାବିଲେ ସଅଳ ଯିବେ ଫେରି
ପୂରୁବ ଦିଗରୁ ମେଘ ଆସିଲାଣି
ପବନ ହେଲାଣି ସିରିସିରି ।
ଚାଲିଲେ ହୋଇ ସେ ତରତର
ଲୁଗା ଉଡୁଥିଲା ଫରଫର
ବିଜୁଳି ମାରିଲା ବରଷା ପଡ଼ିଲା
ଅଜା ତିନ୍ତି ହେଲେ ସରସର ।
ଥଣ୍ଡା ସରଦିରେ କାଶୁ କାଶୁ
ଦାଣ୍ଡ ବାରଣ୍ଡାକୁ ଆସୁ ଆସୁ
ଆଈ ପଚାରିଲା ଛତା କିଏ ନେଲା ?
ଗାଳିଦେଲା ଘରେ ପଶୁ ପଶୁ ।
ଅଜା ତ ଶୀତରେ ଥରୁଥିଲେ
ଆଈ କଥା ଶୁଣି ରାଗିଗଲେ
ମୁଣି ଫିଙ୍ଗିଦେଇ ଲୁଗା ବଦଳାଇ
ମୁହଁ ମାଡ଼ି ତଳେ ଶୋଇଗଲେ ।

ପରିବା ଗଡ଼ିଲା ସାରା ଘର
ଆଈ ରାଗେ ହେଲା ଗରଗର
ଆର ଘରେ ଯାଇ ପଡ଼ିଲା ସେ ଶୋଇ
ବନ୍ଦ କରିଦେଇ ରନ୍ଧାଘର ।
ଉପାସରେ ଗଲା ସାରା ରାତି
ସକାଳୁ ଆସିଲା ଗେହ୍ଲା ନାତି
କହିଲା ଆଈକୁ ନଈରୁ ଧରିକି
ମାଛ ଆଣିଛି ସେ କେତେ ଜାତି ।
ମାଗୁର ଶେଉଳ ଯେତେ ଥିବ
ବାଛି ବାଛି ଝୋଳ କରିଦବ
ମାଛତକ ମୋର ଝୋଳ ତ ତମର
ଅଜା ଆଈ ଦୁହେଁ ହାପୁଡ଼ିବ ।
ଅଜାଙ୍କୁ ଚାହିଁଲା ଆଈ ଥରେ
ହସୁଥିଲେ ଅଜା ଧୀରେଧୀରେ
ଆଈ ହସି ଦେଇ, ମାଛତକ ନେଇ
ସିଧା ପଶିଗଲା ରନ୍ଧାଘରେ ।

*ବାଣପୁର, ଖୋରଧା*

# ପକ୍ଷୀପ୍ରେମୀ

ନିବେଦିତା ଷଡ଼ଙ୍ଗୀ

ଓମ୍ ପ୍ରତି ଛୁଟିରେ ତା ଅଜାଙ୍କ ଗାଁ'କୁ ବୁଲିବାକୁ ଯାଏ । ଅଜା ପଶୁ, ପକ୍ଷୀ ଓ ଗଛକୁ ଭାରି ଭଲପାଆନ୍ତି । ଅଜା ବଡ଼ି ଭୋରୁ ଉଠି ତାଙ୍କ ବଡ଼ ଅଗଣାକୁ ଓଳେଇଦେଇ ଖୁଦମିଶା ଚାଉଳ ବିଞ୍ଛିଦିଅନ୍ତି । ଅଳ୍ପ ସମୟ ଭିତରେ ପାରା, ଶୁଆ, କୁଆ, କୁଣ୍ଡାଖିଆ ଚଢ଼େଇମାନେ ଆସି ଚାଉଳ ଖାଆନ୍ତି ।

ଅଜା ପ୍ରତିଦିନ ସକାଳେ ବଗିଚାର ଗଛସବୁର ଯତ୍ନ ନିଅନ୍ତି । ଅଜାଙ୍କ ସହ ଓମ୍ ଗଛରେ ପାଣି ଦେଲାବେଳେ ଦେଖେ ପିଜୁଳି ଗଛରେ ବହୁତ ଶୁଆ ବସି ପିଜୁଳି ଖାଉଥାଆନ୍ତି ।

ଘରକୁ ଫେରିବା ପରେ ପରେ ମାମାଙ୍କ ସହ ଲାଗି ଲାଗି ଓମ୍ ଶୁଆଟିଏ କିଣିଆଣିଲା । ଶୁଆଟିକୁ ବୁଟ, ପାଚିଲା କଦଳୀ, ପିଜୁଳି ଖାଇବାକୁ ଦେଲା । ତା' ପିଇବା ପାଣି, ଗୋଧୋଇବା ପାଣିକୁ ପ୍ରତିଦିନ ବଦଳାଉଥିଲା ।

ଓମ୍‌ର ଶୁଆକିଣା ଖବର ଶୁଣି ଅଜା ଆସି ପହଞ୍ଚିଲେ । ଶୁଆ ବିଷୟରେ ଗପି ଗପି, ଅଜା ଆଣିଥିବା ଆରିସା ପିଠା ଖାଇ ଓମ୍ ଶୋଇପଡ଼ିଲା । ନିଦ ଭାଙ୍ଗିବା ବେଳକୁ ଦେଖେ ତ ସେ ଗୋଟିଏ ବଡ଼ ପିଞ୍ଜରା ଭିତରେ ଅଛି । ଓମ୍ ପିଞ୍ଜରା ଦ୍ୱାରକୁ ଖୋଲିବାକୁ ଚେଷ୍ଟାକଲା ପାରିଲାନି । ଏବେ ତା'ର ଶୁଆ କଥା ମନେପଡ଼ିଲା । ଶୁଆଟି ମଧ୍ୟ ବେଳେବେଳେ ଥଣ୍ଟରେ ପିଞ୍ଜରା ଦ୍ୱାରକୁ ଖୋଲିବାକୁ ଚେଷ୍ଟାକରେ, ପାରେନି ।

ଓମ୍ ପାଟି କରି ଡାକିଲା । କେହି ଶୁଣିଲେନି । ବିରକ୍ତ ହୋଇ ପିଞ୍ଜରା ଭିତରେ ଥୁଆହୋଇଥିବା କିଛି ବିସ୍କୁଟ୍, ମିଠା ଖାଇଲା । କିଛି ବି ତାକୁ ଭଲଲାଗିଲାନି । କାନ୍ଦି କାନ୍ଦି ହାଲିଆ ହୋଇ ପୁଣି ଶୋଇପଡ଼ିଲା । ତା' ମୁହଁ ପାଖରେ କାଗଜଟିଏ ପଡ଼ିବା ପରି ଲାଗିଲା । ଉଠିକି କାଗଜଟି ଖୋଲିଲା, "ଓମ୍ ଭାଇ, ଏତିକି ସମୟ ରହିପାରୁନଟି ! ମୋତେ କେତେ କଷ୍ଟ ହେଉଥିବ ଭାବିଲ ! ଇତି ତୁମର ପ୍ରିୟ ଶୁଆ ।"

ଅଜାଙ୍କ ଅକ୍ଷର ଚିହ୍ନିପାରି ଓମ୍ ରଡ଼ି ଛାଡ଼ିଲା, "ଅଜା ମୋତେ ଖୋଲିଦିଅ, ମୁଁ ଏଇନେ ଶୁଆକୁ ଉଡ଼େଇଦେବି !'' ଅଜା ପିଞ୍ଜରାର ଦ୍ୱାର ଖୋଲି-ଦେଲେ । ଓମ୍ ମଧ୍ୟ ଶୁଆଟିର ପିଞ୍ଜରାର ଦ୍ୱାର ଖୋଲିଦେଲା । ଶୁଆଟି ବାହାରିଆସି ପିଞ୍ଜରାର ଉପରେ ବସିଲା । ଟିକେ ପରେ ଉଡ଼ି ଉଡ଼ି ଚାଲିଗଲା ।

ଅଜା କହିଲେ– ଚଢ଼େଇମାନଙ୍କୁ ବନ୍ଦୀ କରି ରଖିଥିବା ଲୋକମାନେ 'ପକ୍ଷୀହନ୍ତା' । କାରଣ ଚଢ଼େଇମାନେ କିଛିଦିନ ପିଞ୍ଜରାରେ ରହିବା ପରେ ମରିଯାଆନ୍ତି । ଯେଉଁମାନେ ପ୍ରାକୃତିକ ପରିବେଶରେ ଚଢ଼େଇମାନଙ୍କୁ ସୁସ୍ଥ, ସୁରକ୍ଷିତ ରହିବା ପାଇଁ ପ୍ରଯତ୍ନ କରନ୍ତି, ସେମାନଙ୍କୁ 'ପକ୍ଷୀପ୍ରେମୀ' କୁହାଯାଏ । ପକ୍ଷୀମାନେ ନ ରହିଲେ ଉଦ୍ଭିଦଜଗତ ରହିବନି । ଉଦ୍ଭିଦଜଗତ ନ ରହିଲେ ପୃଥିବୀ ଜନଶୂନ୍ୟ ହୋଇଯିବ । ମୁଁ ତୋତେ 'ଡୋଡୋ' ପକ୍ଷୀ ବିଷୟରେ ସତ ଗପଟିଏ କହୁଛି । ତା'ପରେ ତୁ ମୋ କଥା ବୁଝିପାରିବୁ ।

ଆଗେ ମରିସସ୍ ଦ୍ୱୀପରେ ଖୁବ୍ ବିଶାଳ କାଲ୍‌ଭେରିଆ ଗଛ ଏବଂ କାଲଭେରିଆର ବିଭିନ୍ନ ପ୍ରଜାତିର ଗଛର ଜଙ୍ଗଲ ଥିଲା । କାଲ୍‌ଭେରିଆ ଗଛର କାଠ ଜାହାଜ ତିଆରିରେ ଲାଗୁଥିଲା । ସେଥିପାଇଁ ମରିସସ୍ ଦ୍ୱୀପର ଲୋକମାନେ କାଲ୍‌ଭେରିଆ ଗଛ ବିକ୍ରି କରି ଖୁବ୍ ଧନୀ ଭାବରେ ଚଳୁଥିଲେ ।

କିଛି ବର୍ଷ ପରେ ଦେଖାଗଲା କାଲ୍‌ଭେରିଆ ଗଛର ଜଙ୍ଗଲ ପ୍ରାୟ ଲୋପ ପାଇଗଲାଣି । ଉଦ୍ଭିଦବିତ୍-

କାଲ୍‌ଭେରିଆ ଗଛ

ମାନେ ଚିନ୍ତିତ ହୋଇ ଗବେଷଣା ଆରମ୍ଭ କଲେ । ଜଣାପଡ଼ିଲା ଯେ ଡୋଡୋ ପକ୍ଷୀର ବିଲୁପ୍ତି ଯୋଗୁଁ କାଲ୍‌ଭେରିଆ ଜଙ୍ଗଲ ଲୋପ ପାଇଆସୁଛି । ଡୋଡୋ ପକ୍ଷୀ ଆକାଶରେ ଉଡ଼ିପାରେ ନାହିଁ । ଘଞ୍ଚଜଙ୍ଗଲରୁ କାଲ୍‌ଭେରିଆ ଫଳ ଖାଏ । ଡୋଡୋ ପକ୍ଷୀର ମଳ ସହିତ ତା ପେଟରୁ ବାହାରୁଥିବା ମଞ୍ଜିରୁ ହିଁ ଅଙ୍କୁରୋଦ୍‌ଗମ୍ ହୁଏ । ଡୋଡୋ ପକ୍ଷୀଟି ଉଡ଼ି ପାରୁ ନ ଥିବାରୁ ପର୍ତ୍ତୁଗୀଜ ନାବିକମାନେ ସହଜରେ ପକ୍ଷୀକୁ ମାରି ଖାଇଗଲେ । ଡୋଡୋ ପକ୍ଷୀ ନ ଥିବାରୁ କାଲ୍‌ଭେରିଆ ଜଙ୍ଗଲ

ଉଭେଇଗଲା । ମରିସସ୍ ଦ୍ୱୀପରେ ଧନୀ ବାସିନ୍ଦାମାନେ ଖୁବ୍ ଗରିବ ହୋଇଗଲେ ।

ଏବେ ବହୁ ପ୍ରଜାତିର ପକ୍ଷୀ ବିଲୁପ୍ତ ହୋଇ-ଗଲେଣି । ସେଥିପାଇଁ ବହୁ ପ୍ରଜାତିର ଉଦ୍ଭିଦ ମଧ୍ୟ ଲୋପ ପାଇଗଲେଣି । ପକ୍ଷୀମାନଙ୍କୁ ଆମେ ନିଜର ଆନନ୍ଦ ପାଇଁ ପିଞ୍ଜରାରେ ବନ୍ଦୀ କରି ରଖିଲେ, ବୀଜବିକ୍ଷେପ କରିବ କିଏ ? ପରାଗ ସଙ୍ଗମ କରିବ କିଏ ? କ୍ଷେତମାନଙ୍କର ଫସଲ ନଷ୍ଟ କରୁଥିବା କୀଟମାନଙ୍କୁ ଖାଇବ କିଏ ? କୀଟ ନିୟନ୍ତ୍ରଣ ନ ହୋଇପାରିଲେ ଫସଲ ନଷ୍ଟ ହେଲେ ଆମେ ସବୁ ଖାଇବା କ'ଣ ?

ସବୁକଥା ବୁଝିଗଲା ଓମ୍ । ତା'ମନକୁ ମଧ୍ୟ ବୁଝାଇଦେଲା ଯେ ପଶୁପକ୍ଷୀଙ୍କୁ ବନ୍ଦୀ କରି ରଖିଲେ ସେମାନଙ୍କ ପ୍ରତି ଅନ୍ୟାୟ ହୁଏ ।

ଏବେ ଓମ୍ ଏବଂ ତାର ସାଙ୍ଗମାନେ ନିଜ ନିଜ ଘରେ ବନ୍ଦୀ କରି ରଖିଥିବା ଚଢ଼େଇମାନଙ୍କୁ ଉଡ଼େଇ ଦେଇଛନ୍ତି । ରାସ୍ତାକଡ଼ରେ ବଡ଼ ବଡ଼ ଗଛର ଚାରା ଲଗେଇ ଯତ୍ନ ନେଉଛନ୍ତି । ଅଳ୍ପ ଦିନରେ ଗଛଗୁଡ଼ିକ ବଢ଼ିଗଲେ ଚଢ଼େଇମାନେ ବସା ବାନ୍ଧିବେ । ନିଜ ନିଜ ଘରର ଛାତ ଉପରେ କୁଣ୍ଡରେ ଗଛ ଲଗେଇଛନ୍ତି । ଛାତ ଉପରେ ଚଢ଼େଇମାନଙ୍କ ପାଇଁ ଛୋଟ ଛୋଟ ପାତ୍ରରେ ପାଣି ଏବଂ ଦାନା ରଖୁଛନ୍ତି । ଚଢ଼େଇମାନେ ନିଜକୁ ନରାପଦ ମଣୁଥିବାରୁ ଓମ୍ ଏବଂ ତାର ସାଙ୍ଗମାନେ ଠିଆ ହୋଇ ପକ୍ଷୀମାନଙ୍କୁ ଦେଖୁଥିଲେ ମଧ୍ୟ; ସେମାନେ ଉଡ଼ି ନ ଯାଇ ଦାନା ଖାଉଛନ୍ତି । ବିଭିନ୍ନ ଅଙ୍ଗଭଙ୍ଗୀ କରି ଗାଧୋଉଛନ୍ତି ।

ଓମ୍ ଏବେ ବୁଝିସାରିଛି; ଚଢ଼େଇମାନଙ୍କୁ ମୁକ୍ତ ଭାବେ ପ୍ରାକୃତିକ ପରିବେଶରେ ନିକଟରୁ ଦେଖିବାର ମଜା ତାଙ୍କୁ କଷ୍ଟ ଦେଇ ବନ୍ଦୀ କରି ରଖିବାର ମୋଟେ ନ ଥାଏ ।

*ବିଶ୍ୱନାଥପୁର, ବାଲିପାଟଣା, ଖୋର୍ଦ୍ଧା- ୭୫୨୧୦୨*

# ଦେଶର ନିଷ୍ଠାପର ସେବକ ଜଣେ

୧୯୧୭ ମସିହା, ଡିସେମ୍ବର ୧ ତାରିଖରେ ବ୍ରିଟିଶ-ଭାରତର ଅଶ୍ୱସେନା ୟୁନିଟ୍ ଫ୍ରାନସ୍‌ର ଏର୍ଫ ଠାରେ କାର୍ମ୍ବାଇ ଯୁଦ୍ଧ ସମୟରେ ଶତ୍ରୁ ଜର୍ମାନବାହିନୀଙ୍କ ଦ୍ୱାରା କବଳିତ ହୋଇ ରହିବା ଫଳରେ ଏହି ଅଶ୍ୱସେନା ୬ମାଇଲ ଦୂରରେ ଥିବା ମୁଖ୍ୟ ସେନାଛାଉଣୀ ଠାରୁ ବିଚ୍ଛିନ୍ନ ହୋଇ ରହିଥିଲେ ।

ଜଣେ ସୈନ୍ୟଙ୍କ ଦ୍ୱାରା ୬ମାଇଲ ଦୂରରେ ଥିବା ମୁଖ୍ୟ ସୈନ୍ୟ ଛାଉଣୀକୁ ଉପରୋକ୍ତ ଖବରଟି ପଠାଇବାର ଜରୁରୀ ଥିଲା । ଲାନ୍ସ ଦଫାଦାର ଗୋବିନ୍ଦ ସିଂହ ରାଠୋର ଏବଂ ସୋୱାର ଜଟ୍ ରାମ୍ ଏହି କାର୍ଯ୍ୟ କରିବାକୁ ଆଗଭର ହେଲେ । ଦୁଃଖର କଥା ଜଟ୍ ରାମ୍ ବାଟରେ ଶତ୍ରୁଦ୍ୱାରା ନିହତ ହେଲା । କିନ୍ତୁ ଆଉ ଅଧ ମାଇଲ୍ ପରେ ରାଠୋରଙ୍କର ଘୋଡ଼ାଟି ଶତ୍ରୁଙ୍କ ଗୋଳାରେ ନିହତ ହେଲା । ରାଠୋର ଭୟରେ ସେ ଘୋଡ଼ା ନିକଟରେ ମୃତପ୍ରାୟ ପଡ଼ିରହିଲେ । ଶତ୍ରୁ ତାଙ୍କୁ ମୃତ ଭାବି ପଳାୟନ କଲେ ଏବଂ ଏହି ମଉକାରେ ରାଠୋର ଖୁବ୍ ଜୋରରେ ଦୌଡ଼ିବା ଆରମ୍ଭ କଲେ ।

ଶେଷ ପର୍ଯ୍ୟନ୍ତ ସେ ଦୌଡ଼ି ଦୌଡ଼ି ଅସଲ ଜାଗା ବିଗ୍ରେଡ୍ ମୁଖ୍ୟ ସେନାଛାଉଣୀ ନିକଟରେ ପହଞ୍ଚିଗଲେ । ସେଠି ଏ ଖବର ପହଞ୍ଚେଇବା ପରେ ଏ ଫେରନ୍ତା ଖବର ପୁଣି ୟୁନିଟ୍‌କୁ ପଠାଇବା ଜରୁରୀ ଥିଲା । ସେ ଗୋଟିଏ ଘୋଡ଼ା ନେଇ ତୁରନ୍ତ ଫେରନ୍ତା ଯାତ୍ରା ଆରମ୍ଭ କଲେ । କିଛି ବାଟ ଯାଇଛନ୍ତି, ସେ ଘୋଡ଼ାଟି ମଧ୍ୟ ବାଟରେ ଶତ୍ରୁର ଗୋଳାରେ ମୃତ୍ୟୁମୁଖରେ ପଡ଼ିଲା । କିନ୍ତୁ ସେ ଅପେକ୍ଷା ନ କରି ଶତ୍ରୁର ଗୁଳିବର୍ଷଣ ସତ୍ତ୍ୱେ ଦୌଡ଼ି ଦୌଡ଼ି ଫେରନ୍ତା ଖବର ଦେଇସାରିଲା ପରେ, ପୁଣି ଆଉ ଗୋଟିଏ ଜରୁରୀ ଖବର ମୁଖ୍ୟ ସେନା ଛାଉଣୀରେ ପହଞ୍ଚାଇବାକୁ ଦରକାର ହେଲା । ତାଙ୍କର ବନ୍ଧୁମାନେ ଏହି ବିପଦପୂର୍ଣ୍ଣ ରାସ୍ତା ବିଷୟରେ ତାଙ୍କୁ ସତର୍କ କଲେ ।

ସେ ଉତ୍ତରଦେଲେ– ମୁଁ ଜାଣିଛି ଏହା ବିପଦପୂର୍ଣ୍ଣ, ମାତ୍ର ମତେ ଯିବାକୁ ହେବ । ସେ ଆଉ ଗୋଟିଏ ଘୋଡ଼ା ନେଇ ଗଲେ । ଅଧାବାଟ ଯାଇଛନ୍ତି, ସେ ଘୋଡ଼ାଟି ଏକ ତୋପର ଗୁଳି ଆଘାତରେ ଦୁଇଖଣ୍ଡ ହୋଇଗଲା । ଅକଥନୀୟ ଯନ୍ତ୍ରଣା ସମଗ୍ର ଶରୀରରେ, କ୍ଷତାକ୍ତ ଅବସ୍ଥା ଏବଂ ଅତ୍ୟଧିକ ଜଳାଭାବଜନିତ ଅବସ୍ଥାରେ ଶେଷରେ ସେ ମୁଖ୍ୟ ସେନାଛାଉଣୀରେ ପହଞ୍ଚିଗଲେ ।

ଏତେ ଦୁଃଖଦ ପରିସ୍ଥିତି ପରେ ବି ସେ ଆଉ ଏକ ଖବର ଏର୍ଫକୁ ନେବାପାଇଁ ପ୍ରସ୍ତୁତ ଥିଲେ । ମାତ୍ର ତାଙ୍କୁ ଆଉ ଅନୁମତି ଦିଆଯାଇ ନଥିଲା ।

ତାଙ୍କର ନିଷ୍ଠା ଓ କର୍ତ୍ତବ୍ୟ ପ୍ରତିବଦ୍ଧତାର

ଉଦାହରଣ ଯୋଗୁଁ ତାଙ୍କୁ ମିଳିଲା ସର୍ବୋଚ୍ଚ ସାମରିକ ମର୍ଯ୍ୟାଦାଜନକ ସମ୍ମାନ 'ଭିକ୍ଟୋରିଆ କ୍ରସ୍' । ତାଙ୍କର ତୈଳଚିତ୍ର ଲଣ୍ଡନ୍‌ର ଜାତୀୟ ସେନା ସଂଗ୍ରହାଳୟରେ ସ୍ଥାନ ପାଉଛି ।

ଏ ଭିତରେ ପାଖାପାଖି ଶହେ ବର୍ଷ ବିତିଗଲାଣି । ନାତି କର୍ଣ୍ଣେଲ ରାଜେନ୍ଦ୍ର ସିଂହ ତାଙ୍କ ଜେଜେବାପା ଗୋବିନ୍ଦ ସିଂହଙ୍କର ସାହସ ଓ ଲୋମହର୍ଷଣକାରୀ ଅଭିଯାନର କଥା କହି ଉଲ୍ଲସିତ ହୋଇଉଠନ୍ତି । ତାଙ୍କର ପରିବାରର ପ୍ରାୟ ସମସ୍ତେ ସୈନ୍ୟ ବିଭାଗରେ କାର୍ଯ୍ୟ କରିବା ପାଇଁ ଜୀବନକୁ ଉତ୍ସର୍ଗ କରିଛନ୍ତି ।

ସଂଗୃହୀତ : ଇଂ ପ୍ରଭାତ ନନ୍ଦ

---

## ସମ୍ରାଟ ଭିକାରୀ ଠାରୁ ଛୋଟ ହେବେ କେମିତି ?

ନମସ୍କାରର ପ୍ରତି ନମସ୍କାର ଜଣାଇବା ଆମର ପରମ୍ପରା । ଅନେକ ଉଚ୍ଚପଦସ୍ଥ ବ୍ୟକ୍ତି ଅନେକ ସମୟରେ ପ୍ରତି ନମସ୍କାର ଜଣାଇବା ପାଇଁ ଭୁଲି-ଯାଇଥା'ନ୍ତି । ଏହା କେବେ ଉଚ୍ଚକୁଳରେ ଜାତ ଉତ୍ତମ ବ୍ୟକ୍ତିର ଲକ୍ଷଣ ହୋଇପାରେନା । ନମ୍ରତା ବିନାମୂଲ୍ୟରେ ମିଳେ, ତା'ଦ୍ୱାରା ସବୁକିଛି କ୍ରୟ କରାଯାଇପାରେ । ଜଣେ ଯେତେ ଉଚ୍ଚକୁ ଯିବ, ସିଏ ଯଦି ସେତିକି ବିନମ୍ର ହୁଏ, ତାହାର ମହତ୍ତ୍ୱ ସେତେ ବୃଦ୍ଧି ପାଏ । ଫ୍ରାନ୍‌ସର ସମ୍ରାଟ ଚତୁର୍ଥ ହେନେରୀଙ୍କ କଥା । ଥରେ ସେ' ନିଜର ସଭାସଦ, ପାତ୍ରମନ୍ତ୍ରୀ, ଅଙ୍ଗରକ୍ଷୀଙ୍କ ସହ ପ୍ୟାରିସ୍‌ର ରାଜପଥରେ ଯାଉଛନ୍ତି । ଏଇ ସମୟରେ ଗୋଟିଏ ଭିକ୍ଷୁକ ନିଜର ଟୋପି କାଢ଼ି ମସ୍ତକ ନୁଆଁଇ ସମ୍ରାଟଙ୍କୁ ଅଭିବାଦନ ଜଣାଇଲେ । ସମ୍ରାଟ ପ୍ରତି-ନମସ୍କାର ଜଣାଇବାକୁ ଭୁଲନ୍ତେ କାହିଁକି ? ସିଏ ମଧ୍ୟ ସେମିତି ଟୋପି କାଢ଼ି ମସ୍ତକ ନୁଆଁଇ ତା'ର ପ୍ରତି-ଅଭିନନ୍ଦନ ଜଣାଇଲେ ।

ଏକଥା ଦେଖି ଜଣେ ଉଚ୍ଚପଦସ୍ଥ ଅଫିସର ତାଙ୍କୁ ପଚାରିଲେ, "ସମ୍ରାଟ ! ଆପଣ ଏ ଦେଶର ଚଳନ୍ତି ପ୍ରତିମା, ଆପଣଙ୍କ ପକ୍ଷରେ ସାମାନ୍ୟ ଜଣେ ଭିକାରୀକୁ ଏପରି ନମସ୍କାର କରିବା କ'ଣ ଠିକ୍ ?"

କର୍ମଚାରୀ ଜଣଙ୍କର ସେ' ଗର୍ବ ମନୋଭାବ ଦେଖି ସମ୍ରାଟ ତାଙ୍କୁ ଖୁବ୍ ଧୀରେ ଏବଂ ସରଳ ଭାବରେ ବୁଝାଇଦେଲେ– "ଫ୍ରାନ୍‌ସର ସମ୍ରାଟ ଜଣେ ସାଧାରଣ ଭିକ୍ଷୁକ ଠାରୁ ସଭ୍ୟତା ଓ ସଂସ୍କୃତିର କମ ବୋଲି ପରିଚିତ ହେବାକୁ ଚାହାନ୍ତି ନାହିଁ । ତୁମେ କ'ଣ ଚାହଁ ତୁମର ସମ୍ରାଟଙ୍କୁ ସମ୍ମାନ ଦେବାରେ ଜଣେ ଭିକ୍ଷୁକ ମଧ୍ୟ ଟପିଯାଉ ?"

ସମ୍ରାଟଙ୍କ ଯୁକ୍ତି ଶୁଣି କର୍ମଚାରୀଙ୍କ ମୁହଁ ଲଜ୍ଜାରେ ଫିକା ପଡ଼ିଗଲା । ସେ' ନିଜର ଭୁଲ୍ କେଉଁଠି ବୁଝିପାରିଲେ ।

– ସଂଗୃହୀତ

# ମହର୍ଷି ଦୁର୍ବାସା ଚରିତ

ଶ୍ରୀ ଶତ୍ରୁଘ୍ନ ପଟ୍ଟନାୟକ

ମହର୍ଷି ଦୁର୍ବାସା ମହାନ୍ ଯୋଗୀ ବ୍ରହ୍ମର୍ଷି ବିଷ୍ଣୁଭକ୍ତ ଅତ୍ରିମୁନି ଓ ବୈଷ୍ଣବୀ ବ୍ରହ୍ମତତ୍ତ୍ୱ ଜ୍ଞାନବିତ୍ ସତୀ ସାଧ୍ୱୀ ମହିୟସୀ ଅନସୂୟାଙ୍କ ତୃତୀୟ ପୁତ୍ର ଥିଲେ ।

ମହର୍ଷି ଅତ୍ରିଙ୍କର କୌଣସି ପୁତ୍ରସନ୍ତାନ ନ ଥିବାରୁ ପତିପତ୍ନୀ ଦୁହେଁ ହିମାଳୟ ପର୍ବତର ପବିତ୍ର ଦେବଦୁର୍ଲଭ ସ୍ଥାନରେ ଗୋଟିଏ ପଦରେ ଦଣ୍ଡାୟମାନ ହୋଇ ଘୋର ତପସ୍ୟାରେ ରହିଥିଲେ । ଏହିପରି ଭାବେ କେବଳ ପବନ ଆହାର କରି ଏକଶତ ବର୍ଷ ଘୋର ତପସ୍ୟାରେ ରହି ତାଙ୍କ ଶରୀରରେ ବ୍ରହ୍ମ ଅଗ୍ନି ସୃଷ୍ଟି ହୋଇ ମସ୍ତିଷ୍କରୁ ବାଡ଼ବାନଳ ବାହାରିବାରେ ଲାଗିଲା । ଏହାଦ୍ୱାରା ସାରା ବ୍ରହ୍ମାଣ୍ଡର ଜୀବକୁଳ ଉଚ୍ଛନ୍ନ



ହୋଇପଡ଼ିବାରୁ ଅମରାବତୀରୁ ବା ସ୍ୱର୍ଗଲୋକରୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର-- ତିନିଠାକୁର ମର୍ତ୍ତ୍ୟମଣ୍ଡଳରେ ବ୍ରହ୍ମର୍ଷି ଅତ୍ରି ଓ ଅନସୂୟାଙ୍କ ନିକଟକୁ ଆସି ତାଙ୍କର କଠୋର ତପସ୍ୟାରେ ଶାନ୍ତ ହୋଇ ପ୍ରସନ୍ନ ଚିତ୍ତରେ ତାଙ୍କୁ ବର ପ୍ରଦାନସ୍ୱରୂପ ତିନୋଟି ସନ୍ତାନପ୍ରାପ୍ତିର କଥା ଦେଇଥିଲେ । ତେଣୁ ବ୍ରହ୍ମାଙ୍କଠାରୁ ତାଙ୍କର ବ୍ରହ୍ମ ଅଂଶରେ ସୋମ ନାମକ ସୁପୁତ୍ର, ବିଷ୍ଣୁଙ୍କ ଅଂଶରେ ଦତ୍ତାତ୍ରେୟ ଓ ରୁଦ୍ରଦେବଙ୍କ ଅଂଶରୁ ମହର୍ଷି ଦୁର୍ବାସା ଜନ୍ମଗ୍ରହଣ କରିଥିଲେ । ତେଣୁ କାଳକ୍ରମେ ସୋମଦେବଙ୍କୁ ବ୍ରହ୍ମା ମନେକରି, ଦତ୍ତାତ୍ରେୟଙ୍କୁ ସ୍ୱୟଂ ଭଗବାନ ବିଷ୍ଣୁ ମନେକରି ଓ ଦୁର୍ବାସାଙ୍କୁ ଦେବଦେବ ମହାଦେବ ସ୍ଥାନରେ ପୂଜାଅର୍ଚ୍ଚନା କରିବାକୁ ଲାଗିଲେ ।

ଯେହେତୁ ମହର୍ଷି ଦୁର୍ବାସା ରୁଦ୍ର ଅଂଶରେ ଜାତ ହୋଇଥିଲେ, ତାଙ୍କର ସ୍ୱଭାବ ମହାତେଜବାନ ଓ କୋପାବିଷ୍ଟ ଥିଲା । ସେ ଔର୍ବ ମୁନିଙ୍କ କନ୍ୟା କନ୍ଦୁଲୀଙ୍କୁ ବିବାହ କରିଥିଲେ । ଯେହେତୁ ମୁନି ଔର୍ବ ନିଜ ତେଜରୁ ଅଗ୍ନି ସୃଷ୍ଟି କରି ପୃଥିବୀକୁ ଦଗ୍ଧ କରିବାକୁ ଇଚ୍ଛାପ୍ରକାଶ କଲେ, ଦେବବ୍ରହ୍ମା ତାଙ୍କୁ ସାଗରରେ ନିକ୍ଷେପ କଲେ । ସେହିଦିନଠାରୁ ଔର୍ବ ଋଷି ବାଡ଼ବାନଳ ରୂପେ ବିବେଚିତ ହେଲେ । ତାଙ୍କ କନ୍ୟା କନ୍ଦୁଲୀ ହୋଇଥିବାରୁ ସେ ମଧ୍ୟ ପିତାଙ୍କ ଗୁଣ ବହନ କରି ମହାକ୍ରୋଧୀ ଥିଲେ । ମହର୍ଷି ଦୁର୍ବାସା ତାଙ୍କ ପତ୍ନୀଙ୍କର ଏତାଦୃଶ କ୍ରୋଧଭାବ ଦେଖି କହିଥିଲେ ଯେ, ଶହେଟି ଦୋଷ ସେ ତାଙ୍କର ସହ୍ୟକରି କ୍ଷମାଦେବେ । ଶହେରୁ ଅତିକ୍ରମ କଲେ ଆଉ ସହିପାରିବେ ନାହିଁ; କିନ୍ତୁ 'ଯାହାର ଯେପରି ସ୍ୱଭାବ, ହସି କହନ୍ତି ବାସୁଦେବ ।' ସେହିପରି ଋଷିପତ୍ନୀ କନ୍ଦୁଲୀ ଏକଶତ ଦୋଷ ଅତିକ୍ରମ କରନ୍ତେ, ମହର୍ଷି ଦୁର୍ବାସା କ୍ରୋଧ ସମ୍ବରଣ କରି ନ ପାରି ନିଜ ଶପଥମୁତାବକ ତାଙ୍କୁ ଅଭିଶାପ ଦେଇ ଭସ୍ମ କରିଦେଇଥିଲେ ।

ସେହିଦିନଠାରୁ ମହର୍ଷି ଦୁର୍ବାସା ବିପତ୍ନୀକ ହୋଇ ନିଜର କଠୋର ତପସ୍ୟା ଦ୍ୱାରା ସର୍ବଦେବଙ୍କୁ ପ୍ରସନ୍ନ କରି ଅଲୌକିକ ଶକ୍ତିର ଅଧିକାରୀ ହୋଇଥିଲେ; କିନ୍ତୁ ସେ ଶକ୍ତିକୁ ବା ତପଃଫଳକୁ ସେ ଉଚିତ କାର୍ଯ୍ୟରେ ପ୍ରୟୋଗ କରିପାରି ନ ଥିଲେ ନିଜର କ୍ରୋଧଭାବ ଯୋଗୁଁ।

ତେଣୁ ତାଙ୍କ ପତ୍ନୀ କନ୍ଦୁଳୀଙ୍କୁ ଭସ୍ମୀଭୂତ କଲାପରେ ଔର୍ବ ମୁନି ଦୁର୍ବାସାଙ୍କୁ ମଧ୍ୟ କଠୋର ଶାପ ଦେବା ଛଳରେ କହିଥିଲେ, "ତୁମ ଦମ୍ଭ ଅଭିମାନ ଓ ଦମ୍ଭ ନାଶ ହେଉ।" ସେଥିଯୋଗୁଁ ମହର୍ଷି ଦୁର୍ବାସାଙ୍କ ଦମ୍ଭ ମହାରାଜା ଅମ୍ବରୀଶ ନିକଟରେ ଚୂର୍ଣ୍ଣ ହୋଇଥିଲା। ସେ ଯେଉଁ ଜାଗାରେ କ୍ରୋଧାନ୍ୱିତ ହୋଇ ଯାହାକୁ ଅଭିଶାପ ଦେଇଛନ୍ତି, ସେଠାରେ ମଧ୍ୟ ଅନୁତପ୍ତ ହୋଇଛନ୍ତି। ତାଙ୍କର ତପଃଫଳ କେଉଁଠି କାହାର ହିତ ସାଧନ କରିପାରି ନ ଥିଲା କେବଳ ତାଙ୍କର କୁଗୁଣ କ୍ରୋଧସ୍ୱଭାବ ହେତୁ। ଯେପରି ଗୋଟିଏ ସୁନ୍ଦର ବନରେ ଅନେକ ବୃକ୍ଷ ମଧ୍ୟରୁ ଗୋଟିଏ ବୃକ୍ଷରେ ଅଗ୍ନି ସଂଯୋଗ ହୋଇ ସାରା ବନକୁ ଦଗ୍ଧ କରିଥାଏ, ସେହିପରି ମହର୍ଷି ଦୁର୍ବାସାଙ୍କର ମହାନ୍ ତପଃଫଳ ଥାଇ ମଧ୍ୟ କ୍ରୋଧାଗ୍ନି ସବୁ ବ୍ୟର୍ଥ କରିଦେଉଥିଲା।

ଥରେ ସ୍ୱର୍ଗାଧିରାଜ ଇନ୍ଦ୍ରଦେବ ଐରାବତ ହସ୍ତୀରେ ଆରୋହଣ କରି ଭ୍ରମଣ କରିବା ସମୟରେ ମହର୍ଷି ଦୁର୍ବାସାଙ୍କ ସଙ୍ଗେ ସାକ୍ଷାତ ହେଲା। ଦୁର୍ବାସାମୁନି ଇନ୍ଦ୍ରଙ୍କ ଉପରେ ସନ୍ତୁଷ୍ଟ ହୋଇ ତାଙ୍କୁ ସ୍ୱର୍ଗର ଗନ୍ଧର୍ବମାନେ ଦେଇଥିବା ଅମଳିନ ପୁଷ୍ପହାର ନିଜ ଜଟାରୁ ଖୋଲି ପ୍ରଦାନ କରିଥିଲେ। ମାତ୍ର ଇନ୍ଦ୍ରଦେବ ଐଶ୍ୱର୍ଯ୍ୟ ମଦରେ ଗର୍ବିତ ହୋଇ ଉକ୍ତ ମହାମୂଲ୍ୟ ମାଳାଟିକୁ ନିଜ ବାହକ ଐରାବତ ମୁଣ୍ଡରେ ପିନ୍ଧାଇ ଦେଇଥିଲେ। ଐରାବତ ହସ୍ତୀ ନିଜ ମସ୍ତକରୁ ଋଷିଦତ୍ତ ମାଳାଟିକୁ ଭୂପତିତ କରିବାରୁ ତାହା ସେହି ଗଜରାଜଙ୍କ ପୟର ଦ୍ୱାରା ଦଳିତ ହୋଇଥିବା ଦେଖି ମହାକ୍ରୋଧୀ ମହର୍ଷି ଦୁର୍ବାସା ନିଜ କ୍ରୋଧ ସମ୍ବରଣ କରି ନ ପାରି ଇନ୍ଦ୍ରଙ୍କ ଏତାଦୃଶ ଗର୍ବର ପରିଣାମସ୍ୱରୂପ ସେ ଶ୍ରୀହୀନ ହେବାକୁ ଅଭିଶାପ ଦେଇଥିଲେ। ଇନ୍ଦ୍ରଦେବ ଯେତେ ଅନୁନୟ ବିନୟ କଲେ ମଧ୍ୟ ସେଥିରୁ ମହାକ୍ରୋଧୀ ଦୁର୍ବାସା ତିଳେମାତ୍ର ବିରତ ହୋଇ ନ ଥିଲେ। ସେ ଅଟଳ ଥିଲେ ତାଙ୍କ ଅଭିଶାପରେ।

ଦେବରାଜ ଇନ୍ଦ୍ର ଶ୍ରୀହୀନ ହେବା ଜାଣି ଦେବଲୋକରେ ଭାଳେଣି ପଡ଼ିଗଲା। ତେଣୁ ସବୁ ଦେବତା ବ୍ରହ୍ମାଙ୍କ ପ୍ରସ୍ତାବରେ ବୈକୁଣ୍ଠପତି ଶ୍ରୀନାରାୟଣ ବିଷ୍ଣୁଙ୍କ ଠାରେ ପ୍ରତିକାର ପାଇଁ ପ୍ରାର୍ଥନା କଲେ। ଭଗବାନବିଷ୍ଣୁ ଦେବତାମାନଙ୍କୁ ଅସୁରମାନଙ୍କ ସହିତ

ମିତ୍ରତା କରି ସୁମେରୁ ପର୍ବତକୁ ଓ ସମୁଦ୍ରରେ ବାସୁକୀ ନାଗଙ୍କୁ ରଜ୍ଜୁ ରୂପେ ସମୁଦ୍ର ମନ୍ଥନ କରିବାକୁ ଆଦେଶ ଦେଲେ । ତେଣୁ ସବୁ ଦେବତା ପରମପୁରୁଷ ଶ୍ରୀବିଷ୍ଣୁଙ୍କ ଆଦେଶରେ ତାଙ୍କ କଥାନୁସାରେ ସମୁଦ୍ର ମନ୍ଥନ କରିବାରୁ ରତ୍ନଗର୍ଭା ସାଗର ବକ୍ଷରୁ ଅମୃତ, ଶ୍ରୀମହାଲକ୍ଷ୍ମୀ, ଉଚ୍ଚୈଃଶ୍ରବା ଅଶ୍ୱ ଇତ୍ୟାଦି ମହାମୂଲ୍ୟ ବସ୍ତୁମାନ ପ୍ରାପ୍ତ ହୋଇ ମହାଲକ୍ଷ୍ମୀ ପ୍ରାପ୍ତି ହେତୁ ଇନ୍ଦ୍ର ପୁଣି ଐଶ୍ୱର୍ଯ୍ୟର ଅଧିକାରୀ ହେଲେ ଓ ମହାକ୍ରୋଧୀ ଦୁର୍ବାସାଙ୍କ ଶାପ ଏଠାରେ ବିଫଳ ହେଲା । ଏଥିରେ ଦୁର୍ବାସାଙ୍କ ଦମ୍ଭ ଚୂର୍ଣ୍ଣ ହେଲା ।

ତ୍ରେତୟା ଯୁଗରେ ପ୍ରଭୁ ଅଯୋଧ୍ୟାପତି ଭଗବାନ ଶ୍ରୀରାମ ପିତାସତ୍ୟ ପାଳନ କରି ଚଉଦବର୍ଷ ବନଗାମୀ ହୋଇଥିଲେ । ମହାସତୀ ପତ୍ନୀ ଜାନକୀ ଛଳରେ ଲଙ୍କାର ରାକ୍ଷସରାଜା ରାବଣର ସବଂଶ ବିନାଶ କରି ତା'ର ସାନ ଭାଇ ଭକ୍ତ ବିଭୀଷଣକୁ ଲଙ୍କା ରାଜ୍ୟର ରାଜସିଂହାସନ ପ୍ରଦାନକରି ଅଯୋଧ୍ୟା ଫେରି ପୁଣି ରାଜଗାଦିରେ ଅଭିଷିକ୍ତ ହୋଇ ପ୍ରଜାମଙ୍ଗଳ କାର୍ଯ୍ୟରେ ସେ ବ୍ୟସ୍ତ ଥିଲେ । ଥରେ ସୂର୍ଯ୍ୟଦେବଙ୍କ ପୁତ୍ର ବା ବ୍ରହ୍ମାଦେବଙ୍କ ଜାମାତା କାଳପୁରୁଷ ଯତି ରୂପରେ ଶ୍ରୀରାମଚନ୍ଦ୍ର ମହାରାଜାଙ୍କ ରାଜସଭାରେ ପହଞ୍ଚିଲେ । ତାଙ୍କ ଆସିବା କାରଣ ସେ ପ୍ରଭୁ ରାମଚନ୍ଦ୍ରଙ୍କୁ ନିକାଞ୍ଚନ ସ୍ଥାନରେ ଏକୁଟିଆ ବାଖ୍ୟାନ କରିବାକୁ କହିଲେ ଏବଂ ଏକ ନିଭୃତ କୋଠରିର ବନ୍ଦୋବସ୍ତ କରିବାକୁ କହି, ଇଚ୍ଛା କଲେ ଯେ କେବଳ ପ୍ରଭୁ ଶ୍ରୀରାମ ଓ ସେହି କାଳପୁରୁଷ, ସେ କୋଠରିରେ ରହିବେ । ଯଦି ତାଙ୍କ କଥାବାର୍ତ୍ତା କେହି ଶୁଣନ୍ତି, ତେବେ ତା'ର ଦଣ୍ଡ ହେବ ମୃତ୍ୟୁ । ଏ ସର୍ତ୍ତରେ ପ୍ରଭୁ ମର୍ଯ୍ୟାଦାପୁରୁଷ ଭଗବାନ ଶ୍ରୀରାମ ରାଜି ହୋଇ ତାଙ୍କର ବିଶ୍ୱସ୍ତ ସାନୁଜ ଲକ୍ଷ୍ମଣଜୀଙ୍କୁ ଦ୍ୱାରରେ ଜଗାଇ ସତର୍କ କରାଇ ଦେଇଥିଲେ ଯେ, ଯେପରି କେହି ସେହି ରୁଦ୍ଧ କୋଠରୀରେ ପ୍ରବେଶ ନ କରନ୍ତି ।

କାଳର ଗତି ବଡ଼ ବିଚିତ୍ର । ସେହି ସମୟରେ ମହର୍ଷି ଦୁର୍ବାସା ହଠାତ୍ ଆବିର୍ଭୂତ ହୋଇ ଶ୍ରୀରାମ ଦର୍ଶନାର୍ଥେ ସେ କୋଠରି ମଧ୍ୟକୁ ଯିବାକୁ ଚାହିଁବାରୁ ଭ୍ରାତୃଭକ୍ତ ବୀରଲକ୍ଷ୍ମଣଜୀ ତାହା ବାରଣ କରିଥିଲେ । ମହର୍ଷି ଦୁର୍ବାସା କ୍ରୋଧାନ୍ୱିତ ହୋଇ କହିଲେ-- ଯଦି ତାଙ୍କୁ ପ୍ରଭୁ ଶ୍ରୀରାମଙ୍କ ନିକଟକୁ ନ ଛାଡ଼ନ୍ତି, ତେବେ ସାରା ଅଯୋଧ୍ୟାନଗରୀ ତାଙ୍କ କ୍ରୋଧାଗ୍ନିରେ ଦଗ୍ଧୀଭୂତ ହେବେ । ଭ୍ରାତୃଭକ୍ତ ଲକ୍ଷ୍ମଣ ଭାବିଲେ ଅଯୋଧ୍ୟା ଦଗ୍ଧୀଭୂତ ହେବାଠାରୁ ସେ ନିଜକୁ ଦଗ୍ଧୀଭୂତ କରିଦେବେ ଅସମୟରେ ଶ୍ରୀରାମଙ୍କ ପାଖକୁ ଯାଇ । ତେଣୁ ବୀର ଲକ୍ଷ୍ମଣଜୀ ମହର୍ଷି ଦୁର୍ବାସାଙ୍କ ଯୋଗୁ ପ୍ରଭୁ ଶ୍ରୀରାମଙ୍କ ଆଜ୍ଞା ପାଇ ଭିତରକୁ ଗଲେ । ତେଣୁ ସେହି ସର୍ତ୍ତ ଅନୁଯାୟୀ ରାଜ୍ୟତ୍ୟାଗୀ ହୋଇଥିଲେ । କାଳକ୍ରମେ ପୁଣି ଲକ୍ଷ୍ମଣଜୀ ପ୍ରଭୁ ଶ୍ରୀରାମଙ୍କ ନିକଟକୁ ଫେରିଥିଲେ, ମାତ୍ର ମୁନି ଦୁର୍ବାସାଙ୍କ ଅହେତୁକ କୋପର ଶିକାର ହୋଇଥିବାରୁ, ଦୁର୍ବାସା ନିଜେ ଅନୁତପ୍ତ ହୋଇଥିଲେ । ଏହିପରି ମହାକ୍ରୋଧୀ ବ୍ରହ୍ମର୍ଷି ଦୁର୍ବାସା ସକଳ ଗୁଣରେ ଭୂଷିତ ହୋଇ ମଧ୍ୟ ନିଜ କ୍ରୋଧ ଯୋଗୁ ନିନ୍ଦିତ ହେଉଥିଲେ ଓ ତାଙ୍କ ଦମ୍ଭ ଚୂର୍ଣ୍ଣ ହେଉଥିଲା; କିନ୍ତୁ ମହର୍ଷି ଦୁର୍ବାସାଙ୍କ ଭୟରେ ଯେ କେହି ଗୁରୁ ଅବମାନନା କରିବାକୁ ଭୟ କରୁଥିଲେ ।

ସେ ଏପରି ଋଷି ଥିଲେ ଯେ, ଯୁଗେ ଯୁଗେ ଅମର ରହି ସବୁଯୁଗରେ ନିଜର ତପର ପ୍ରାଧାନ୍ୟ ବିସ୍ତାର କରିଥିଲେ । ଏହିପରି ମହର୍ଷି ଦୁର୍ବାସାଙ୍କ ବହୁ ଉପାଖ୍ୟାନ ପୁରାଣରେ ଦେଖିବାକୁ ମିଳେ ।

*ଝାଞ୍ଜିରୀମଙ୍ଗଳା, କଟକ-୭୫୩୦୦୯*

## ଜଣା-ଅଜଣା

ଡକ୍ଟର ସଚ୍ଚିଦାନନ୍ଦ କର

ଅନେକ କଥା ଅଜଣା ଏଠି ଅଳପ କିଛି ଜଣା
ଅଜଣା ଲୋକ ସବୁ କାମରେ ହୁଅଇ ବାଟବଣା ।
ଲେଖାପଢ଼ାରେ ଦେଖାଶୁଣାରେ ବହୁତ ହୁଏ ଜାଣି
ଅଜଣା ଥିଲା ଭାବିଲେ ବସି ମରମ ହୁଏ ହାଣି ।
ତହୁଁ ଅଧିକ ଜାଣିବା ପାଇଁ ଘାରି ହୁଅଇ ମନ
ଜାଣୁ ଯେତିକି ଅସଲ ପାଠ ସେଇ ତ ସୁନା ଧନ ।
ସବୁ କଥାରେ ସବୁ କାମରେ ପାଠଟି ହୁଏ ଲୋଡ଼ା
ସେହି ପାଠଟି ଯା'ପାଶେ ନାହିଁ କପାଳ ତା'ର ପୋଡ଼ା ।
ସବୁ ଜାଗାରେ ଅପାଠୁଆଟି ହୁଅଇ ଲୋକହସା
ମଣିଷ ହୋଇ ହୁଅଇ ତା'ର ଜୀବନ କଣପଶା ।
ଜାଣି ତ ଥିଲେ ଥାଏ ସାହସ ନ ଜାଣିଥିଲେ ଡର
ଜଣାଜଗତ ଅତି ଆପଣା ଅଜଣା ସାତପର ।
ପଢ଼ିଲେ ସିନା ଜାଣିବା ଆମେ ଅଜଣା କିଏ ଜଣା
ପାଠ ନ ପଢ଼ି ରହିବା ଯେବେ ମୂରୁଖେ ହେବା ଗଣା ।

*'ନିର୍ମାଲ୍ୟ', ନୂଆପଡ଼ା, ନୟାବଜାର, କଟକ- ୪*

## କୁକୁର ପାଇଁ ଶୁଦ୍ଧିକ୍ରିୟା



ଟିଟିଲାଗଡ଼ରେ ଜଣେ ବ୍ୟକ୍ତି ଟିପୁ ନାମକ ଗୋଟିଏ କୁକୁର ପାଳନ କରିଥିଲେ । ଟିପୁ ଭାରି ବିଶ୍ୱାସୀ । ମାଲିକଙ୍କ ଘର ବାହାର ଭିତରେ ପୂଜା କୋଠରି ସବୁ ସ୍ଥାନରେ ତା'ର ଅଗାଧ ପ୍ରବେଶ । ପଲଙ୍କରେ ଶୋଉଥିଲା । ଖରାଦିନେ କୁଲର ତଳେ ରହୁଥିଲା । ଟିପୁ ଥିଲା ପରିବାରର ଜଣେ, ସୁଖଦୁଃଖର ସାଥୀ । ଦିନେ କୌଣସି ଅଖାଦ୍ୟ ଖାଇ ଟିପୁର ମୃତ୍ୟୁ ହେଲା । ଟିପୁର ମୃତ୍ୟୁରେ ମାଲିକ, ତାଙ୍କ ସ୍ତ୍ରୀ, ପୁତ୍ର କନ୍ୟା ସମସ୍ତେ ମର୍ମାହତ ହୋଇଗଲେ । ବନ୍ଧୁମାନଙ୍କୁ ଡାକି ଟିପୁର ସମାଧି ଦିଆଗଲା । ଟିପୁ ବିନା ସେମାନଙ୍କୁ ଚତୁର୍ଦ୍ଦିଗ ଅନ୍ଧକାର ଦିଶୁଥିଲା । ପ୍ରତିଦିନ ସମାଧି ପାଖରେ ଦୀପ ଜାଳି ପ୍ରେତପୂଜା କରୁଥିଲେ । ପରିବାରର ସଦସ୍ୟମାନଙ୍କୁ ସାନ୍ତ୍ୱନା ଦେବାପାଇଁ ସହରରୁ ତାଙ୍କ ଆତ୍ମୀୟ, ଶୁଭେଚ୍ଛୁ ବ୍ୟକ୍ତିମାନେ ଆସୁଥିଲେ । ଦଶଦିନ ଯାକ ହବିଷାନ୍ନ ଖାଇ ଟିପୁର ଶୁଦ୍ଧିକ୍ରିୟା ମଣିଷ ଶୁଦ୍ଧିକ୍ରିୟା ପରି ଚାଲିଲା । ଦଶାହ ଦିନରେ ମାଲିକଙ୍କ ପରିବାର ସମସ୍ତେ ଶୌଚ ହେଲେ । ଏଗାର ଦିନରେ ବ୍ରାହ୍ମଣଙ୍କୁ କିଛି ଦାନ ଦେଲେ । ଦ୍ୱାଦଶ ଦିନ ସ୍ଥାନୀୟ ନୀଳଚକ୍ର ନଗର ସାଇମନ୍ଦିରରେ ଚାରିଶହ ବ୍ୟକ୍ତିଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା । ମାସକ ପରେ ସମାଧି ପୀଠରୁ କିଛି ମାଟି ନେଇ ମାଲିକ ୮/୧୦ ଦିନ ପାଇଁ ବାବାଧାମ (ଦେଓଘର- ବିହାର) ଯାତ୍ରା କରିଥିଲେ ଓ ସୁଲତାନଗଞ୍ଜ ଗଙ୍ଗାନଦୀରେ ଅସ୍ଥିପ୍ରବାହ ଅନୁରୂପ ସମାଧି ମାଟି ପ୍ରବାହ କରି ଫେରିଲେ ।

**-ଶ୍ରୀ ଯୁଗଳ କିଶୋର ଷଡ଼ଙ୍ଗୀ,** *ନୀଳଚକ୍ର ନଗର, ଟିଟିଲାଗଡ଼, ବଲାଙ୍ଗୀର*

# ଅସୁବିଧାକୁ ସୁବିଧାରେ ପରିଣତ କର

ଭାବ-ଅନୁବାଦ: ଇଂ ରଘୁନାଥ ପ୍ରସାଦ ଦାସ

ଗୋଟିଏ କୃଷକର ଅକ୍ଷମ ଓ ବୃଦ୍ଧ ଗଧଟିଏ ଥିଲା । ଦିନେ ସେହି ଗଧଟି ଗୋଟିଏ ପୁରୁଣା ଓ ଭଙ୍ଗାକୂଅ ଭିତରେ ପଡ଼ିଯାଇ ଚିତ୍କାର କରିବାକୁ ଲାଗିଲା । କୃଷକଟି ସେହି ଚିତ୍କାର ଶୁଣି ମନେ ମନେ ଭାବିଲା– ଗଧଟା ତ ବୁଢ଼ା ହୋଇ ମୋର କୌଣସି କାମରେ ଆସୁନାହିଁ । ସେହିପରି ଭଙ୍ଗାକୂଅଟି ମଧ୍ୟ ମୋର ଅଦରକାରୀ ହୋଇଗଲାଣି । ତେଣୁ କୂଅରେ ମାଟି ପକାଇ ଗଧଟିକୁ ଆଉ ତା'ସାଙ୍ଗରେ ସେଇ କୂଅଟିକୁ ମଧ୍ୟ ପୋତି ପକାଇବି ।

ଚାଷୀଟି ଲୋକ ଲଗାଇ କୂଅଟିକୁ ପୋତିବାରେ ଲାଗିଲା । ଲୋକମାନେ କୋଡ଼ିରେ ମାଟି ନେଇ କୂଅ ଭିତରକୁ ପକାଇଲେ ଓ ସେହି ମାଟି ଗଧଟିର ଉପରେ ପଡ଼ିଲା । ଗଧଟି ପ୍ରଥମେ ଭାବିଲା ଯେ ସେ ମାଟିରେ ପୋତି ହୋଇ ମରିଯିବ । କିନ୍ତୁ ହଠାତ୍ ସେ ଚିନ୍ତା କଲା ଯେ ସେ ନିଶ୍ଚୟ 'ଅସୁବିଧାକୁ ସୁବିଧା'ରେ ପରିଣତ କରିବ । ତା'ପିଠିରେ କିଛି ମାଟି ପଡ଼ିବା ପରେ ସେ ତାକୁ ଦେହରୁ ଝାଡ଼ିଦିଏ ଓ ସେହି ମାଟି ଉପରକୁ ଚଢ଼ିଯାଏ ।

ଏଇ ମାଟି ପଡ଼ିବା ଓ ମାଟି ଉପରକୁ ଚଢ଼ିବା ଯେତେ କଷ୍ଟଦାୟକ ହେଲେ ମଧ୍ୟ ସେ ତାର ଭୟକୁ ତଡ଼ିଦେଲା ଓ ସାହସର ସହିତ ପଡୁଥିବା ମାଟିକୁ ଝାଡ଼ି ତା'ଉପରକୁ ଚଢ଼ିବାରେ ଲାଗିଲା । ଧୀରେ ଧୀରେ କୂଅଟି ଭର୍ତ୍ତି ହୋଇଗଲା ଓ ତା'ସଙ୍ଗେ ସଙ୍ଗେ ଗଧଟି କୂଅ ଉପରକୁ ଉଠିଆସିଲା । ଯେଉଁ ମାଟି ପଡ଼ିଲାବେଳେ ସେ ମରିଯିବ ବୋଲି ଭାବୁଥିଲା, ତାହା ହିଁ ଆଶୀର୍ବାଦ ଭଳି ତା'ର ଜୀବନ ରକ୍ଷା କଲା ।

ତେଣୁ ଧୈର୍ଯ୍ୟ ଓ ସ୍ଥିର ଭାବରେ ଚିନ୍ତା କଲେ, ଆମେ ଅସୁବିଧାକୁ ସୁବିଧାରେ ପରିଣତ କରିପାରିବା ।

*ଦେଉଳସାହି, କଟକ- ୮*

---

- ନଖ ଦିନକୁ ୦.୦୫ ମିଲିମିଟର ହାରରେ ବୃଦ୍ଧି ପାଇଥାଏ ।
- ସେନ୍‌ସସ ରିପୋର୍ଟରେ 'UA' କହିଲେ Urban Agglomeration କୁ ବୁଝାଇଥାଏ ।
- ରେଜିଷ୍ଟର(Register)ର ଲାଟିନ୍ ଶବ୍ଦ ହେଉଛି ସେନ୍‌ସସ୍(Census) ।
- ଲାଲା ଅମରନାଥ ହେଉଛନ୍ତି ଏକମାତ୍ର ଭାରତୀୟ କ୍ରିକେଟ ଖେଳାଳି ଯିଏ କି ଟେଷ୍ଟ ମ୍ୟାଚ୍‌ରେ ଡନ୍ ବ୍ରାଡମ୍ୟାନ୍ (Don Bradman)ଙ୍କୁ ଆଉଟ କରିପାରିଥିଲେ । ୧୯୪୮ ମସିହାରେ ସେ ଏହି ବିରଳ କୃତିତ୍ୱର ଅଧିକାରୀ ହୋଇଥିଲେ ।

# ମାଗ୍‌ସେସେ ପୁରସ୍କାର ବିଜେତା

ଡାକ୍ତର ଅଶୋକ କୁମାର ସେଠୀ

ଗାନ୍ଧିଜୀଙ୍କୁ ଛୋଟପିଲାଟିଏ ପ୍ରଶ୍ନ କରିଥିଲା, "ବାପୁ! ଆପଣ ସାର୍ଟ କାହିଁକି ପିନ୍ଧୁନାହାନ୍ତି ? ଆପଣ ଯଦି କହିବେ ମୋ' ମା' ଭଲ ସାର୍ଟ ତିଆରି କରନ୍ତି । ଆପଣଙ୍କ ପାଇଁ ଗୋଟିଏ ଭଲ ସାର୍ଟ ନେଇଆସିବି ।" ଗାନ୍ଧିଜୀ ତାକୁ କହିଥିଲେ, "ମୋ' ଦେଶର ଅନେକ ଲୋକ ସାର୍ଟ ପିନ୍ଧିବାକୁ ପାଉନାହାନ୍ତି । ତୁମେ ସମସ୍ତଙ୍କ ପାଇଁ ସାର୍ଟ ଆଣିପାରିବ ? ତା'ହେଲେ ମୁଁ ସାର୍ଟ ପିନ୍ଧିବି ।" ଏଥିରୁ ଆମେ ଜାଣିଲୁ ଗାନ୍ଧିଜୀ ସମସ୍ତଙ୍କ କଥା ଚିନ୍ତା କରୁଥିଲେ ।

ସେହିପରି ଜଣେ ବ୍ୟକ୍ତି ହେଉଛନ୍ତି ଅଂଶୁ ଗୁପ୍ତା । ଗରିବ ଲୋକମାନଙ୍କୁ ପୋଷାକ ତିଆରି କରି ଯୋଗାଇବା ଥିଲା ତାଙ୍କର ମୁଖ୍ୟ କାମ । ସେ ପୁରୁଣା ପୋଷାକମାନ ସଂଗ୍ରହ କରି ତାକୁ ନୂଆ ପୋଷାକରେ ପରିବର୍ତ୍ତନ

କରୁଥିଲେ । ସେଥିପାଇଁ ସେ ୨୦୧୫ର ମାଗ୍‌ସେସେ ପୁରସ୍କାର ପାଇଛନ୍ତି ।

ଅଂଶୁ ଗୁପ୍ତାଙ୍କ ଘର ଡେରାଡୁନ୍‌ରେ । ସେ ଥିଲେ ଏକ ନିମ୍ନ ମଧ୍ୟବିତ୍ତ ପରିବାରରର ପିଲା । ତାଙ୍କ ବାପା ଥିଲେ ଜଣେ ହୃଦ୍‌ରୋଗୀ । ତାଙ୍କର ଚାରି ଭାଇଭଉଣୀ ଥିଲେ । ବାପାଙ୍କ ଅସୁସ୍ଥତା ଯୋଗୁ ଘରର ବୋଝ ତାଙ୍କ ଉପରେ ପଡ଼ିଲା । ସେଥିପାଇଁ ପାଠପଢ଼ା ସହିତ କିଛି କାମ କରି ଟଙ୍କା ରୋଜଗାର କରୁଥିଲେ । ମା'ଙ୍କୁ ତାଙ୍କର ଘର କାମରେ ସାହାଯ୍ୟ ମଧ୍ୟ କରୁଥିଲେ ।

ବିଧିର ବିଧାନ ବଡ଼ ବିଚିତ୍ର । ଅଂଶୁ ଯେତେବେଳେ ଦ୍ୱାଦଶ ଶ୍ରେଣୀରେ ପଢୁଥିଲେ, ଏକ ସଡ଼କ ଦୁର୍ଘଟଣାରେ ତାଙ୍କ ଗୋଡ଼ ଭାଙ୍ଗିଗଲା । ଦୁଇ ବର୍ଷ ସେ ବିଛଣାରେ ପଡ଼ି ରହିଲେ । ସେହି ଅବସ୍ଥାରେ ସେ ହାରି ଯାଇ ନ ଥିଲେ । ପଢ଼ାପଢ଼ିରେ ଖୁବ୍ ମନ ଦେଉଥିଲେ । ସେ ବିଭିନ୍ନ ହିନ୍ଦୀ ପତ୍ରିକାକୁ ଲେଖା ଦେଉଥିଲେ । ସେହି ଲେଖାରୁ ଯାହା ମିଳିଲା, ସେଥିରେ ନିଜ ଘର ଖର୍ଚ୍ଚ ତୁଲାଉଥିଲେ । ନିଜ ବାପାମା'ଙ୍କୁ ଆର୍ଥିକ ସାହାଯ୍ୟ କରୁଥିଲେ । ସେ ସୁସ୍ଥ ହେଲେ; କିନ୍ତୁ ସମ୍ପୂର୍ଣ୍ଣ ସୁସ୍ଥ ହେଲେନାହିଁ । ଏବେ ବି ସେ ବହୁତ ସମୟ ଧରି ଠିଆ ହୋଇପାରନ୍ତି ନାହିଁ । ତଥାପି ପାଠ ପଢ଼ି ଅର୍ଥନୀତି ଓ ସାମ୍ବାଦିକତାରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କଲେ ।

ଏକ ଘଟଣା ତାଙ୍କ ଜୀବନର ମୋଡ଼ ବଦଳାଇ ଦେଲା । ତାଙ୍କର ଗୋଟିଏ ସାଙ୍ଗ ଥିଲା । ଅଜଣା ଲୋକର ମୃତ୍ୟୁ ହେଲେ ତାଙ୍କର ଶବ ଆଣି ସେ ସଂସ୍କାର କରୁଥିଲା । ଦିନେ ସେହି କାମରେ ସାଙ୍ଗଙ୍କୁ ସାହାଯ୍ୟ କରିବା ପାଇଁ ଅଂଶୁ ଯାଇଥିଲେ । ଡିସେମ୍ବର ମାସର ପ୍ରବଳ ଶୀତ । ମୃତଲୋକଟି ଶୀତ ପୋଷାକ ନ ଥିବାରୁ ଶୀତରେ ମରିଯାଇଥିଲା । ଏହା ସେ ଜାଣିବାକୁ

ପାଇଲେ । ଏହି ଘଟଣାଟି ତାଙ୍କୁ ବହୁତ ଦୁଃଖ ଦେଲା । ଆଉ ଥରେ ସେ ଦେଖିଲେ କୁନିଝିଅଟିଏ ଶୀତଦିନେ ଶ୍ମଶାନରେ ବୁଲୁଥାଏ । ଶବ ସତ୍କାର ପରେ ଲୋକମାନେ ଯେଉଁ ପୁରୁଣା ଲୁଗାପଟା ଫିଙ୍ଗି ଦେଉଥିଲେ, ସେ ତାହାକୁ ଗୋଟାଇନିଏ କିମ୍ବା ଅଜଣା ଲୋକ ଦେଖିଲେ, ତା' ଦେହରୁ ପୋଷାକ ଖୋଲି ନେଇଯାଏ । ଅଂଶୁ ସେ ଝିଅଟିକୁ ପଚାରିଲେ, "ତୁ ଏ ପୋଷାକ ନେଇ କ'ଣ କରୁଛୁ ?" ସେ କହିଲା, "ଶୀତବସ୍ତ୍ର କିଣିବାକୁ ଆମର ପଇସା ନାହିଁ । ଏଗୁଡ଼ିକ ନେଲେ ଆମ ଘରେ ସମସ୍ତେ ପିନ୍ଧିବୁ ।''

ସେଦିନ ତାଙ୍କର ହୃଦ୍‌ବୋଧ ହେଲା ଯେ ମଣିଷକୁ ମୌଳିକ ସୁବିଧା ଯୋଗାଇଦେବାରେ ଅଧିକାଂଶ ଲୋକ ଖାଦ୍ୟକୁ ଗୁରୁତ୍ୱ ଦେଉଛନ୍ତି, ବସ୍ତ୍ରକୁ ନୁହେଁ । ଯାହା ପ୍ରକୃତରେ ସର୍ବନିମ୍ନ । ସେ ଏହି ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ 'ଗୁଞ୍ଜ' ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଢ଼ିଲେ । ତାଙ୍କ ସ୍ତ୍ରୀ ଓ ସେ ଲୋକମାନଙ୍କଠାରୁ ପୁରୁଣା ପୋଷାକ ସଂଗ୍ରହ କଲେ । ସେ ପ୍ରଥମ ୬୭ଟି ପୁରୁଣା ପୋଷାକ ସଂଗ୍ରହ କଲେ । ତାକୁ ସବୁ ନୂଆ କରି ସିଲାଇ କଲେ । ଭଲ ପୋଷାକ ତିଆରି କଲେ ଓ ଦାନ କଲେ । ସେ ଛୋଟପିଲାମାନଙ୍କ ପାଇଁ ଡାଏପର୍ ମଧ୍ୟ ତିଆରି କଲେ । ସେ ପୁରୁଣା କପଡ଼ାକୁ ପୁନଃ ବ୍ୟବହାର ଉପଯୋଗୀ କରି ଲୋକଙ୍କୁ କାମ ଯୋଗାଇଲେ ଓ ସାହାଯ୍ୟ କଲେ । ଶୀତପୋଷାକ ତିଆରି କରି ଗରିବ ଲୋକମାନଙ୍କୁ ଦାନ କଲେ । ପୁରୁଣା କପଡ଼ାକୁ ପ୍ରକ୍ରିୟାକରଣ ଓ ଆବର୍ଜନାକୁ ଗ୍ରାମୀଣ ବିକାଶରେ ଉପଯୋଗୀ କରୁଥିଲେ ।

ତାଙ୍କ ସହିତ ଏହି କାମରେ ୨୫୦ରୁ ଅଧିକ ସଂଗଠନ କାନ୍ଧ ମିଳାଇ ଭାରତର ୨୧ଟି ରାଜ୍ୟରେ ସକ୍ରିୟ କାମ କରୁଥିଲେ । ସେ କେବଳ ବ୍ୟବହୃତ ବସ୍ତୁର ପୁନଃପ୍ରସ୍ତୁତି ନହେଁ, ପୁରୁଣା ସ୍କୁଲ୍‌ବ୍ୟାଗ, ବହି, ଜୋତା, ୟୁନିଫର୍ମ ଏବଂ କମ୍ପ୍ୟୁଟର ସବୁ କାମରେ ଲଗାଉଥିଲେ, ଯାହା ଫଳରେ ଗରିବ ଲୋକମାନେ ସେବା ପାଇଲେ ।

ସେଥିପାଇଁ ୨୦୧୫ରେ ସମ୍ମାନଯୋଗ୍ୟ ମାଗ୍‌ସେସେ୍ ପୁରସ୍କାର ତାଙ୍କୁ ମିଳିଲା ।

ଏଥିରୁ ଆମେ ଶିଖିଲୁ ଯେ ପୁରୁଣା ବସ୍ତ୍ରମାନ ଫିଙ୍ଗି ନ ଦେଇ ତାକୁ କାମରେ ଲଗାଇ ଗରିବ ଲୋକମାନଙ୍କୁ ସାହାଯ୍ୟ କରାଯାଇପାରିବ । ପୁରୁଣା ସ୍କୁଲ୍‌ବ୍ୟାଗ୍‌କୁ ସିଲାଇ କରି ଅନେକ ଗରିବ ପିଲାଙ୍କର କାମରେ ଲଗାଇହେବ । **(ସଂଗୃହୀତ)**

*ଆଲୋକନଗର, ବଲାଙ୍ଗୀର- ୨*

---

**ସା.ଜ୍ଞାନ ପରୀକ୍ଷାର ଉତ୍ତର :** ୧) ସ୍ୱେତଲାନା ସାବିତ୍‌ସ୍କାୟା (Swetlana Savitskaya), ୨) ରାଜେଶ ଖାନ୍ନା, ୩) ଭାରତୀୟ ଜାତୀୟ କଂଗ୍ରେସ, ୪) ମାୟାବତୀ, ୫) ପାଣ୍ଡୋରା (Pandora), ୬) ଧ୍ୟାନ୍‌ଚାନ୍ଦ୍, ୭) ଜିଭ, ୮) ନାଗାଲାଣ୍ଡ, ୯) ମହାପାତ୍ର ନୀଳମଣି ସାହୁ, ୧୦) Global Environment Fund.

## ଜନଶ୍ରୁତି–ଆମର ଢଗଢମାଳି

ଶ୍ରୀ ଅନ୍ତର୍ଯ୍ୟାମୀ ଲେଙ୍କା

### ନାଟୁଆକୁ ଦିହୁଡ଼ିଆ ଖରା ।

ଏହା ବହୁତ ପୁରୁଣା ଦିନର କଥା, ଯେତେବେଳେ କି ଲଣ୍ଠନଟିଏ ଦେଖିବା ପାଇଁ ମିଳି ନ ଥିଲା । ସେହି ସମୟରେ ଗୃହରେ ଆଲୋକ ନିମିତ୍ତ ଦୀପ ବ୍ୟବହୃତ ହେଉଥିଲା ଏବଂ ବାହାର କାମ ଅର୍ଥାତ୍ ବିବାହ, ବ୍ରତ ଇତ୍ୟାଦି କାମ ସହ ନାଟ, ତାମସା ପାଇଁ ଦିହୁଡ଼ି ବା ମଶାଲ ବ୍ୟବହାର କରାଯାଉଥିଲା । କେବଳ ଆମ ଦେଶରେ ନୁହେଁ, ଆଧୁନିକ ଯୁଗର ଗ୍ୟାସ୍ ଓ ବୈଦ୍ୟୁତିକ ଆଲୋକର ପ୍ରଚଳନ ପୂର୍ବରୁ ସବୁ ଦେଶରେ ରୋଶଣି ଓ ଯାନିଯାତ୍ରାଦିରେ ଆଲୋକ ଦେବା ପାଇଁ ମଶାଲ ବ୍ୟବହୃତ ହେଉଥିଲା । ଖଣ୍ଡେ କାଠିରେ କନା ଗୁଡ଼ାଇ ମଶାଲ ତିଆରି କରାଯାଏ ଓ ହାତେ ଲମ୍ବର ପିତଳରେ ତିଆରି ଏକ ବେଣ୍ଟରେ ତାକୁ ଖୋସି ଦିଆଯାଏ । ପିପା ବା ଦାନିରୁ ମଝିରେ ମଝିରେ ପୁଲାଙ୍ଗ ତେଲ, ଜଡ଼ା ତେଲ ବା ଅନ୍ୟ ତେଲ ଢାଳୁଥିଲେ ମଶାଲ ଜଳୁଥାଏ । ଶୀଘ୍ର ଜଳି ନ ଯିବା ଲାଗି ମଶାଲ ଦେହରୁ କିଛି ଛାଡ଼ି କଞ୍ଚା କଦଳୀ ବାସୁଙ୍ଗା ଆଦି ଗୁଡ଼ାଯାଇଥାଏ । ଏବେ ସୁଦ୍ଧା ଅଲମ୍ପିକ୍ ମଶାଲ ସେହି ପୂର୍ବ ଯୁଗର ସ୍ମୃତିକୁ ଜୀବିତ ରଖିଛି ।

ଆଉ ନାଟ ହେଲା ମଣିଷର ସହଜାତ, ପ୍ରକୃତିଗତ କଳା । ଶାସ୍ତ୍ର ଅନୁସାରେ ଦେବତାମାନେ ମଧ୍ୟ ନାଚିଥାନ୍ତି ଏବଂ ନାଟ ଦେଖିବାକୁ ଭଲପାଆନ୍ତି । ଶିବଙ୍କର ନୃତ୍ୟକୁ ତାଣ୍ଡବ ନୃତ୍ୟ କୁହାଯାଏ । ତେବେ ଆମର ପୂର୍ବର ନାଟକଗୁଡ଼ିକରେ ଲେଖା ଓ ତାକୁ ଅଭିନୀତ ବା ମଞ୍ଚସ୍ଥ କରିବାର ଢଙ୍ଗ ଅଲଗା ଥିଲା । ସେତେବେଳର ନାଟକ ଲେଖକମାନେ ଗୀତିନାଟକ ସବୁ ଲେଖୁଥିଲେ, ଯେଉଁଥିରେ କି ଗୀତ ଅଧିକ ଓ ବଚନିକା କମ୍ ଥିଲା । ନାଟକର ପ୍ରତ୍ୟେକ କଳାକାର ବିଷୟର ଭାବକୁ ଗୀତରେ ଗାଇଥାନ୍ତି ଏବଂ ତା ସାଥେ ସାଥେ ନାଚିଥାନ୍ତି । ନାଟରେ ଯେ କୌଣସି ଚରିତ୍ର ହୁଅନ୍ତୁ– ଏପରିକି ରାଜା, ରାଣୀ ମଧ୍ୟ ନାଚି ନାଚି ମଞ୍ଚକୁ ଆସି ସେମାନଙ୍କର ବକ୍ତବ୍ୟ ଗୀତରେ ବୋଲି ପୁଣି ନାଚି ନାଚି ଚାଲିଯାଉଥିବେ ।

ସେହି ଚରିତ୍ରମାନେ ନାଚୁଥିବାବେଳେ ତାଙ୍କ ସାଙ୍ଗେରେ ତାଳ ମିଳାଇ ବାଦ୍ୟର ତାଳେ ତାଳେ ମଶାଲ ଧରିଥିବା ବ୍ୟକ୍ତିଜଣଙ୍କ ମଧ୍ୟ ନାଚୁଥିବେ । ସେହି ମଶାଲଧରାଳି ବା ଦିହୁଡ଼ିଆ ଯେତେ ସୁନ୍ଦର ବା ଖର ଗତିରେ ନାଚିବେ, ନାଟୁଆ ସେହି ଅନୁସାରେ ନାଚିବ । ଏଣୁ ଦିହୁଡ଼ିଆ ମଧ୍ୟ ଜଣେ କଳାକାର ବା ନାଟୁଆ । ସେ ନାଟରେ ପାରଙ୍ଗମ ବା ଦକ୍ଷ ଥିବା ଦରକାର । ଗୋଟିଏ

ନାଟକରେ ଏକ ବା ଅଧିକ ଦିହୁଡ଼ିଆ ରହିଥାନ୍ତି । ସେମାନଙ୍କର କିଛି ବି କହିବାର ନ ଥାଏ, କେବଳ ମଶାଲ ଧରି ଚରିତ୍ରମାନଙ୍କ ସାଥେ ସାଥେ ସାରା ମଞ୍ଚ ଉପରେ ଘୂରି ଘୂରି ନାଚିବାରେ ଥାଆନ୍ତି ।

ମୁଁ ପିଲାଦିନେ ବହୁବାର ଆମ ଦାଣ୍ଡରେ ଏପରି ଦୃଶ୍ୟ ଦେଖିଛି । ବର୍ତ୍ତମାନ ମଶାଲଧରା ନାଟ ଲୋପ ହୋଇଗଲାଣି । ମାତ୍ର ଏହି ଢଗଟି ସେହିପରି ଘଟଣାର ଭାବକୁ ନେଇ ବୋଲା ହୋଇ ଚାଲିଛି । ଗଠନମୂଳକ ଓ ବ୍ୟବସାୟଗତ କାର୍ଯ୍ୟଠାରୁ ଆରମ୍ଭ କରି ଯେ କୌଣସି ପ୍ରକାର କାମ ପରିଚାଳନା କରୁଥିବା ମୁଖ୍ୟଙ୍କ ସହ କେତେକ ସହକାରୀ ନିଶ୍ଚୟ ରହିଥାନ୍ତି । ସହକାରୀମାନେ ଯେତେଦୂର ସମ୍ଭବ ତତ୍ପରତା ସହ ସହଯୋଗ କରିବେ, ସେତେ ଶୀଘ୍ର ଓ ସଫଳତା ସହ କାର୍ଯ୍ୟ ପୂର୍ଣ୍ଣ ହୋଇପାରିବ ।

ଅତଏବ, ଆମର ଢଗଟିଏ ମର୍ମ ଅନୁସାରେ ଯେ କୌଣସି କାର୍ଯ୍ୟ ନିର୍ବାହ କରୁଥିବା କର୍ତ୍ତାଙ୍କଠାରୁ ସହଯୋଗୀଙ୍କ କାର୍ଯ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ । ଯେପରି ଜଣେ ରାଜମିସ୍ତ୍ରୀ ଅଧିକ ଗଢ଼ିପାରିବେ, ଯଦି ସାହାଯ୍ୟକାରୀ-ମାନେ ଠିକଣା ଭାବରେ ଯୋଗାଡ଼ ଦେଇପାରିବେ । ସେହିପରି ଛାତ୍ରଛାତ୍ରୀମାନେ ଭଲ ଭାବରେ ପାଠକୁ ଧରିପାରିବେ, ଯଦି ପିତାମାତା ତଥା ଶିକ୍ଷକମାନେ ସେମାନଙ୍କୁ ଉପଯୁକ୍ତ ଧାରଣା ଦେବା ସହ ଆବଶ୍ୟକ ଉପକରଣ ଯଥାସମୟରେ ଯୋଗାଇ ଦେଇପାରିବେ । ଏଣୁ ପାଠ ପଢୁଥିବା ପିଲାଠାରୁ ସେମାନଙ୍କର ସହଯୋଗର ଗୁରୁତ୍ୱ ଅଧିକ ।

*ରାଜାବଗିଚା, କଟକ- ୯*

## ଆହେ ! ଦୟାମୟ ! ବିଶ୍ୱବିହାରିନ୍ !

କବି ରାମକୃଷ୍ଣ ନନ୍ଦଃ

ଅନୁବାଦକଃ- ଡ. ନିରଞ୍ଜନ ଦାଶଃ

ଆହେ ! ଦୟାମୟ ! ବିଶ୍ୱବିହାରିନ୍ !
ଶୃଣୁ ସଦୟୋ ଦୁଃଖଂ ଦୁଃଖହାରିନ୍ ! ॥
ଜଳଂ ସ୍ଥଳଂ ବନଂ ଗିରିରାକାଶଃ ।
ତବ ଲୀଳାନାଂ ସର୍ବତ୍ର ପ୍ରକାଶଃ ॥
ତ୍ୱଂ ହି ଶୁଭବୁଦ୍ଧିଂ ପରାଂ ଶିକ୍ଷୟ ।
ତ୍ୱଂ ହି ଶୁଭମାର୍ଗମେବ ଦର୍ଶୟ ॥
ମମ କାର୍ଯ୍ୟଂ ତୁ କାରୟ ସରସମ୍ ।
ମୁଖାୟ ମେ ଦେହି ଚିରଂ ପ୍ରହର୍ଷମ୍ ॥
ତବ ଚରଣେ ଚ ମମ ସୁଭକ୍ତିଃ ।
ଦୀୟତାଂ ବିପଦି ସାହସଂ ଶକ୍ତିଃ ॥
କୂଟଂ କପଟଂ ସ୍ୱଭାବସ୍ତୁ ଯସ୍ୟ ।
ଦୂରାତ୍ ପ୍ରଣୌମି ଚରଣୌ ତୁ ତସ୍ୟ ॥
ମାଂ ହି ନ ମେଳୟ ତେଷାଂ ସହିତମ୍ ।
ଭାବମ୍ ସ୍ଥାପୟ ସଜ୍ଜନସଂହତମ୍ ॥
ଦୟା ବିନୟଶ୍ଚାଂସ୍ତୁ ମେ ଭୂଷଣମ୍ ।
କସ୍ୟ ମନସେ ନ ଦଦ୍ୟାଂ କଷଣମ୍ ॥
ଦୁଃଖ୍ୟରକ୍ଷିତାନାଂ ସେବାକାରଣେ ।
ବଳଂ ପୂରୟ ମେ କରଚରଣେ ॥
ସତ୍ୟଂ ବଦିତୁଂ କଥଂ ନୁ ବିଭେମି ।
ସତ୍ୟମୁଦିତ୍ୱା ବରଂ ମରିଷ୍ୟାମି ॥
ମାମେତାଦୃଶଂ ଶିକ୍ଷୟ ସ୍ୱାମିନ୍ ହେ !
ଧନଜନପ୍ରୟୋଜନଂ ନାସ୍ତି ହେ ! ॥

*ସତ୍ୟବାଦୀ ସରକାରୀ ଉଚ୍ଚ ବିଦ୍ୟାଳୟ, ମଙ୍ଗଳପୁର, ଢେଙ୍କାନାଳ-୭୫୯୦୨୫*

# ଅଂଶୁଘାତ

ଡାକ୍ତର ସଚ୍ଚିଦାନନ୍ଦ ଶତପଥୀ

ଖରାଦିନ ଆସିଗଲେ ଅଂଶୁଘାତର ଭୟ ଆପେ ଆପେ ମନକୁ ଆସିଥାଏ । ପ୍ରତିବର୍ଷ ଅନେକ ଲୋକ ଏଥିରେ ଆକ୍ରାନ୍ତ ହେବାର ଓ କେହି କେହି ମୃତ୍ୟୁମୁଖରେ ପଡ଼ିଥିବାର ଖବର ମିଳିଥାଏ ।

ଆମ ଦେହ ଏଭଳି ଭାବରେ ଗଠିତ ଯେ ବିଭିନ୍ନ ପାରିପାର୍ଶ୍ୱିକ ଅବସ୍ଥା ସହ ତାଳ ଦେଇ ୩୭ ଡିଗ୍ରୀ ସେଲିସିୟସ୍ ପର୍ଯ୍ୟନ୍ତ ତାପମାତ୍ରାକୁ ଧରି ରଖିବା ପାଇଁ ସମର୍ଥ ହୋଇଥାଏ । ଅବଶ୍ୟ ତାପ ନିୟନ୍ତ୍ରଣ କରିବା ପାଇଁ ଦେହ ଭିତରେ ଅନେକ ପ୍ରକ୍ରିୟା କାର୍ଯ୍ୟ କରୁଥାଏ । କିନ୍ତୁ ଖରାଦିନେ ଅତି ଗରମ ପରିବେଶରେ ଏହି ପ୍ରକ୍ରିୟା ସବୁ ନିଜର ଭାରସାମ୍ୟ ହରାଇ ବସିଥାନ୍ତି । ତେବେ ପ୍ରତିକୂଳ ପରିବେଶରେ ମଧ୍ୟ ଆମ ଶରୀର ଅତି ବେଶିରେ ୩୯ ଡିଗ୍ରୀରୁ ୪୧ ଡିଗ୍ରୀ ସେଲିସିୟସ୍ ପର୍ଯ୍ୟନ୍ତ ତାପମାତ୍ରାକୁ ବେଳେବେଳେ ସହ୍ୟ କରିପାରିଥାଏ; କିନ୍ତୁ ଶରୀରର ତାପମାତ୍ରା ଏହାଠାରୁ ଅଧିକ ହୋଇଗଲେ ଶରୀର ତାହାକୁ ସହ୍ୟ କରିପାରେ ନାହିଁ । ସେତିକିବେଳେ ଶରୀର ଯେଉଁ ସମସ୍ୟାର ସମ୍ମୁଖୀନ ହୋଇଥାଏ, ତାହାକୁ 'ଅଂଶୁଘାତ' ବୋଲି କୁହାଯାଏ ।

**ଅଂଶୁଘାତର ପ୍ରକାର ଭେଦ–** ୧) ଅଂଶୁଘାତ ବା ହିଟ୍‌ଷ୍ଟ୍ରୋକ୍ ବା ସନ୍‌ଷ୍ଟ୍ରୋକ୍, ୨) ତାପଜନିତ ମାଂସପେଶୀୟ ଯନ୍ତ୍ରଣା ବା ହିଟ୍ କ୍ରାମ୍ପସ, ୩) ଶରୀରର ଅତ୍ୟଧିକ ତାପ ବୃଦ୍ଧି ବା ହିଟ୍ ପାଇରେକ୍‌ସିଆ, ୪) ତାପ ଅବସନ୍ନତା ଓ ମୂର୍ଚ୍ଛା ବା ହିଟ୍ ସିନ୍‌କୋପ୍, ୫) ସୌରଦାହ ବା ରୁଦ୍ରଜ୍ୱଳନ ବା ସନ୍‌ବର୍ଣ୍ଣ ।

ଅତ୍ୟଧିକ ଗ୍ରୀଷ୍ମପ୍ରବାହ ଦ୍ୱାରା ଶରୀରରେ ସୃଷ୍ଟି ହେଉଥିବା ତାପ ଓ ବାୟୁମଣ୍ଡଳୀୟ ତାପ ଭିତରେ ଭାରସାମ୍ୟ ରହିପାରେ ନାହିଁ । ସେହି ସମୟରେ ବାୟୁମଣ୍ଡଳୀୟ ଆର୍ଦ୍ରତା ମଧ୍ୟ ଅଧିକ ରହିଥାଏ । ଫଳରେ ଦେହରୁ ବାହାରୁଥିବା ଝାଳ ସହଜରେ ବାଷ୍ପୀଭୂତ ହୋଇପାରେ ନାହିଁ । ଶରୀରର ତାପ ନିୟନ୍ତ୍ରଣ ପ୍ରକ୍ରିୟା ବାଧାପ୍ରାପ୍ତ ହୁଏ । ତେଣୁ ଶରୀରର ତାପମାତ୍ରା ଅଧିକରୁ ଅଧିକ ବଢ଼ିଯାଏ ଓ ଶରୀର ଅଂଶୁଘାତର ଶିକାର ହୁଏ । ଅତ୍ୟଧିକ ଗ୍ରୀଷ୍ମପ୍ରବାହ ସମୟରେ ଖୁବ୍ ଶାରୀରିକ ପରିଶ୍ରମ କରୁଥିବା ବ୍ୟକ୍ତି, ବୃଦ୍ଧ, ମଦ୍ୟପ, ତଥା ଅନ୍ୟାନ୍ୟ ନିଶାଗ୍ରସ୍ତ ବ୍ୟକ୍ତି, ଅତିଶୟ ପୃଥୁଳ ବ୍ୟକ୍ତି, କ୍ଷୀଣକାୟ ବ୍ୟକ୍ତି, ଅଧିକ ସମୟ ଧରି ଖରାରେ ରହୁଥିବା ବ୍ୟକ୍ତି, ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗ ଭୋଗୁଥିବା ବ୍ୟକ୍ତି ସାଧାରଣତଃ ଅଧିକ ସଂଖ୍ୟାରେ ଏହାର ଶିକାର ହୋଇଥାନ୍ତି ।

ଅଂଶୁଘାତ ହେଲେ ଦେହର ତାପମାତ୍ରା ବଢ଼ିବା ସଙ୍ଗେ ସଙ୍ଗେ ମସ୍ତିଷ୍କ ନିଜର ନିୟନ୍ତ୍ରଣ ହରାଇ ବସେ । ଦେହର ସମସ୍ତ ଗ୍ରନ୍ଥି ହଠାତ୍ ଶୁଷ୍କ ହୋଇଯାଏ । ହୃତ୍‌ପିଣ୍ଡ, ଯକୃତ୍, ବୃକ୍କର ସ୍ୱାଭାବିକ୍ କାର୍ଯ୍ୟ ବାଧାପ୍ରାପ୍ତ ହୁଏ । ଦେହରୁ ବହୁ ପରିମାଣରେ ଜଳୀୟ ଅଂଶ ଓ ଲବଣ ଅଂଶ ନଷ୍ଟ ହୋଇଯାଏ । ତେଣୁ ଅତ୍ୟଧିକ ଶୋଷ ଲାଗେ । ପାଟି ଓ ଜିଭ ଶୁଖିଯାଏ । ମୁଣ୍ଡ ବିନ୍ଧେ । ବାନ୍ତି ହୁଏ । ବେଳେବେଳେ ମୁଣ୍ଡ ବୁଲାଇଦିଏ । କାନମୁଣ୍ଡା ଝାଇଁ ଝାଇଁ ହୋଇଯାଏ । ଶ୍ୱାସ ରୁଦ୍ଧ ହେବା ପରି ବୋଧ ହୁଏ । ପାଟି ଖନି ମାରିଯାଏ ଓ ପାଟିରୁ କଥା ବାହାରେ ନାହିଁ । ସ୍ମୃତିଶକ୍ତି ବିଲୁପ୍ତ ହୁଏ । ମୁଣ୍ଡ କିଛି କାମ କରେନାହିଁ । ଶରୀରର ତାପମାତ୍ରା ଅତ୍ୟଧିକ ବଢ଼ିଯାଏ । ଶେଷରେ ରୋଗୀ ଅଚେତ ହୋଇଯାଏ ଓ ତୁରନ୍ତ ଚିକିତ୍ସାର ବ୍ୟବସ୍ଥା ନ କଲେ ମୃତ୍ୟୁ ହୋଇଯିବାର ସମ୍ଭାବନା ରହିଥାଏ ।

**କ'ଣ କରିବ ?–** ରୋଗୀ ଦେହରୁ ଯେତେ ଦୂର ସମ୍ଭବ ପୋଷାକପତ୍ର ଖୋଲିଦିଅ । ଜୋତା, ମୋଜା ଆଦି କାଢ଼ିଦିଅ । ଦେହକୁ ଥଣ୍ଡା ବା ବରଫମିଶା ପାଣିରେ ବାରମ୍ବାର ପୋଛି ଏବଂ ପଙ୍ଖା ଚଲାଇ ଦେହର ତାପମାତ୍ରାକୁ କମାଇଦିଅ । ମୁଣ୍ଡରେ ବରଫ ଥଳି ମଧ୍ୟ ପ୍ରୟୋଗ କରିପାର । ରୋଗୀକୁ ଥଣ୍ଡା ପାଣି ଏବଂ ଲେମ୍ବୁ, ଲୁଣର ସର୍ବତ କିମ୍ବା ଓ.ଆର୍.ଏସ୍ ଦ୍ରବଣ ବାରମ୍ବାର ପିଇବାକୁ ଦିଅ । କିନ୍ତୁ ରୋଗୀ ଅଚେତ ହୋଇଗଲେ କିଛି ପିଇବାକୁ ଦିଅନାହିଁ । ଦେହର ତାପମାତ୍ରା କମିବା ମାତ୍ରେ ତୁରନ୍ତ ରୋଗୀକୁ ଡାକ୍ତରଖାନାକୁ ନେଇଯାଅ ।

**ଅଂଶୁଘାତ ନ ହେବା ପାଇଁ କେଉଁ ପ୍ରତିଷୋଧକ ବ୍ୟବସ୍ଥା ଅନୁସରଣ କରିବ ?**

★ ପ୍ରତିଦିନ ସୂର୍ଯ୍ୟୋଦୟ ପୂର୍ବରୁ ଉଠି ଭଲ ଭାବରେ ସ୍ନାନ କର । ଦିନକ ଭିତରେ ଆହୁରି ଦୁଇତିନି ଥର ମଧ୍ୟ ସ୍ନାନ କର ।

★ ଘର ବାହାରର କାର୍ଯ୍ୟକୁ ସାଧାରଣତଃ ଦିନ ୧୦ଟା ପୂର୍ବରୁ ଅପରାହ୍ଣ ୫ଟା ପରେ କରିବାକୁ ଚେଷ୍ଟା କର । ମଝି ସମୟରେ ବାହାରକୁ ବାହାର ନାହିଁ । ସବୁବେଳେ ଯଥାସମ୍ଭବ ଶୀତଳ ପରିବେଶରେ ରୁହ ।

★ ସୂତାକନାର ଢିଲା, ହାଲୁକା ଓ ଫିକା ରଙ୍ଗର ପୋଷାକ ପିନ୍ଧ । ସିନ୍ଥେଟିକ୍ କନାର ପୋଷାକ ପିନ୍ଧନାହିଁ । ବାହାରକୁ ବାହାରିବାବେଳେ ସାରା ଶରୀରକୁ ପୋଷାକରେ ଆବୃତ କର ଏବଂ ସଙ୍ଗରେ ଛତା, ଟୋପି, କଳାଚଷମା ଇତ୍ୟାଦି ନିଅ ।

★ ଓଦା ଗାମୁଛାରେ ମୁଣ୍ଡ ଓ ମୁହଁକୁ ଘୋଡ଼ାଇ ରଖ ଓ ମଝିରେ ମଝିରେ ମୁଣ୍ଡ ଓ ମୁହଁକୁ ଥଣ୍ଡା ପାଣିରେ ଧୋଇଦିଅ । ସାରା ଦେହକୁ ମଧ୍ୟ ଓଦା ଗାମୁଛାରେ ପୋଛିଦିଅ ।

★ ଘରୁ ବାହାରିବା ପୂର୍ବରୁ ପ୍ରଚୁର ପାଣି ପିଇଥିବ ଓ ହାତ, ମୁହଁ ଆଦିରେ ସନ୍‌ସ୍କ୍ରିନ୍ ଲୋସନ୍ ଲଗାଇବ ।

★ ଯଦି ପାଇବ ଦେହରେ ହଳଦୀ ଲଗାଇ ଗାଧୋଇବ । ହଳଦୀ ଚର୍ମକୁ ସୌରଦାହରୁ ରକ୍ଷା କରିଥାଏ । ହଳଦୀ ସହିତ ଚନ୍ଦନ ମିଶାଇଦେଲେ ଆହୁରି ଭଲ ।

★ ପ୍ରଚୁର ପାଣି ପିଅ । ଲେମ୍ବୁ, ଲୁଣର ସର୍ବତ, ଗ୍ଲୁକୋଜ ପାଣି, ଓ.ଆର୍.ଏସ୍ ଦ୍ରବଣ, ପଇଡ଼ ପାଣି, ଘୋଳ ଦହି, ବରଫ ପାଣି, ତୋରାଣି, କାଞ୍ଜିପାଣି ପ୍ରଭୃତି ଯେତେ ପିଇପାରିବ, ସେତେ ଭଲ । ଏହି ସମୟରେ ସିଝା ଲଘୁପାକ ଖାଦ୍ୟ ଖାଅ । ଫଳ, ଫଳରସ, କାକୁଡ଼ି, ସାଲାଡ୍, ପିଆଜ, ରସୁଣ ପ୍ରଚୁର ପରିମାଣରେ ଖାଅ । ଗରମ ଭାତ ବଦଳରେ ସଜ ପଖାଳ ଖାଅ । ଅଧିକ ତେଲ, ମସଲାଯୁକ୍ତ ଖାଦ୍ୟ ଖାଅ ନାହିଁ । ଖାଦ୍ୟରେ ଲୁଣର ପରିମାଣ ସାମାନ୍ୟ ବଢ଼ାଇଦିଅ ।

★ ଚା, କଫି, ଧୂମପାନ, ମଦ୍ୟପାନ ଇତ୍ୟାଦି ଠାରୁ ଦୂରେଇ ରୁହ ।

★ ବାଟରେ ଶୀତତାପ ନିୟନ୍ତ୍ରିତ ଗାଡ଼ିରେ ଯାଉଥିଲେ, ହଠାତ୍ ଗାଡ଼ି ଭିତରୁ ବାହାରକୁ ବାହାର ନାହିଁ । ଗାଡ଼ିର ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ବନ୍ଦ କରି, କିଛି ସମୟ ଗାଡ଼ିରେ ବସି, ତା'ପରେ ବାହାରକୁ ବାହାର ।

★ ବାହାରେ ଥିଲେ, ସାଧାରଣତଃ ଅସୁସ୍ଥତା ଅନୁଭବ କଲେ, ତୁରନ୍ତ ଏକ ଶୀତଳ ସ୍ଥାନକୁ ଚାଲିଯାଅ ।

**ଶେଷ କଥା–** ସାମାନ୍ୟ ସଚେତନତା ହିଁ ଅଂଶୁଘାତରୁ ସର୍ବଦା ରକ୍ଷା କରିପାରିଥାଏ । ତେଣୁ ଏଥିପ୍ରତି ସମସ୍ତେ ସତର୍କ ହେବା ଆବଶ୍ୟକ ।

*'ନିମନ୍ତ୍ରଣ', ୮୯, ଶକ୍ତିନଗର, ଲିଙ୍କ୍ ରୋଡ୍, କଟକ- ୧୨*

## ଶ୍ରଦ୍ଧାଞ୍ଜଳି

ଶ୍ରୀ କାହ୍ନୁଚରଣ ପାଣିଗ୍ରାହୀ

ଶନିବାର ଦିନ ଭାଉଜଙ୍କ ମନ
ହେଲା ଖାଲି ଛନଛନ,
ରେଡିଓରୁ ଏଇ ଗୀତ ଶୁଣିବାକୁ
ଡେରୁଥିଲେ ଲୋକେ କାନ ।
ଆଉ ପୁଣି ତୁମ ଗୀତ ମୁଖୁଡ଼ାରେ
ଇଟିକିଲି ମିଟିକିଲି,
ଫୁଟେଇ ଦେଇକି କାଇଁଚର ଫୁଲ
ତୁମେ ସତେ ଗଲ ଚାଲି ।
କୃଷ୍ଣ ସୁଦାମା ଚିତ୍ରରେ ସେଇ
ଟିକି ନାଉରୀର ନାଆ,
ଆଜି ବି ଖୋଜୁଛି ନାଉରିଆ ତା'ର
ପାଉନାହିଁ ସେ ତ ରାହା ।
ଚିତ୍ର-ଗୀତିକା ରାଜ୍ୟରେ ସତେ
ଘୋଟିଲା କି ଏକ ଛାଇ,
ଏମିତି ରାତି ସେ ଅଭୁଲା ସ୍ମୃତିକୁ
ଫିଙ୍ଗି ତ ହେଉନାହିଁ ।
'ସଉତୁଣୀ'ର ସେ ରୂପସୀ ରାଣୀ ବା
କାବେରୀର ଝୁମିଝୁମି
ବଡ଼ ମନଛୁଆଁ ଆଜି ବି ସେ ଗୀତ
ମନରେ ରହିଛି ଜମି ।
ଗୋପାଳକୃଷ୍ଣ, କବିସୂର୍ଯ୍ୟ ବା
ଭଞ୍ଜକବିର ଲେଖା,
ସବୁକୁ ଗାଇଛ ସରସ ରୂପରେ
ମନେ ପକେଇଛ ରେଖା ।
ତୁମ କଣ୍ଠରୁ ଗୀତଟିଏ ଯେବେ
ଆସୁଥାଏ ଝରିଝରି
ମାନସପଟରେ ଆଙ୍କୁଥାଏ ସେ
କିଶୋରୀ ବୟସ ଶିରୀ ।
ଚିତ୍ର ଜଗତ ପାଇଁ
ତୁମ ପରି ଏକ ଗାୟିକା ଖୋଜୁଛି
ଆଜି ବି ଓଡ଼ିଶା ଭୂଇଁ ।

*ବିରୁହାଁ, ପୋ- ଜାହାଙ୍ଗୀର, ଭା- ଧାମନଗର, ଭଦ୍ରକ*

(କଣ୍ଠଶିଳ୍ପୀ, ପ୍ରଚ୍ଛଦପଟ ଗାୟିକା ସ୍ୱର୍ଗତା ଭୁବନେଶ୍ୱରୀ ମିଶ୍ରଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି)

---

### "ବୁଦ୍ଧିପରୀକ୍ଷା"ର ଉତ୍ତର-

୧ । ୨୮ଜଣ ପ୍ରତିଯୋଗୀ । ସ୍ଥିତି ଦଶମ ଓ ଏକାଦଶ ।
୨ । ୬୬ ସେକେଣ୍ଡ୍ । ୩ । କ) ପ୍ରଥମ ଏଲିଜାବେଥ୍ କଦାପି ଲେଖା ନ ଥିବ- ଏଲିଜାବେଥ୍ କିପରି ଜାଣିଲେ ଯେ ପରେ ଆଉ ଜଣେ ଏଲିଜାବେଥ୍ ରାଣୀ ହେବେ- ତେଣୁ ସେ 'ପ୍ରଥମ' । ଖ) ଅଶୋକଙ୍କ ସମୟରେ ଆଲୋକଚିତ୍ର ଉଠାଇବା ପ୍ରଣାଳୀ ବା ଯନ୍ତ୍ର ନ ଥିଲା ।
୪ । (କ) ମଙ୍ଗଳବାର । (ଖ) ସ୍ୱାମୀ-ସ୍ତ୍ରୀ ।
୫ । ୫୦ ବର୍ଷ । କାରଣ ସୀତା ସେତେବେଳେ ଜନ୍ମ ହୋଇ ନ ଥିଲା ।
୬ । ପାଚିଲା ପଣସ ।

# ପ୍ରତିଧ୍ୱନି

ଶାନ୍ତି ସାମଲ

ପାହାଡ଼ ତଳେ ଥିବା ଗୋଟିଏ ଗାଁ'ରେ ନିମାଇଁ ନାମରେ ଗୋଟିଏ ଗଉଡ଼ପିଲା ଥିଲା । ତା'ର ବାପା ନ ଥିଲେ । ମା'ଟି ଅତି ଗରିବ ଥିଲେ । ମା'ଟି ଗାଁରେ ଅନ୍ୟ ଲୋକଙ୍କ ଘରେ କାମ କରି ସଂସାର ଚଳାଏ । ନିମାଇଁ ଟିକେ ବଡ଼ ହେଲା ପରେ ତା'ର ମାଆ ତାକୁ ଗାଇ ଚରାଇବାକୁ ପଠାଇଲା । ନିମାଇଁ ଛଅଟି ଗାଇବାଛୁରୀ ନେଇ ପାଖରେ ଥିବା ଜଙ୍ଗଲକୁ ଯାଏ । ସେଠାରେ ଗାଇବାଛୁରୀଙ୍କୁ ଛାଡ଼ିଦେଇ ଏଣେତେଣେ ବୁଲେ । ସୂର୍ଯ୍ୟ ବୁଡ଼ିଯିବା ବେଳ ହେଲେ ବଇଁଶୀ ବଜାଇ ଗାଇବାଛୁରୀଙ୍କୁ ଡାକି ଡାକି ମେଳ କରାଇ ଗାଁକୁ ଫେରେ ।

ଦିନେ ଗୋଟିଏ ଗାଇ ଜଙ୍ଗଲ ଭିତରକୁ ଚାଲିଯାଇଥିଲା । ନିମାଇଁ ସଂଜ ହୋଇଯିବାରୁ ତାକୁ ଜୋର୍‌ରେ ଡାକୁଥାଏ । ଗାଈଟିକୁ ସେ 'ଗେଡୁ' 'ଗେଡୁ' ବୋଲି ଡାକୁଥାଏ । ହଠାତ୍ ନିମାଇଁ ଶୁଣିଲା ଜଙ୍ଗଲ ଭିତରୁ ଆଉ କିଏ ଜୋର୍‌ରେ 'ଗେଡୁ' 'ଗେଡୁ' ଡାକୁଛି । ନିମାଇଁ ଟିକେ ଡରିଗଲା । ତେବେ ଗେଡୁକୁ ଆସିବାର ଦେଖି ତାକୁ ସାଙ୍ଗରେ ଆଣି ଅନ୍ୟ ଗାଇବାଛୁରୀଙ୍କ ସହ ଗାଁକୁ ଫେରିଗଲା ।

ତା'ପରଦିନ ଗାଇ ଚରାଇବାକୁ ଯିବା ସମୟରେ

ସେ ମନରେ ଭାବିଲା– କାଲି କିଏ ତା'ର ଗାଇକୁ ବାରମ୍ବାର ଡାକୁଥିଲା ? ଅନେକ ସମୟ ଅପେକ୍ଷା କଲା ପରେ ମନରେ ସାହସ ବାନ୍ଧି ପଚାରିଲା, "କାଲି କାହିଁକି ଗେଡୁକୁ ଡାକୁଥିଲୁ ?" ଦୂରରୁ ବାରମ୍ବାର କିଏ କହିଲା, "କାଲି କାହିଁକି ଗେଡୁକୁ ଡାକୁଥିଲୁ ?" ନିମାଇଁ କହିଲା, "ମୋ ପାଖକୁ ଆସ ।" ଦୂରରୁ ଶୁଭିଲା, "ମୋ' ପାଖକୁ ଆସ ।" ନିମାଇଁ ରାଗିଯାଇ କହିଲା, "ବଦ୍‌ମାସ୍ ମୋ ସାଙ୍ଗରେ ଖେଳୁଛୁ ?" ଦୂରରୁ ଶୁଭିଲା, "ବଦ୍‌ମାସ୍ ମୋ' ସାଙ୍ଗରେ ଖେଳୁଛୁ ।" ଏହାପରେ ନିମାଇଁ ଡରିଗଲା ଓ ଶୀଘ୍ର ଶୀଘ୍ର ଗାଇବାଛୁରୀ ନେଇ ଗାଁ'କୁ ଫେରିଗଲା ।

ଶୀଘ୍ର ଫେରିଯିବାରୁ ତା' ମା' ବ୍ୟସ୍ତ ହୋଇ ପଡ଼ିଲେ । ପଚାରିଲେ, "କ'ଣ ହେଲା ? ଦେହ ଖରାପ ଲାଗୁଛି ନା କ'ଣ ?" ନିମାଇଁ ତା'ମା'କୁ ଜଙ୍ଗଲରେ ହୋଇଥିବା କଥା ସବୁ କହିଲା । ତା'ମା' ତାକୁ ପ୍ରତିଧ୍ୱନି ବିଷୟରେ ବୁଝାଇବାକୁ ଚେଷ୍ଟାକଲେ । କହିଲେ, "ତୁ କାଲି ଜଙ୍ଗଲରେ ପହଞ୍ଚି କହିବୁ, ''ନମସ୍କାର, ଭଲ ଅଛନ୍ତି ତ ? ଭଗବାନ ଆପଣଙ୍କର ମଙ୍ଗଳ କରନ୍ତୁ ।" ନିମାଇଁ ମାଆ କହିବା ଅନୁସାରେ ଯେତେବେଳେ କହିଲା, "ନମସ୍କାର ।" ଦୂରରୁ ଶୁଭିଲା, "ନମସ୍କାର ।" ନିମାଇଁ ଖୁସି ହୋଇ କହିଲା, "ଭଲ ଅଛନ୍ତି ତ ?" ଦୂରରୁ ଶୁଭିଲା, "ଭଲ ଅଛନ୍ତି ତ ?" ନିମାଇଁକୁ ମଜା ଲାଗୁଥାଏ । ସେ କହିଲା, "ଭଗବାନ ଆପଣଙ୍କର ମଙ୍ଗଳ କରନ୍ତୁ ।" ପ୍ରତିଧ୍ୱନି ଆସିଲା, "ଭଗବାନ ଆପଣଙ୍କର ମଙ୍ଗଳ କରନ୍ତୁ ।" ସେ ଦିନଠାରୁ ନିମାଇଁ ଆଉ ଜଙ୍ଗଲରେ ଡରିଲାନି ।

ବଡ଼ ହେଲା ପରେ ନିମାଇଁ ପ୍ରତିଧ୍ୱନି ବିଷୟରେ ସବୁ ବୁଝିପାରିଲା । ତା' ବ୍ୟତୀତ ସେ ଅନୁଭବ କରିପାରିଲା ଯେ ଆମେ ଯଦି ଅନ୍ୟକୁ ଭଲ ବ୍ୟବହାର କରିବା, ଆମେ ତାଙ୍କଠାରୁ ଭଲ ବ୍ୟବହାର ନିଶ୍ଚୟ ପାଇବା । ନିଜେ ଭଲ ହେଲେ ଜଗତ ଭଲ ।

*ଅରୁଣୋଦୟ ନଗର, କଟକ- ୧୦*

# ବୋଝ ଓ ଦାୟିତ୍ୱ

ଶ୍ରୀ ନାରାୟଣ ଚନ୍ଦ୍ର ଧଳ

ଦିନେ ଛତ୍ରପତି ଶିବାଜୀ ନିଜର ସମର୍ଥ ଗୁରୁ ରାମଦାସଙ୍କ କଥା ଚନ୍ତା କରୁଥିଲେ । କେତେ ସୁଖମୟ ଓ ଆନନ୍ଦମୟ ତାଙ୍କର ଜୀବନ ! ସଂସାରର ସମସ୍ତ ଜଞ୍ଜାଳରୁ ସେ ମୁକ୍ତ । ମୁକ୍ତ ଆକାଶର ପକ୍ଷୀ ସେ । କିନ୍ତୁ ସମଗ୍ର ରାଜ୍ୟର ଶାସନ ତାଙ୍କ ଉପରେ । ରାଜ୍ୟକୁ ସୁରକ୍ଷା ଦେବା ସହିତ ପ୍ରଜାମାନଙ୍କର ଭଲମନ୍ଦ କଥା ବୁଝିବା ତାଙ୍କର ନିତିଦିନିଆ କାମ । ନା ଭଲରେ ଖାଇପାରୁଛନ୍ତି, ନା ଭଲରେ, ଶାନ୍ତିରେ ଶୋଇପାରୁଛନ୍ତି । ରାଜ୍ୟଶାସନ ସମସ୍ୟା ଜଡ଼ିତ ଅନ୍ୟାନ୍ୟ ଦାୟିତ୍ୱରୁ ସେ ମୁକ୍ତ ହେବାକୁ ଚାହିଁଲେ । ଦିନେ ଗୁରୁ ରାମଦାସ ଦରବାରରେ ପହଞ୍ଚିଲେ । ଶିବାଜୀ ସମ୍ମାନର ସହ ସେବା କଲେ । ଆସନ ଗ୍ରହଣ କରିବାକୁ ଅନୁରୋଧ କଲେ ।

ଶିବାଜୀ କହିଲେ, " ଗୁରୁଦେବ ! ମୁଁ ରାଜ୍ୟର ସବୁ ଝମେଲାରେ ବ୍ୟସ୍ତ ହୋଇ ପଡୁଛି । ପ୍ରତିଦିନ ନୂଆ ନୂଆ ସମସ୍ୟାମାନ ଆସି ପହଞ୍ଚୁଛି । ବିଶ୍ରାମ ଟିକିଏ ପାଉନାହିଁ । ଶାନ୍ତିରେ ନିଃଶ୍ୱାସ ଟିକିଏ ମାରିବାକୁ ତର ନାହିଁ । ସେଥିପାଇଁ ମୁଁ ସନ୍ନ୍ୟାସ ନେବା ପାଇଁ ଚିନ୍ତା-କରୁଛି ।''

ଗୁରୁ କହିଲେ, "ଠିକ୍ ଅଛି । ତୁମେ ସନ୍ନ୍ୟାସ ନେଇନିଅ । ଏହାଠାରୁ ଉତ୍ତମ ଆଉ କ'ଣ ଥାଇପାରେ ।"

ଶିବାଜୀ ପୁଲକିତ ହୋଇ ଉଠିଲେ, କହିଲେ, "ଗୁରୁଦେବ ! ଆପଣ ଏପରି ଜଣେ ଉପଯୁକ୍ତ ବ୍ୟକ୍ତିଙ୍କର ନାମ କୁହନ୍ତୁ, ଯାହାଙ୍କୁ ମୁଁ ରାଜ୍ୟ ଅର୍ପଣ କରି ପାରିବି ।"

ସମର୍ଥ କହିଲେ, "ମୋତେ ରାଜ୍ୟ ଦେଇଦିଅ । ନିଶ୍ଚିନ୍ତ ହୋଇ ବଣକୁ ଚାଲିଯାଅ ।'' ଶିବାଜୀ ହାତରେ ଜଳ ନେଇ ରାଜ୍ୟଦାନର ସଂକଳ୍ପ କରିନେଲେ । ରାଜମୁକୁଟ ଗୁରୁଙ୍କ ପାଦତଳେ ଥୋଇଦେଲେ ଓ ବଣକୁ ଯିବା ପାଇଁ ବାହାରିଲେ । ସେ ଦୈନିକ ଦିନଚର୍ଯ୍ୟାର କିଛି ସାଧନ ନିଜ ସହିତ ନେଇ ଯିବାକୁ ଚାହିଁଲେ । ସମର୍ଥ କହିଲେ, "ଏ କ'ଣ କରୁଛ ଶିବାଜୀ ? ସତ୍ୟ ଭଗ୍ନ କରୁଛ । ତୁମେ ରାଜ୍ୟଦାନ କରି ସାରିଛ, ତେଣୁ ଦିନଚର୍ଯ୍ୟା ଉପରେ ତୁମର କିଛି ଅଧିକାର ନାହିଁ ।'' ଶିବାଜୀ ଖାଲି ହାତରେ ଯିବାକୁ ବାହାରିଲେ । ଗୁରୁ କହିଲେ, "ଦିନଚର୍ଯ୍ୟା ପାଇଁ ସାଧନର ଆବଶ୍ୟକତା ପଡ଼ିବ, ତାହା କେଉଁଠାରୁ ଆଣିବ ?" ଶିବାଜୀ କହିଲେ, "କେଉଁଠାରେ କିଛି ଚାକିରି କରିନେବି । ସେଇ ପଇସାରେ ସାଧନର ବ୍ୟବସ୍ଥା ହୋଇଯିବ ।"

ସମର୍ଥ ହସି ହସି କହିଲେ, "ଆଛା ତୁମକୁ ଚାକିରି କରିବାର ଅଛି ତ ଅନ୍ୟ କେଉଁଠାରେ କାହିଁକି କରିବ ? ମୁଁ ତୁମକୁ ଚାକିରି ଦେବି, କରିବ ?"

ଶିବାଜୀ କହିଲେ, "ଗୁରୁଦେବ ! ମୋତେ ସାମାନ୍ୟ ଛୋଟ ଚାକିରି ଖଣ୍ଡିଏ ଦେଇଦେଲେ ଚଳିବ ।"

ଗୁରୁଦେବ କହିଲେ, "ତୁମେ ତ ମୋତେ ରାଜ୍ୟଦାନ କରିସାରିଛ, ବର୍ତ୍ତମାନ ମୋର ସେବକ ହୋଇ ରାଜ୍ୟର ସଞ୍ଚାଳନ କର । ଏଇ ରାଜକାର୍ଯ୍ୟ ହିଁ ତୁମର ଚାକିରି । ଚାକିରି ଛୋଟ ହେଉ ବା ବଡ଼ ହେଉ, ସେଥିରେ କିଛି ଯାଏଆସେ ନାହିଁ । କାର୍ଯ୍ୟକୁ ଠିକ୍ ଭାବରେ ସାରିବା ଆମର କାମ । ଏଥିରେ ବ୍ୟସ୍ତ ବା ବ୍ୟଗ୍ର ହେବାର କୌଣସି ଆବଶ୍ୟକତା ନାହିଁ ।''

ଶିବାଜୀ ଗୁରୁଙ୍କର ସେବକ ଭାବେ ରାଜ୍ୟର ଦାୟିତ୍ୱ ନେଲେ । ଏହାପରେ ଶିବାଜୀ ଆଉ କେବେ ରାଜ୍ୟଶାସନ କରିବାର ଚାପ ଅନୁଭବ କଲେ ନାହିଁ । ଏହାର ଗୂଢ଼ ରହସ୍ୟ ହେଉଛି, ମନୁଷ୍ୟ କାର୍ଯ୍ୟ କରିବା ଯୋଗୁଁ ନୁହେଁ, ବରଂ କାର୍ଯ୍ୟକୁ ବୋଝ ମନେକରିବା ଯୋଗୁଁ ଚାପଗ୍ରସ୍ତ ହୋଇଥାଏ । କାର୍ଯ୍ୟକୁ ଦାୟିତ୍ୱ ରୂପେ ଗ୍ରହଣ କରିବା ଉଚିତ । ଏହା ମନକୁ ନିଷ୍କଳୁଷ ଓ କାର୍ଯ୍ୟକୁ ଚାପମୁକ୍ତ କରିଥାଏ ।

*ଶ୍ରୀରାଧା ଭବନ, ଅପର୍ତ୍ତିବିନ୍ଧା, ଭଦ୍ରକ- ୭୫୬୧୦୦*

---

# ମଇଁଷି ଶିଙ୍ଗ ଫଟା

ଶ୍ରୀମତୀ ସୁଷମା ମିଶ୍ର

ବଣ ପାହାଡ଼ଘେରା ଏକ ଅଞ୍ଚଳ ମଧ୍ୟରେ ଗୋଟିଏ ଛୋଟ ଗାଁ ଥିଲା । ସେହି ଗାଁରେ କେତେଗୁଡ଼ିଏ ମଇଁଷିଆଳ ପରିବାର ବାସ କରୁଥିଲେ । ଜଙ୍ଗଲରୁ ଫଳ, ମୂଳ, ଡାଳ ସଂଗ୍ରହ କରି ଓ ଜଙ୍ଗଲୀ ମଇଁଷି ପାଳନ କରି ସେ ଗ୍ରାମର ଲୋକମାନେ ଜୀବିକା ନିର୍ବାହ କରୁଥିଲେ ।

ସେହି ଜଙ୍ଗଲରେ ଗୋଟିଏ ଆକ୍ରମଣକାରୀ ସିଂହ ବାସ କରୁଥିଲା । ତାର ଯେତେବେଳେ ଇଚ୍ଛା ହେଉଥିଲା, ସିଏ ମଇଁଷିପଲ ମଧ୍ୟରୁ ଗୋଟିଏ ହୃଷ୍ଟପୁଷ୍ଟ ମଇଁଷିକୁ ଶିକାର କରି ତାର କ୍ଷୁଧା ନିବାରଣ କରୁଥିଲା । ମଇଁଷିପଲ ହଠାତ୍ ଭୟ ପାଇ ଏଣେତେଣେ ପଳାଉଥିଲେ । ସେମାନଙ୍କର ମାଲିକମାନେ ମଧ୍ୟ ଆକ୍ରମଣକାରୀ ସିଂହକୁ କୌଣସି ପ୍ରକାରେ କାବୁ କରି ପାରୁ ନ ଥିଲେ । ତେଣୁ ସେମାନଙ୍କୁ ଗୋଟିଏ ଗୋଟିଏ ମଇଁଷି ହରାଇ ବ୍ୟବସାୟରେ ବିପୁଳ କ୍ଷତି ସହିବାକୁ ପଡୁଥିଲା । ଏତେ ବଡ଼ ଭୟଙ୍କର ହିଂସ୍ର ସିଂହ ପାଖକୁ ସାହସ କରି ଯିବ ବା କିଏ ?

ଦିନେ ମଇଁଷିପଲ ମଧ୍ୟରେ ଥିବା ସମସ୍ତଙ୍କଠାରୁ ବୟସ୍କ, ବୁଢ଼ା ମଇଁଷି ନିଜ ଜାତିର ପରିବାରକୁ ଏକତ୍ର କରି କହିଲା, ଜନ୍ମ ହୋଇଛେ ଯେତେବେଳ ମରିବା ତ ନିଶ୍ଚୟ, ତେଣୁ ସାହସ ସଞ୍ଚୟ କରି ମରିବା ନାହିଁ କାହିଁକି ? ଯେତେଦିନ ବଞ୍ଚିବା ମିଳିମିଶି ବଞ୍ଚିବା । ସିଂହର ଶିକାରରେ ମରିବା କାହିଁକି ?" ଏ କଥା ମଇଁଷିପଲଙ୍କ ମନକୁ ପାଇଲା । ସମସ୍ତେ ତାହାର କଥା ମାନି ସେହି ଅନୁସାରେ ଚଳିବେ ବୋଲି ରାଜିହେଲେ । ତା'ପରଦିନ ବଳବାନ୍ ଯୁବ ମଇଁଷିମାନଙ୍କୁ ନେଇ ଏକ ବଡ଼ ଦଳ ଗଠନ କରାଗଲା । ସିଂହର ଆକ୍ରମଣକୁ ପ୍ରତୀକ୍ଷା ନ କରି ସଂଘବଦ୍ଧ ଭାବରେ ସିଂହର ରହିବା ସ୍ଥାନକୁ ଯାଇ ତାକୁ ଆକ୍ରମଣ କରିବାକୁ ସୁଚିନ୍ତିତ ଯୋଜନା ପ୍ରସ୍ତୁତ ହେଲା । ନୂତନ ଆଶା, ନୂତନ ସାହସ ଓ ନୂତନ ଯୋଜନା ଯୋଗୁଁ ବଳିଷ୍ଠ ଯୁବ ମଇଁଷିମାନଙ୍କ ସାହସ ବଢ଼ିଗଲା । ସେମାନେ ସାହସର ସହିତ ଆଗେଇଯାଇ ଗୁମ୍ଫାରେ ସିଂହ ଶୋଇଥିବା ବେଳେ ଅଚାନକ ସିଂହକୁ ସମୂହ ଆକ୍ରମଣ



କଲେ । ସିଂହ ପୂର୍ବରୁ କେବେହେଲେ ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇ ନ ଥିଲା । ସେ ଏତେ ବିଚଳିତ ହୋଇ ପଡ଼ିଲା ଯେ ଆଉ କିଛି ଚିନ୍ତା ନ କରି ନିଜର ଜୀବନ ରକ୍ଷା କରିବା ପାଇଁ ସେଠାରୁ ପଳାଇଗଲା ।

ସମସ୍ତେ ଜାଣନ୍ତି ସିଂହ ଜଙ୍ଗଲର ପଶୁମାନଙ୍କ ମଧ୍ୟରେ ରାଜା । ଆକ୍ରମଣକାରୀ କିଏ, ତାଙ୍କର ସଂଖ୍ୟା କେତେ, ଏହା ଭାବିବାକୁ ତା' ପାଖରେ ସମୟ ନ ଥିଲା । ରାଜାମାନଙ୍କର ସାଧାରଣ ବୁଦ୍ଧି କମ୍ ଥାଏ । କୌଣସି ବିପଦ ସମୟରେ ସେମାନେ ଅନ୍ୟର ପରାମର୍ଶ ଲୋଡ଼ିଥାନ୍ତି । ସିଂହର ଅବସ୍ଥା ମଧ୍ୟ ସେହିପରି ହେଲା । ରାଜା ହେଲେ କ'ଣ ହେବ ? ତାକୁ ପରାମର୍ଶ ଦେବା ପାଇଁ ସେତେବେଳେ ତା' ପାଖରେ କେହି ନ ଥିଲେ । ତେଣୁ କିଛି ଚିନ୍ତା କରିବା ଆଗରୁ ସେ ପ୍ରାଣ ବିକଳରେ ସେଠାରୁ ପଳାଇଗଲା ଏବଂ ପୁନର୍ବାର ଲେଉଟିବାର ଆଶା ନ ରଖି ସବୁଦିନ ପାଇଁ ସେ ସ୍ଥାନ ପରିତ୍ୟାଗ କରି, ଅନ୍ୟ ଏକ ସୁଦୂର ଜଙ୍ଗଲକୁ ଯାଇ ସେଠାରେ ଅବସ୍ଥାନ କଲା ।

ସେହିଦିନଠାରୁ ସିଂହର ଅନୁପସ୍ଥିତିରେ ମଇଁଷି ଓ ମଇଁଷିଆଳ ପରିବାର ନିଶ୍ଚିନ୍ତରେ ଓ ମନ ଖୁସିରେ ବାସ କଲେ । ଉପସ୍ଥିତି ବୁଦ୍ଧି ପ୍ରୟୋଗ କଲେ ସଠିକ୍ ସମୟରେ ତାହା ବିପଦରୁ ରକ୍ଷା କରିଥାଏ । ମଇଁଷିମାନେ ଏକଜୁଟ ହୋଇ ସିଂହ ବିରୋଧରେ ଅଚାନକ ଆକ୍ରମଣ କରିବାରୁ ସବୁଦିନ ପାଇଁ ବିପଦମୁକ୍ତ ହୋଇଗଲେ । ସେଥିପାଇଁ କୁହାଯାଇଛି–

"ମଇଁଷି ସିଂଘ ଫଟା
ଜୁଝିଲା ବେଳକୁ ଗୋଟା ।"

*ବାଲିସାହି, ରୁଚିଗଳି, ମଧୁପାଟଣା, କଟକ- ୭୫୩୦୧୦*



## ଅଛି–ନାହିଁ

ଉପରୋକ୍ତ ଦୁଇଟି ଚିତ୍ର ମଧ୍ୟରେ ଅତି କମ୍‌ରେ ୭ଟି ପ୍ରଭେଦ ଅଛି । ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଖୋଜି ବାହାର କରନ୍ତୁ ତ !

*(ଉତ୍ତର ୪୯ ପୃଷ୍ଠାରେ)*



# ପାଠପଢ଼ାରେ ଗର୍ବ ନ ରହୁ

ଶ୍ରୀ ରବୀନ୍ଦ୍ରନାଥ ମାଝୀ

ଦକ୍ଷିଣ ଆଫ୍ରିକାରେ ଥାଆନ୍ତି ଗାନ୍ଧିଜୀ । ଫୋଏନିକ୍ସ୍ ଆଶ୍ରମ ଗଢ଼ା ଯାଇଥାଏ ସେଠି । ଫୋଏନିକ୍ସ୍ ଏକ ଅମର ପକ୍ଷୀ । ଆରବ ଦେଶର ଲୋକକଥାରେ ଏହି ପକ୍ଷୀଟି ପାଞ୍ଚଶହ ବର୍ଷ ବଞ୍ଚି ରହେ । କୁହାଯାଏ ସେ ନିଜେ ଜଳି ପାଉଁଶ ହୁଏ ଏବଂ ସେହି ପାଉଁଶ ଭିତରୁ ଆଉଥରେ ଫୋଏନିକ୍ସ୍ ଜନ୍ମ ନିଏ । ପକ୍ଷୀଟି ଚଳଚଞ୍ଚଳ ଓ ତେଜସ୍ୱୀ ।

ଫୋଏନିକ୍ସ୍ ଆଶ୍ରମରେ ସତ୍ୟାଗ୍ରହ ପାଇଁ ସ୍ୱେଚ୍ଛାସେବୀ ତାଲିମ୍ ପାଉଥିଲେ । "ସତ୍‌ଚରିତ୍ର ନିଷ୍ଠା ପ୍ରତ୍ୟେକଙ୍କ ଭିତରେ ରହିଲେ କେହି ଜଣେ କେଉଁଠି ହାରିବ ନାହିଁ କି କୌଣସି ଆନ୍ଦୋଳନ ବିଫଳ ହେବ ନାହିଁ । ଏହା ହିଁ ଥିଲା ଆଶ୍ରମର ସନ୍ଦେଶ ।

ଗାନ୍ଧିଜୀ ଫୋଏନିକ୍ସ୍ ଆଶ୍ରମରେ ପିଲାମାନଙ୍କ ପାଇଁ ସ୍କୁଲ୍ ଚଳାଉଥିଲେ । ସତ୍‌ଶିକ୍ଷା ଓ ଶିକ୍ଷା ପାଇଁ ଆଗ୍ରହ ସୃଷ୍ଟି କରିବା ପାଇଁ ସେଠାରେ ଉଦ୍ୟମ ହେଉଥିଲା ।

ଛାତ୍ର ଜଣେ ଭଲ ଓ ଠିକ୍ ଉତ୍ତର ଲେଖିଲେ ଭଲ ନମ୍ବର ରଖେ ଓ ଅନ୍ୟ ଜଣେ ଛାତ୍ର ପଢ଼ାରେ ଆଗ୍ରହ ଥାଇ ବି ଭଲ ଉତ୍ତର ନ ଲେଖି ନ ପାରିଲେ କମ୍ ନମ୍ବର ରଖେ । ମାତ୍ର ଏହି ସ୍କୁଲ୍‌ର ପିଲାମାନଙ୍କୁ ଅନ୍ୟ ଉପାୟରେ ପରୀକ୍ଷା କରୁଥିଲେ ଗାନ୍ଧିଜୀ । ଗୋଟିଏ କକ୍ଷରେ ପଢୁଥିବା ଛାତ୍ରମାନେ ଠିକ୍ ଉତ୍ତର ଲେଖିଲେ ବି ଗାନ୍ଧିଜୀ ସେମାନଙ୍କୁ ଅଳ୍ପ ନମ୍ବର ଦେଉଥିଲେ ଓ ଉତ୍ତର ଲେଖିବାକୁ ଚେଷ୍ଟା କରି ଠିକ୍ ଉତ୍ତର ଲେଖିପାରୁ ନ ଥିବା ପିଲାମାନଙ୍କୁ ଅଧିକ ନମ୍ବର ଦେଉଥିଲେ ।

ଗାନ୍ଧିଜୀଙ୍କର ଏପରି ନମ୍ବର ଦେବାକୁ ପିଲାମାନେ କିଛି ବୁଝି ପାରୁ ନ ଥିଲେ । ଗାନ୍ଧିଜୀ ପିଲାମାନଙ୍କୁ ବୁଝାଉଥିଲେ ଯେ "ପ୍ରତିଯୋଗିତା ଆମ ସ୍କୁଲ୍‌ର ନୀତି ନୁହେଁ । ଏଠି ଯିଏ ଭଲ ପଢୁଛି, ସେ ଭଲ ପଢୁଛି ବୋଲି ଗର୍ବ କରୁ– ଏକଥା ଆମେ ଚାହୁଁନାହୁଁ । ଯିଏ ଭଲ ପଢୁନାହିଁ, ତା'ଠାରୁ ଭଲ ପଢୁଥିବା ପିଲାଟି ଉତ୍ତମ, ଏଭଳି ବିଚାର ଠିକ୍ ନୁହେଁ ।

ଆଜି ଗୋଟିଏ ପିଲା ପାଠପଢ଼ାରେ ଯେତିକି ବାଟ ଯାଇଛି, କାଲିକୁ ତା'ଠୁ ବେଶି ଯିବା କଥା । ସବୁଠୁ ଭଲ କରିବା ପିଲାଟି ଆହୁରି ଭଲ କରିବା ଶିଖୁ । ଭଲ କରୁ ନଥିବା ପିଲାଟି ଭଲ କରିବା ପାଇଁ ଚେଷ୍ଟା କରୁ– ଏକଥା ମୁଁ ଚାହେଁ । ତେଣୁ ଜଣେ ଛାତ୍ରର ମାପକାଠି କେବେହେଲେ ଭଲ ନମ୍ବର ନୁହେଁ, ତେଣୁ ମୁଁ ଏଭଳି ନମ୍ବର ଦେଉଛି । ପାଠବହିର ଉତ୍ତରଠାରୁ ଚରିତ୍ର ଗଢ଼ିବା ଓ ନିଷ୍ଠାବାନ୍ କରାଇବା ସତ୍‌ଶିକ୍ଷାର ମୂଳ କଥା । ଜଣେ ସତ୍‌ଚରିତ୍ର ଥିବା ପିଲା ଭଲ ନମ୍ବର ରଖି ଗର୍ବ କରୁ ନ ଥିଲେ ଆମ ଶିକ୍ଷା ସତ୍ ଶିକ୍ଷା ବୋଲି ମୁଁ ମନେକରିଥାଏ ।"

ଗାନ୍ଧିଜୀଙ୍କର ଏହି ନୀତିକୁ କେହି ଗ୍ରହଣ କରୁ



ଆଜିକାଲି ଅନେକ ଓଡ଼ିଆ ଦୈନିକ ସମ୍ବାଦପତ୍ର ଦେଖିବାକୁ ମିଳୁଛି । 'ସମାଜ' ତ ବହୁ ପୁରୁଣା । ଏବେ ସମ୍ବାଦ, ସମୟ, ଧରିତ୍ରୀ, ପ୍ରମେୟ ଇତ୍ୟାଦି ଦେଖିବାକୁ, ପଢ଼ିବାକୁ ମିଳୁଛି । ଲୋକସଂଖ୍ୟା ବୃଦ୍ଧି ପାଇବା ସହିତ ଓଡ଼ିଆ ଖବରକାଗଜ ପ୍ରତିଯୋଗୀ ମନୋଭାବ ନେଇ ଗତିଶୀଳ ହୋଇପାରୁଛି– ଆନନ୍ଦର କଥା ।

ଏ ସବୁ ବ୍ୟତୀତ ଇଂରାଜୀ ଦୈନିକ ସମ୍ବାଦପତ୍ର ମଧ୍ୟ ରହିଛି । ଏ ସବୁ ଲୋକଙ୍କ ନିକଟରେ ପହଞ୍ଚାଇବାର ଦାୟିତ୍ୱ ଖବରକାଗଜ ବିକାଳିମାନଙ୍କର । ସେମାନେ ପାହାନ୍ତା ପ୍ରହରରୁ ଘରେ ଘରେ ନେଇ ଖବର କାଗଜ ପହଞ୍ଚାଇଥାନ୍ତି । ସକାଳୁ ଉଠିଲେ ବୃଦ୍ଧଙ୍କ ଆଖିରେ ଚଷମା, ଗୋଟିଏ ହାତରେ ଚା'କପ୍ ଓ ଅନ୍ୟ ହାତରେ ଖବରକାଗଜ ଥିବାର ଦୃଶ୍ୟ ଆମେ ଦେଖି ପାରିବା । ରିକ୍ସା ଚାଳକ, ଦୋକାନୀଠାରୁ ଆରମ୍ଭ କରି ଧନିକଶ୍ରେଣୀ ପର୍ଯ୍ୟନ୍ତ ସମସ୍ତେ ସକାଳୁ ଖବର କାଗଜ ନ ପଢ଼ିଲେ ଦିନସାରା ସମୟଟା ଅଧା ଅଧା ଲାଗେ । ଅବଶ୍ୟ ଏବେ ଦୂରଦର୍ଶନରେ ପୂର୍ବଦିନର ଖବର ଜଣାପଡ଼ିଯାଉଛି; ତଥାପି ସମସ୍ତେ ଖବରକାଗଜ ଖଣ୍ଡେ ପଢ଼ିବା ପାଇଁ ବ୍ୟଗ୍ର ହୁଅନ୍ତି । କିଶୋର-କିଶୋରୀମାନେ ଦୂରଦର୍ଶନ ଓ ମୋବାଇଲ୍ ଇଣ୍ଟରନେଟ୍ ମାଧ୍ୟମରେ ଖବର ପାଉଛନ୍ତି । ବୋଧହୁଏ ସେଥିପାଇଁ ଅନେକ ପିଲା ଓଡ଼ିଆ ଖବରକାଗଜ ପଢ଼ନ୍ତି ନାହିଁ ବୋଲି ମୋର ଧାରଣା । ଇଂରାଜୀ ଖବରକାଗଜ, ପତ୍ରିକା, ଇଂରାଜୀ ସନେମା ପତ୍ରିକା ପଢ଼ନ୍ତି । ଖେଳ ବିଷୟରେ ପତ୍ରିକା ପଢ଼ନ୍ତି; କିନ୍ତୁ ଓଡ଼ିଆ ଖବରକାଗଜ ପଢ଼ିବା କଥା କହିଲେ ସେମାନେ କହନ୍ତି– ନେଟ୍‌ରୁ ଆମେ ଯେତେ ଖବର ଜାଣୁଛୁ, ତମେମାନେ ତା'ଠୁ କମ୍ ଜାଣିଥିବ । ସତକଥା– ସେମାନେ ଦେଶବିଦେଶର ନୂଆ ନୂଆ ତଥ୍ୟ ପାଆନ୍ତି ନେଟ୍‌ରୁ । ଯୁଗ ତ ବଦଳିବ; ତାକୁ ଆମ୍ଭେମାନେ କ'ଣ ବନ୍ଦ କରିପାରିବା ?

ପୁରୀକୁ ବୁଲିବାକୁ ଯାଇଥିଲି । ଗୋଟିଏ ନାମଜାଦା ହୋଟେଲରେ ଦୁଇ ଦିନ ରହିଲି । ଖାଇବା, ପିଇବା, ଶୋଇବା ଓ ବସିବା ସବୁ ଅତି ଆଧୁନିକ ଧରଣର । ନାତିନାତୁଣୀମାନେ ନୂଆ ନୂଆ ଧରଣର ଖାଦ୍ୟ ବରାଦ କରୁଥାନ୍ତି । ଆମେ ଖାଲି ଦେଖୁଥାଉ । କେତେକ ସୁସ୍ୱାଦୁ ଲାଗୁଥାଏ ଆଉ କେତେକ ଖାଦ୍ୟ ରୁଚିକର ଲାଗୁ ନ ଥାଏ । କିନ୍ତୁ ପିଲାମାନଙ୍କୁ ଖାଦ୍ୟର ନାମକରଣରୁ ବୋଧହୁଏ ସୁସ୍ୱାଦୁ ଲାଗୁଥାଏ, ତାହା ଆମେ ଜାଣିପାରିଲୁ ନାହିଁ । ସନ୍ତରଣ ପୁଷ୍କରିଣୀଟି ଖୁବ୍ ସୁନ୍ଦର । ସୁରକ୍ଷା କର୍ମଚାରୀମାନେ ରୀତିମତ ଲାଗିଥାନ୍ତି ତାହାର ରକ୍ଷଣା-ବେକ୍ଷଣରେ । ଲାଗିଲା– ତାହାରି ଆକର୍ଷଣରେ ବୋଧହୁଏ ଅଧିକ ଭ୍ରମଣକାରୀ ଆସୁଛନ୍ତି । ପିଲାମାନଙ୍କୁ ନେଇ ଦିନରାତି ଆମ ନାତିନାତୁଣୀମାନେ ସନ୍ତରଣରେ ବୁଡ଼ିରହିଲେ । କି ଆନନ୍ଦ ! ତାଙ୍କରି ଆନନ୍ଦରେ ଆମେ ବି ଭାଗନେଲୁ ।

ପ୍ରଥମ ଦିନଟି ଗଲାପରେ ଦ୍ୱିତୀୟ ଦିନ ମତେ ଅଡୁଆ ଲାଗିଲା, କାରଣ ଓଡ଼ିଆ ଖବରକାଗଜ ପଢ଼ିନାହିଁ । ଆମ କୋଠରିରେ ଅବଶ୍ୟ ଥିଲା; କିନ୍ତୁ ଇଂରାଜୀ ଖବର

---

ବା ନ କରୁ ସତ୍‌ଶିକ୍ଷା ଚରିତ୍ର ଗଢ଼ିବାରେ ସଫଳ ହେଉ । କେହି ଶିକ୍ଷା କ୍ଷେତ୍ରରେ ନିଜକୁ ବଡ଼ ମନେ ନ କରୁ, ଶିକ୍ଷା ଊଣା ଅଛି ବୋଲି କେହି ଛୋଟ ନ ଭାବୁ । ଶିକ୍ଷାଲାଭର ଆଗ୍ରହ ମନକୁ ଆସୁ, ପ୍ରତିଯୋଗିତା ବାଧକ ନ ହେଉ– ଏହା ହିଁ ଥିଲା ଗାନ୍ଧିଜୀଙ୍କର ଇଚ୍ଛା ।

କବିତା ଭବନ, ପ୍ଲଟ୍ ନଂ. ୧୧୩ / ୩୩୯୫, ଜୟଦେବ ବିହାର, ଭୁବନେଶ୍ୱର-୧୩

କାଗଜ ଥିଲା । ସକାଳୁ କର୍ମଚାରୀଟିଏ ଆସି 'ଗୁଡ୍‌ମର୍ଣ୍ଣିଂ' କହି ଇଂରାଜୀ ଖବର କାଗଜ ବଢ଼ାଇଦେଲା । ମୁଁ ତାକୁ ପଚାରିଲି, "ଓଡ଼ିଆ ଖବରକାଗଜ ନାହିଁ?" ହସିଲା, କହିଲା, "ଓଡ଼ିଆ ଖବରକାଗଜ ଆସେନି । ଏଠିକି ଫରେନର୍‌ମାନେ ବେଶୀ ଆସନ୍ତି ତ, ସେଇଥିପାଇଁ ।"

ଚାହିଁଲି ଚାରିଆଡ଼େ– କାନ୍ଥ, ବାଡ଼, ଫାଟକ । ସତରେ ମତେ ଲାଗିଲା ଯେ ଆମେ ଓଡ଼ିଶା ବାହାର ହୋଟେଲରେ ରହିଛୁ କି ? ନାଇଁ ତ ! ପ୍ରକୃତିସ୍ଥ ହେଲି । ଆଉ କିଛି କହିଲିନି । ଯିଏ ଯାହା ଭାବୁ, ମତେ ଅଡୁଆ ଲାଗିଲା । ଭାବିଲି, ଓଲଟା କଥା ! ଫରେନର୍‌ମାନେ ଆସିଲେ ବରଂ ଓଡ଼ିଆ ଖବରକାଗଜ ରଖିବା କଥା ! ଇଂରାଜୀ ଖବର କାଗଜଟିରେ ଆଖି ପକାଇବାକୁ ଇଚ୍ଛା ହେଲାନାହିଁ କାହିଁକି ଜାଣେନି । ବୋଧହୁଏ ଆମ ମାତୃଭାଷା ଓଡ଼ିଆ ଦେଖିଲେ ବା କହିଲେ ଏହା ଆମ ଅନ୍ତରର ଚେତନା ସହିତ ସଂଯୁକ୍ତ ହୋଇଯାଏ, କାରଣ ଆମ ଅନ୍ତରଟା ଓଡ଼ିଆ । କାହିଁକି ଆମକୁ ବାହାର ଦେଶରେ ଓଡ଼ିଆ ଲୋକଟିଏ ଦେଖିଲେ ଖୁସି ଲାଗେ ? କାରଣ ଆମର ଅନ୍ତରର ଭାଷା ସେହି ଓଡ଼ିଆ ଭାଷା ଦ୍ୱାରା ହିଁ ପରିସ୍ଫୁଟ ହୋଇଥାଏ । ଓଡ଼ିଆ ବ୍ୟତୀତ ଅନ୍ୟ ଭାଷାରେ (ଇଂରାଜୀ, ହିନ୍ଦୀ, ବଙ୍ଗଳା, ତେଲୁଗୁ) କଥାବାର୍ତ୍ତା ହେଲେ ଉପରେ ଉପରେ ଭାଷା ସବୁ ଉଡ଼ିଲା ଭଳି ମତେ ଲାଗେ । ହୃଦୟ ଭିତରକୁ ଯାଏ ନାହିଁ କି ହୃଦୟରୁ ବାହାରେ ନାହିଁ ।

ସେଥିପାଇଁ ନିଜ ନିଜ ରାଜ୍ୟ ବା ଦେଶର ଭାଷାକୁ 'ମାତୃଭାଷା' ବୋଲି କୁହାଯାଉଛି । ଦୂରଦର୍ଶନରେ ଯୁବକ, ଯୁବତୀ ଓଡ଼ିଆ ଭାଷାରେ ଉଚ୍ଚାରଣ ଠିକ୍‌ରେ କରୁନାହାନ୍ତି । ଓଡ଼ିଆ କହିଲାବେଳେ ପାଟି ଲାଗୁଛି । ସେମାନେ ଭାଷାକୁ କେଉଁଆଡ଼େ ନେବେ, ସେମାନେ ଜାଣନ୍ତି । ଯାହା ବି ହେଉ, ଆସନ୍ତୁ ଭାବିବା ଅନ୍ତତଃ କ'ଣ କଲେ ଓଡ଼ିଆ ଭାଷାକୁ ସମସ୍ତେ ଭଲପାଇବେ, ଜାଣିବେ ।

**ଅନସୂୟା ନନ୍ଦ**

## ନାମ ମୋର ବଣମଲ୍ଲୀ

ଶ୍ରୀ ପୀତାମ୍ବର ମିଶ୍ର

ବଣଜଙ୍ଗଲରେ ଜନମ ମୋର
ପାଏନାହିଁ କେବେ କାହା ଆଦର,
ନାଳ ନରଦମା ପାଣିକି ପିଇ
ଶୁଖିଲା ମାଟିରେ ପାରେ ମୁଁ ଜୀଇଁ
ରଂଗ ମୋର ଧଳା ଦିଶଇ ତୋରା
ରୂପହୀନ ମୁହିଁ ସୁବାସ ଭରା
ସହିପାରେ ଦେହେ ଶୀତର ଜାଡ଼
ନିଦାଘର ତାତି ବରଷା ଝଡ଼
ନାମ ମୋର ବଣମଲ୍ଲୀ
ପ୍ରକୃତି ଉଦ୍ୟାନେ କଣ୍ଟକ କାନନେ
ମୁହିଁ ଯେ କଅଁଳ ବଲ୍ଲୀ,
ନାମ ମୋର ବଣମଲ୍ଲୀ ।

ହୁଏ ନାହିଁ ତୋଳା ମାଳି ହାତର
ମିଳେନାହିଁ କେଉଁ ଫୁଲ ହାଟର
ପାଏନାହିଁ ଶୋଭା ଫୁଲ ତୋଡ଼ାର
ହୁଏନାହିଁ ସଜା କାହା ଗଭାର
ବାରଓଷା ତେର ପୁଣ୍ୟ ପରବେ
ଖୋଜା ପଡ଼େନାହିଁ ପୂଜା ଦରବେ

'ମୁଁ କିଏ'ର ଉତ୍ତର– ପାଲଟଣା ଡଙ୍ଗା

ସେଥିପାଇଁ ମନେ ନାହିଁ ମୋ ଦୁଃଖ
ସୁଖୀ ହୁଏ ଦେଖି ଆନର ସୁଖ
କହୁଅଛି ମନ ଖୋଲି
ଜନମନ ତୋଷି ଭରିବାକୁ ଖୁସି
ହସେ ମୁହିଁ ଖିଲିଖିଲି,
ନାମ ମୋର ବଣମଲ୍ଲୀ ।

ହେ ବିଶ୍ୱବିହାରୀ ଘେନ ପ୍ରଣାମ
ବଣମଲ୍ଲୀ କରି ଦିଅ ଜନମ
ରୂପ ଅଂହକାର ନାହିଁ ମୋ ଲୋଡ଼ା
ସୁବାସେ ସୁଗୁଣେ ହୁଏ ମୁଁ ଗଢ଼ା
ତୁମେ ତିଆରିଛ ସାରା ଦୁନିଆଁ
କୃପା ବଳେ ପ୍ରଭୁ କର କିମିଆଁ
ମାନବୀୟ ଗୁଣେ ମାନବଗଣ
ମାଧବ ହେବାକୁ କରନ୍ତୁ ପଣ
ଅସୂୟା ଆସକ୍ତି ଭୁଲି
ଦିଅ ହେ ଆଶିଷ ହଜୁ ଅବଶୋଷ
ହସୁଥାଉ ପୁରପଲ୍ଲୀ
ନାମ ମୋର ବଣମଲ୍ଲୀ ।

*ବାଗଦାବିନାୟକପୁର, କିଆପଡ଼ା, ବ୍ରାହ୍ମଣୀ ଗାଁ, ଭଦ୍ରକ-୭୫୬୧୬୫*



### ଅଛି-ନାହିଁର ଉତ୍ତର

୧) ଓଠର କଡ଼ରେ ୨ଟି ଗୋଲ ଦାଗ । ୨) ଡାହାଣ ପାଖ ପତ୍ରରେ ଗୋଟେ ଗାର ନାହିଁ । ୩) ବେକରେ ଗାର ନାହିଁ । ୪) ମୁଣ୍ଡର ଫୁଲରେ ଗୋଟେ ଗାର ନାହିଁ । ୫) ଓଠ ଦୁଇପଟେ ହସିବାର ଗାର ନାହିଁ । ୬) ଓଠର ଗାର ନାହିଁ । ୭) ଗୋଡ଼ ଆଙ୍ଗୁଠିର ବାମ ଓ ଡାହାଣ ରେଖାରେ ପ୍ରଭେଦ ।

## ସହର ଓ ଗାଁ

ଶ୍ରୀ କାଞ୍ଚି ନାରାୟଣ ମହାନ୍ତି

## ବିଚିତ୍ର ବିଶ୍ୱାସରେ ସିନେ ତାରକାମାନେ

ନିଜ ନିଜର ପ୍ରତିଷ୍ଠା ପାଇଁ କିଏ କେତେ ଉପାୟକୁ ଆଶ୍ରୟ କରେ । ତା' ବ୍ୟତୀତ ପ୍ରତିଷ୍ଠାକୁ ସାମାନ୍ୟ ଦୋହଲାଇ ଦେବାକୁ କେହି କେବେ ଚାହେଁନା । ସ୍ଥିତିକୁ ସୁଦୃଢ଼ କରି ରଖିବା ଏବଂ ପତନର ଆଶଙ୍କାରେ ବିଚଳିତ ହେବା ଆମ ବଲିଉଡର ପ୍ରତି ସ୍ତରରେ ତାରକାମାନଙ୍କ ପାଇଁ ଚିନ୍ତାର ବିଷୟ । କାଳେ ପତନ ହୋଇଯିବ, ସେଥିପାଇଁ ବିଭିନ୍ନ ବିଶ୍ୱାସ ନାଁ'ରେ ଅନ୍ଧ ବିଶ୍ୱାସରେ ଘାଣ୍ଟିଚକଟି ହୋଇଥା'ନ୍ତି ଅନେକ ।

ଏହା ଏକପ୍ରକାରର ଡର । ଏହାକୁ ଇଂରାଜୀରେ 'ଫୋବିଆ' କୁହାଯାଏ । ରାଜନେତାମାନେ ବଡ଼ ବଡ଼ ଧର୍ମଗୁରୁଙ୍କୁ ଆଶ୍ରୟ କରିଥାନ୍ତି କାଳେ ପଦଚ୍ୟୁତ ହେବେ ! ପୂଜକମାନଙ୍କ ଦ୍ୱାରା ଗ୍ରହଶାନ୍ତି ଉପଚାରରେ ଭଲ ଅର୍ଥ ଖର୍ଚ୍ଚ କରିଥାନ୍ତି ।

ସେଲିବ୍ରିଟିଙ୍କ କଥା ନିଆରା । ସେମାନେ ହାତରେ କାମ ନ ଥିଲେ ଆତ୍ମହତ୍ୟା କରିବାକୁ ପସନ୍ଦ କରିଥାନ୍ତି । ଯେଉଁମାନେ ଜ୍ୟୋତିଷ, କାପାଳିକମାନଙ୍କର ଆଶ୍ରୟ ନେଇଥାନ୍ତି, ସେମାନେ କେତେବେଳେ କେଉଁପ୍ରକାର ଜୀବନ ବିତାନ୍ତି, ତାହା ଲେଖିଲେ ଅତି ଦୀର୍ଘ ରଚନା ହେବ ।

'କ' ଅକ୍ଷରରେ ନିଶ୍ଚିତ ସଫଳତା– ଏମିତି ଯେଉଁ ଗଣକ କହିଦେଲା, ସେଇଦିନଠାରୁ ସେ ସବୁ ଧାରାବାହିକର ନାଁ 'କ' ଅକ୍ଷରରୁ ଆରମ୍ଭ କଲେ ଏବଂ ସଫଳ ହେଲେ । ସିଏ 'କ' ଉପରେ ବିଶ୍ୱାସ ରଖି ଏ ଯାବତ୍ ସଂଖ୍ୟାତତ୍ତ୍ୱବିତ୍‌ମାନଙ୍କ ପରାମର୍ଶକୁ ମାନି

ଆସିଛନ୍ତି । ସେ ହେଲେ ବିଶିଷ୍ଟ ପ୍ରଯୋଜିକା, ନିର୍ମାତା ଏକ୍‌ତା କପୁର ।

ସବୁଠାରୁ ବଡ଼ କଥା ହେଲା– ବଲିଉଡ୍‌ର ରଙ୍ଗମହଲରେ ବିଖ୍ୟାତ ହେବାକୁ ହେଲେ ଅନେକଙ୍କୁ ନିଜ ନାମ ଉପରେ ଧ୍ୟାନ ଦେବାକୁ ପଡ଼ିଛି । ଏହି ବିଚିତ୍ର ବିଶ୍ୱାସ ହେତୁ ନାମ ପରିବର୍ତ୍ତନ ତଥା ଆରମ୍ଭ ଅକ୍ଷର ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ରଖାଯାଇଛି । ଶବ୍ଦ ବା ନାଁ’ଟିକୁ କେଉଁ ଢଙ୍ଗରେ ଲେଖିଲେ ତାହା ବେଶୀ ଶୁଭପ୍ରଦ ହେବ, ସେଥିପାଇଁ ମଧ୍ୟ ତାରକାମାନେ ନଜର ରଖି ସଂଖ୍ୟାତତ୍ତ୍ୱବିତ୍‌ମାନଙ୍କ ପାଖରେ ମୋଟା ଅଙ୍କର ପଇସା ଦେବାକୁ ପ୍ରସ୍ତୁତ ଥାଆନ୍ତି ।

ଉଦାହରଣ ସ୍ୱରୂପ– ଏକତା କପୁର ତାଙ୍କର ଧାରାବାହିକ ନାମରେ ଥିବା ଶବ୍ଦକୁ ଅକ୍ଷର ସଂଖ୍ୟା ପାଇଁ ପରିବର୍ତ୍ତନ କରି ଲେଖୁଥିଲେ । ଯେମିତି କି ‘Kasam Se’କୁ ‘Kasamh Se’, ‘Kusum’ କୁ ‘Kkusum’ । କରିନା କପୁର ମଧ୍ୟ ସଫଳତାର ଆଶାରେ ନିଜ ନାଁର ପରିବର୍ତ୍ତନ କରିଦେଇଥିଲେ ।

ଅମିଶା ପଟେଲ୍ Amishaକୁ Ameesaରେ ପରିବର୍ତ୍ତନ କରି ଲେଖୁଥିଲେ । ଶୋଭା ଦେଙ୍କ ପରି ବ୍ୟକ୍ତିତ୍ୱ Sobhaକୁ Shobhaa ଲେଖୁଥିବାବେଳେ ସୋନାଲି ରାଠୋର ମଧ୍ୟ Sonaliକୁ ପରିବର୍ତ୍ତନ କରି Sunal ଲେଖୁଥିଲେ ।

ଯିଏ ଯେତେ ଉପରକୁ ଗଲେ, ପୁଣି ଖସି ପଡ଼ିବାରେ ଭୟ ଥାଏ । ଯେତେ ଶକ୍ତିଶାଳୀ, ବିତ୍ତଶାଳୀ, ପ୍ରଭାବଶାଳୀ ହେଲେ ମଧ୍ୟ ସେମାନଙ୍କର ଭିତରେ ଭିତରେ ପତନର ଭୟ ଥାଏ ।

ଯେତେବେଳେ ଅମିତାଭ ବଚ୍ଚନଙ୍କର ବହୁତ ଖରାପ ସମୟ ଚାଲିଥିଲା, ଗଣକ ନିର୍ଦ୍ଦେଶରେ ସେ ହାତରେ ନିଲମ୍ ପଥରର ମୁଦି ପିନ୍ଧିଥିଲେ । ତାଙ୍କର ଭାଗ୍ୟରେ ପରିବର୍ତ୍ତନ ଆସିଥିଲା । ତାହା ତାଙ୍କୁ ଭରସା ଦେଇଥିଲା । ଅମିତାଭ ବଚ୍ଚନଙ୍କ ଜୀବନରେ ଅନେକ ଉତ୍ଥାନପତନ ଦେଖାଦେଇଛି । ସେ ସବୁ ତପ୍ତବୈତରଣୀକୁ ପାର ହେବା ପାଇଁ ସେ ଜ୍ୟୋତିଷମାନଙ୍କର ପରାମର୍ଶ ନେଇଥାନ୍ତି । ଆଜି ମଧ୍ୟ ତାଙ୍କୁ ଚଳଚ୍ଚିତ୍ର ସଂସ୍ଥା ଛାଡ଼ିପାରୁନି କି ସେ ସଂସ୍ଥା ଛାଡ଼ିବାକୁ ଚାହାନ୍ତି ନାହିଁ ।

ଜୀବନରେ ଏତେ ଐଶ୍ୱର୍ଯ୍ୟ, ଏତେ ପ୍ରାଚୁର୍ଯ୍ୟ ଆଉ ଅନ୍ୟ କୌଣସି ବୃତ୍ତିରେ ମିଳେନା । ଅମିତାଭଙ୍କ ଭଳି ତାରକା ବିଶ୍ୱରେ ବିରଳ । କିନ୍ତୁ ସେ ଭାଗ୍ୟବାଦୀ ଏବଂ ଲୋକପ୍ରିୟତାରୁ କାଳେ ଇଞ୍ଚେ ଖସିଯିବେ, ସେଥିପାଇଁ ଅତି ଭୟାଳୁ ।

ସେ ଅଭାବ ଯୋଗୁଁ ବିଜ୍ଞାପନରେ ଆସନ୍ତି ନାହିଁ । ଲୋକଲୋଚନରୁ ଓହରି ନ ଯିବା ଉଦ୍ଦେଶ୍ୟରେ ସେ ଛୋଟମୋଟ ବିଜ୍ଞାପନ ପାଇଁ ମଧ୍ୟ କ୍ୟାମେରା ଆଗକୁ ଚାଲିଆସିଥାନ୍ତି ।

ଅମିତାଭଙ୍କର ସବୁ ଚଳଚ୍ଚିତ୍ର ସୁଟିଂ ସରିବା ପରେ ସେ ପ୍ରଯୋଜକଙ୍କ ସହିତ ଯେ କୌଣସି ପ୍ରସିଦ୍ଧ ମନ୍ଦିରକୁ ଯାଇ ପୂଜା ଅର୍ଚ୍ଚନା କରିଥାନ୍ତି । ଏଥିରେ ଚଳଚ୍ଚିତ୍ରଟି ଲୋକପ୍ରିୟ ହେବାର ଗଭୀର ବିଶ୍ୱାସ ଥାଏ ।

ସଙ୍ଗୀତ ନିର୍ଦ୍ଦେଶକ ବାପି ଲାହିରୀ ତାଙ୍କର ସଫଳତା ପାଇଁ ସୁନାର ଗହଣାରେ ଅନେକ ଦେବଦେବୀମାନଙ୍କର ପଦକ ଲଗାଇଥାନ୍ତି । ସେ ଯୀଶୁ, କୃଷ୍ଣ, ଦୁର୍ଗାଙ୍କର ପଦକ ପିନ୍ଧିଥାନ୍ତି । ବେକରେ ଗହଣା ନ ଥିଲେ ସେ କୌଣସି ରିହଲସାଲ୍‌ରେ ବସନ୍ତି ନାହିଁ ।

ସେ ଗୀତ ଗାଇବା ଅପେକ୍ଷା ନିଜ ସ୍ୱରୂପ ପ୍ରତି ବିଶେଷ ଧ୍ୟାନ ଦେଇଥାନ୍ତି । ଭଗବତ୍ ବିଶ୍ୱାସ ତାଙ୍କର ଶ୍ରେଷ୍ଠ ବିଶ୍ୱାସ ।



ଇନ୍ଦର କପୁରଙ୍କ ବିଶେଷତ୍ୱ ହେଲା ସେ ଜଣେ ସଫଳ ବଲିଉଡ୍ ଚଳଚ୍ଚିତ୍ର ନିର୍ମାତା । ସେ ଯେଉଁ ଛବି ସବୁ ତିଆରି କରିଛନ୍ତି, ସେମାନଙ୍କ ଭିତରୁ ମୁଖ୍ୟ କେତୋଟି ଛବି ହେଲା– 'ଦିଲ୍', 'ବେଟା', 'ମନ୍' ଓ ଆହୁରି ଅନେକ ।

ତାଙ୍କର ସବୁ ଛବିରେ 'ଉଟି'ରେ ଥିବା ଏକ ଗଛର ଦୃଶ୍ୟ ଅବଶ୍ୟ ରହିଥାଏ । କାରଣ ହେଲା– 'ଉଟି'ର ସେହି ଗଛଟି ଶୁଭଦାୟକ । ସେହି ଗଛଟି ତାଙ୍କ ଛବିରେ ରହିଲେ ଛବିଟି ସଫଳ ହେବା ସହ ତାଙ୍କର ଭାଗ୍ୟ ଉଦୟ ହୁଏ । ଇନ୍ଦର କୁମାର ସେହି ଗଛଟିକୁ ହୃଦୟରେ ପୂଜା କରିଥାନ୍ତି । ତାଙ୍କ ପାଇଁ ସେହି ଗଛଟି ଭାଗ୍ୟଶାଳୀ– ଏହା ତାଙ୍କର ବିଶ୍ୱାସ ।

ହିମେଶ ରେଶମିୟା, ସେ ଜଣେ ଗାୟକରୁ ନାୟକ । ଖୁବ୍ ସହଜ, ସରଳ ବଲିଉଡ୍ ତାରକା । ୨୦୦୫ ମସିହାରେ ପ୍ରଥମେ ସେ ଗୀତ ଗାଇଲେ । ସମସ୍ତେ ତାଙ୍କୁ ଗ୍ରହଣ କରୁଥିବାବେଳେ କିଛି ଶ୍ରୋତା ତାଙ୍କୁ ନାକରେ ଗୀତଗାଉଥିବା ଗାୟକ ଭାବେ ନାକ ଟେକିଲେ । ସେ କିନ୍ତୁ ସେତେବେଳେ ଟୋପିଟିଏ ପିନ୍ଧୁଥିଲେ ।

ଅଭିନୟ ପ୍ରତି ଶ୍ରଦ୍ଧା ଓ ବିଶ୍ୱାସ ତାଙ୍କ ଭିତରେ ଥିଲା । ଭଗବତ୍ ବିଶ୍ୱାସ ତାଙ୍କୁ ଆଉ ପାଦେ ଆଗେଇନେଲା । ରାତାରାତି ସେ ହୋଇଗଲେ ବଲିଉଡ୍‌ର ନାୟକ । ଏବେ ସେ ସଙ୍ଗୀତକୁ ଛାଡ଼ି ଅଭିନୟରେ ବ୍ୟସ୍ତ । କିନ୍ତୁ ସେ ଗୋଟିଏ କଥା କହିଥାନ୍ତି, "କ୍ୟାରିୟର ଆରମ୍ଭରେ ଏଇ ଟୋପି ମୋତେ ତିନିବର୍ଷ ଭିତରେ ସଫଳତା ଆଣିଦେଇଛି । ମୁଁ ପୂରା ଭାଗ୍ୟବାଦୀ । ଏଇ ଟୋପି ମୋ ପାଇଁ ଖୁବ୍ ଭାଗ୍ୟଶାଳୀ ।''

*'ଆଶ୍ରମ', ଶ୍ରୀ ବିହାର କଲୋନି, କଟକ- ୭୫୩୦୦୮*

**



# ପୁସ୍ତକ ପରିଚୟ

**ସ୍ୱାସ୍ଥ୍ୟରକ୍ଷା ଓ ସ୍ୱାସ୍ଥ୍ୟ ସୁରକ୍ଷା**-- ଲେଖକ- **ଡାକ୍ତର ନିମାଁଇ ଚରଣ ପରିଜା,** ଅରୁଣୋଦୟ ନଗର, କଟକ- ୧୨ । ମୂଲ୍ୟ - ୧୩୦ ଟଙ୍କା ।

ଜୀବନଚର୍ଯ୍ୟା ରୋଗ ଡାଇବେଟିସ୍, ମସ୍ତିଷ୍କଘାତ, ଆଣ୍ଟିବାୟୋଟିକ୍, ରକ୍ତ ପରୀକ୍ଷାର ଆବଶ୍ୟକତା, ଇୟୋସୋନ୍‌ଫିଲିଆ ରୋଗ, ଷ୍ଟେମ୍‌ସେଲ୍‌ରୁ ରକ୍ତ ତିଆରି ସମ୍ଭବ ଇତ୍ୟାଦି ୪୨ଟି ଉପାଦେୟ ବିଷୟ– ରୋଗ ଚିକିତ୍ସା, ରୋଗର କାରଣ, ସ୍ୱାସ୍ଥ୍ୟଭିତ୍ତିକ ସମସ୍ୟା, ରୋଗ ଚିକିତ୍ସାର ନୂତନ ଉପକରଣ ଇତ୍ୟାଦି ଏଥିରେ ସନ୍ନିବେଶିତ ହୋଇଛି । ସବୁ ବିଷୟର ଉପାଦେୟ ଚିତ୍ର ପ୍ରଦତ୍ତ ହୋଇଛି, ଯାହାକୁ ପଢ଼ିଲେ ଜଣେ ସାଧାରଣ ବ୍ୟକ୍ତିର ସ୍ୱାସ୍ଥ୍ୟ ବିଷୟରେ ବୋଧଗମ୍ୟ ହୋଇପାରିବ ଓ ଚିତ୍ରରୁ ମଧ୍ୟ ଜାଣିହେବ । ରଙ୍ଗିନ୍ ପ୍ରଚ୍ଛଦଟି ସୁନ୍ଦର ଓ ଆକର୍ଷଣୀୟ ହୋଇଛି । ପୁସ୍ତକଟି ପାଠକମାନଙ୍କ ଦ୍ୱାରା ଆଦୃତ ହେବାର ଆଶା ।

**କୁନି ଚଢ଼େଇ**-- ଲେଖକ- **ଶ୍ରୀ ସୁଶାନ୍ତ କୁମାର ପାତ୍ର,** ଅରିଓ, ଜାରୁଳାଇପଡ଼ା, କେନ୍ଦ୍ରାପଡ଼ା- ୭୫୪୨୮୯ । ମୂଲ୍ୟ - ୪୦ ଟଙ୍କା ମାତ୍ର ।

ବିଲୁଆନନା, ମନେରଖ ଏହି କଥା, ଜଗତେ ହୋଇବୁ ଧନ୍ୟ, ଭସ୍ମାସୁର ଇତ୍ୟାଦି ୧୭ଟି ଶିଶୁ କବିତା ଏଥିରେ ରହିଛି । ପ୍ରତି କବିତାରେ ଦୁଇ ବା ତତୋଧିକ ଚିତ୍ର ରହିଛି ଯାହା ପିଲାଙ୍କୁ ଆକର୍ଷିତ କରିବ । ପ୍ରଚ୍ଛଦଟି ରଙ୍ଗିନ୍ ଓ ଚଢ଼େଇର ଚିତ୍ରଟି ସୁନ୍ଦର ହୋଇଛି । କବିତାଗୁଡ଼ିକ ସରଳ ତଥା ଶିକ୍ଷଣୀୟ ହୋଇଥିବାରୁ ପିଲାମାନଙ୍କ ଦ୍ୱାରା ଆଦୃତ ହେବାର ଆଶା ରଖୁଛୁ ।

**ଆମ ସୁନା ଚାନ୍ଦ**- ମୁଖ୍ୟ ସମ୍ପାଦକ- **ଉତ୍କଳରତ୍ନ ପଣ୍ଡିତ ଲକ୍ଷ୍ମୀଧର ରାଉତ,** ସମ୍ପାଦକ- **ଡା. କୁମାର ବାବୁଲି,** ବିବେକାନନ୍ଦ ବିହାର, ବଡ଼ସାହି, ମୟୂରଭଞ୍ଜ- ୭୫୭୦୨୬ ମୂଲ୍ୟ -ବାର୍ଷିକ ୧୫୦ ଟଙ୍କା ।

କ୍ରାଉନ୍ ଆକାରର ଏହି ପତ୍ରିକାଟି ଜାନୁଆରୀ ମାସର ଆମର ହସ୍ତଗତ ହୋଇଛି । ଏଥିରେ ବଡ଼ ମଣିଷଙ୍କ ଜୀବନୀ, ପୁରାଣ କାହାଣୀ, ଗଳ୍ପ, କବିତା, ବିଜ୍ଞାନ, ଜଣାଅଜଣା ଇତ୍ୟାଦି ବିଷୟର ଚିତ୍ର ସହିତ ରହିଛି । ଏହା ବ୍ୟତୀତ ଗଳ୍ପ ଲେଖିବା ପ୍ରତିଯୋଗିତା, ସାଧାରଣଜ୍ଞାନ ପ୍ରତିଯୋଗିତା ମଧ୍ୟ ସ୍ଥାନିତ ହୋଇଛି । ରଙ୍ଗିନ ପ୍ରଚ୍ଛଦରେ ଦୁଇଟି ଛୋଟପିଲାଙ୍କର ଆକର୍ଷଣୀୟ ଚିତ୍ର ରହିଛି । ପତ୍ରିକାଟି ଆଦୃତ ହେଲେ ସମ୍ପାଦକ ଓ ଏହାର ସମ୍ପାଦନାମଣ୍ଡଳୀଙ୍କର ପରିଶ୍ରମ ସାର୍ଥକ ହେବ ।

---

ଏଲ୍‌ଡିଏଫ୍ ଓ ପୁଡୁଚେରୀରେ କଂଗ୍ରେସର ସଂଖ୍ୟାଗରିଷ୍ଠତା ହାସଲ ।

## ବିଦେଶ ଖବର

୨। ୫-- ପ୍ୟାରିସ୍‌ର ବୈଜ୍ଞାନିକଙ୍କର ଏକ ଅନ୍ତର୍ଜାତୀୟ ଦଳଙ୍କ ଦ୍ୱାରା ପୃଥିବୀ ଭଳି ୩ଟି ଗ୍ରହ ଠାବ । ଏଥିରେ ପୃଥିବୀ ଭଳି ଜୀବନ ସତ୍ତା ଥିବାର ବିଶ୍ୱାସ କରାଯାଉଛି ।

୧୧। ୫-- ବିଶ୍ୱର ସବୁଠୁ ବଡ଼ ବିମାନ 'ଆଣ୍ଟୋନୋଭ, ଏଏନ୍ ୨୨୫ ମ୍ରିଆ'ର ଭାରତକୁ ଆଗମନ ।

୧୩। ୫-- ବ୍ରାଜିଲର ରାଷ୍ଟ୍ରପତି ଜୁମା ହୁସେଫ୍ ତାଙ୍କ ପଦରୁ ନିଲମ୍ବିତ ।

---

୨୦। ୦୪-- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡ଼ିଶାର ପ୍ରାକ୍ତନ ମୁଖ୍ୟ ତଥା 'ରାଷ୍ଟ୍ରଦୀପ'ର ପ୍ରତିଷ୍ଠାତା ଭୂପେନ୍ ବସୁଙ୍କର ୧୦୪ ବର୍ଷରେ ପରଲୋକ ।

-- ରାଜ୍ୟର ଲୋକପ୍ରିୟ ମେଲୋଡି ତାରକା ମହମ୍ମଦ ସାଜିଦ୍‌ଙ୍କର ୫୪ ବର୍ଷରେ ପରଲୋକ ।

୧୨। ୫-- ବର୍ଷୀୟାନ୍ କଂଗ୍ରେସ ନେତା ପୂର୍ବତନ ଆଇନ, ପଞ୍ଚାୟତିରାଜ, ଅର୍ଥମନ୍ତ୍ରୀ ରଘୁନାଥ ପଟ୍ଟନାୟକଙ୍କର ୮୭ ବର୍ଷରେ ପରଲୋକ ।

୧୩। ୫-- ଭାରତୀୟ ଅଧ୍ୟାତ୍ମ୍ୟଗୁରୁ ତଥା ସନ୍ଥ ନିରଙ୍କରି ମିଶନର ମୁଖ୍ୟ ବାବା ହରଦେବ ସିଂହଙ୍କର ସଡ଼କ ଦୁର୍ଘଟଣାରେ ୬୨ ବର୍ଷରେ ମୃତ୍ୟୁ ।

## ଶବ୍ଦଧନ୍ଦା ଜୁନ୍-୨୦୧୬

ଶ୍ରୀ ପ୍ରିୟଦର୍ଶୀ ଶତପଥୀ

୧ । କାଗଜରେ ବା କାର୍ଡ଼ରେ ଘର କାଟି ଉତ୍ତର ଲେଖନ୍ତୁ ।

୨ । ଶୂନ୍ୟ ଘରେ ଗୋଟିଏ ମାତ୍ର ଅକ୍ଷର ବସାନ୍ତୁ ।

୩ । ଉତ୍ତର କାଗଜରେ ନାମ ଓ ଠିକଣା ଲେଖନ୍ତୁ ।

୪ । ସମ୍ପାଦିକାଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ।

୫ । ଆସନ୍ତା ସଂଖ୍ୟାରେ ଫଳ ପ୍ରକାଶ ପାଇବ ।

୬ । ଉତ୍ତର ପହଞ୍ଚିବାର ଶେଷ ତାରିଖ ୨୨।୬।୨୦୧୬

୭ । ନିୟମାବଳୀ ପଢ଼ି ଉତ୍ତର ଦିଅନ୍ତୁ ।

| | | | | | | |
|---|---|---|---|---|---|---|
| ୧ | | ୨ | ❋ | ୩ | | ୪ |
| | ❋ | | ❋ | | ❋ | |
| ୫ | | ୬ | | | ୭ | |
| ❋ | ୮ | | | | ୯ | ❋ |
| ୧୦ | | ୧୧ | | ୧୨ | | ୧୩ |
| ୧୪ | | | ❋ | | ୧୫ | |
| ❋ | ୧୬ | | ❋ | ୧୭ | | ❋ |

### ସୂଚନା

**ବାମରୁ ଡାହାଣ--** ୧ । ପଦ୍ମ (୩), ୩ । ଦରଖାସ୍ତ (୩), ୫ । ଜନସାଧାରଣ (୨), ୬ । ଉର୍ଦ୍ଦୁ ଶିକ୍ଷାଳୟ (୩), ୭ । ଅପବାଦ (୨), ୮ । ବଡ଼ଦାଣ୍ଡ (୫), ୧୧ । ଶହେ ବର୍ଷ ବୟସ୍କ (୩), ୧୪ । ନୀଚ (୨), ୧୫ । ସାମୁଦ୍ରିକ ହିଂସ୍ର ପ୍ରାଣୀ ବିଶେଷ (୨), ୧୬ । ଧ୍ୱନି (୨), ୧୭ । ଆକାଶ (୨) ।

**ଉପରୁ ତଳ--** ୧ । ସର୍ପ (୩), ୨ । ଆଘାତ (୩), ୩ । ବିଚିତ୍ର (୩), ୪ । ଖାଇବାର ଇଚ୍ଛା (୩), ୮ । ଯମ (୩), ୯ । ପାଇବାର ପ୍ରବଳ ବାସନା (୩), ୧୦ । ଗୃହସ୍ଥ (୨), ୧୧ । ସାଲ (୩), ୧୨ । ଗ୍ରୀସ୍ ଦେଶର ପ୍ରାଚୀନ ନାମ (୩), ୧୩ । ଅରଖ ଗଛ (୨) ।

*--ବାଗଲପୁର, ଜଗତ୍‌ସିଂହପୁର-୭୫୪୧୦୨*

---

**ମଇ ମାସ ଶବ୍ଦଧନ୍ଦାର ଉତ୍ତର (ବାମରୁ ଡାହାଣ)--** ୧ । ଅଙ୍ଗାରକାମ୍ଳ, ୫ । ମହାଶୟ, ୬ । ଦାବାନଳ, ୯ । ନବର, ୧୦ । କନ୍ଦମୂଳ, ୧୨ । ପବନ, ୧୪ । ମସୁଧା, ୧୭ । ମଦରଙ୍ଗା, ୧୮ । ତାନ ।

**ଉପରୁ ତଳ--** ୧ । ଅବଦାନ, ୨ । ରଞ୍ଜନରଶ୍ମି, ୩ । କାମଳ, ୪ । ଯଶ, ୬ । ଦାନବ, ୭ । ବାବଦ, ୮ । କ୍ରନ୍ଦନ, ୧୧ । ମୂକ, ୧୩ । ନର, ୧୫ । କନ୍ୟା, ୧୬ । ଧାନ ।

---

**ଗତମାସର ଠିକ୍ ଉତ୍ତରଦାତା- ପ୍ରଭାତ କୁମାର କୁଅଁର,** ସୁଗୋ, ଜଳେଶ୍ୱର; **ରାଜକିଶୋର ସାହୁ,** ଓଡ଼ଗାଁ, ନୟାଗଡ଼; **ରାସେଶ୍ୱର ମହାନ୍ତ,** ଚମ୍ପୁଆ, କେନ୍ଦୁଝର; **ରସାନନ୍ଦ ଘଡ଼େଇ,** ପୁରୁଣିଆ, ଗମ୍ଭାରିଡିହି, ନୟାଗଡ ।

# ପୃଥିବୀ କ୍ଷଣ-କ୍ଷଣକେ ଆନ

## ଓଡ଼ିଶା ଖବର

୨୪। ୦୪-- ଜଷ୍ଟିସ୍ ଅରିଜିତ୍ ପଶାୟତଙ୍କୁ ଉତ୍କଳ ସାହିତ୍ୟ ସମାଜର ସର୍ବୋଚ୍ଚ ସମ୍ମାନ 'ଉତ୍କଳରତ୍ନ' ପ୍ରଦାନ । ଏହା ବ୍ୟତୀତ ୨୬ ଜଣ ସାରସ୍ୱତ ସାଧକଙ୍କୁ ବିଭିନ୍ନ ସମ୍ମାନ ପ୍ରଦାନ ।

୨୮। ୦୪-- ରାଜ୍ୟର ଅବସରପ୍ରାପ୍ତ ବିଚାରପତି ପ୍ରଫୁଲ୍ଲ ମିଶ୍ର ଗୋଆର ଲୋକାୟୁକ୍ତ ନିଯୁକ୍ତ ।

୨୮। ୪-- ଚଳିତ ବର୍ଷ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ୫,୮୪,୯୮୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪,୮୯,୭୨୨ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏଥିରୁ ୦.୩ ପ୍ରତିଶତ ପରୀକ୍ଷାର୍ଥୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି 'ଏ୧' ଗ୍ରେଡ୍ ପାଇଛନ୍ତି ।

୨୯। ୦୪-- ସୂଚନା ପ୍ରଯୁକ୍ତି ଉଦ୍ୟୋଗୀ ସୁବ୍ରତ ବାଗଚୀ ନବଗଠିତ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଭାବେ କ୍ୟାବିନେଟ୍ ପାହ୍ୟା ମାନ୍ୟତା ସହିତ ଅଧ୍ୟକ୍ଷ ଭାବେ ନିଯୁକ୍ତ ।

୧। ୫-- ସରକାରୀ କର୍ମଚାରୀଙ୍କ ପାଇଁ ମହଙ୍ଗାଭତ୍ତା ୬ ପ୍ରତିଶତ ବୃଦ୍ଧି ।

## ଭାରତ ଖବର

୧୮। ୪-- ଭାରତୀୟ ଜିମ୍ନାଷ୍ଟ ଦୀପା କର୍ମକାରଙ୍କର ପ୍ରଥମ ଭାରତୀୟ ମହିଳା ଭାବେ ଚଳିତ ବର୍ଷରେ ରିଓ ଅଲମ୍ପିକ୍ ନିମନ୍ତେ ଯୋଗ୍ୟତା ଅର୍ଜନ ।

-- କେନ୍ଦ୍ର ସରକାର କର୍ମଚାରୀମାନଙ୍କର ଇପିଏଫ୍‌ର ନୂଆ ନିୟମ ପ୍ରତ୍ୟାହୃତ ଓ ପୁରୁଣା ନିୟମ ପୁନଶ୍ଚ ଲାଗୁ ତଥା ଜମା ରାଶି ଉପରେ୦.୧% ବୃଦ୍ଧି ।

୨୨। ୪-- ମଧ୍ୟ ପ୍ରଦେଶରେ ଉଜ୍ଜୈନଠାରେ ବିଶ୍ୱର ସବୁଠାରୁ ବଡ଼ମେଳା 'ସିଂହସ୍ଥ କୁମ୍ଭ' ଆରମ୍ଭ । ଏହା ମେ ୨୧ ପର୍ଯ୍ୟନ୍ତ ଚାଲିବ । ୫୦ କୋଟି ଲୋକଙ୍କ ସମାଗମ ହେବାର ଆଶା ।

୨୪।୪-- ଗ୍ରୀଷ୍ମ ପ୍ରବାହଜନିତ ଅଂଶୁଘାତରେ ତେଲେଙ୍ଗାନା ଠାରେ ୪୯ ଜଣଙ୍କର ମୃତ୍ୟୁ ।

୨୫। ୪-- ଆତଙ୍କବାଦୀ ସଙ୍ଗଠନ ଆଇଏସ୍‌ଆଇଏସ୍‌ର ଭାରତୀୟ ଶାଖାମୁଖ୍ୟ ମହମ୍ମଦ ସଫି ଅରମାର (ୟୁସୁଫ୍) ଆମେରିକାର ଡ୍ରୋନ୍ ଆକ୍ରମଣରେ ମୃତ ।

୨୭। ୪-- ପଞ୍ଜାବର ଆନ୍ତର୍ଜାତୀୟ ସୀମାରେଖାଠାରେ ପାକିସ୍ତାନ ପଟୁ ଅନୁପ୍ରବେଶ ରୋକିବା ପାଇଁ ୧୨ଟି 'ଲେଜର ପ୍ରାଚୀର' ସକ୍ରିୟ ।

୨୮। ୪-- ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଚଳିତ ବର୍ଷଠାରୁ ଦେଶବ୍ୟାପୀ ଏକକ ପ୍ରବେଶିକା ପରୀକ୍ଷା ବା ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା (ଏନଇଇଟି) କରିବା ପାଇଁ ସୁପ୍ରିମ୍‌କୋର୍ଟର ନିଷ୍ପତ୍ତି ।

୨୯। ୪-- ଦେଶର ୭ମ ତଥା ଶେଷ ଦିଗସୂଚକ (ନାଭିଗେସନ) ଉପଗ୍ରହ ଆଇଆଇଏନ୍‌ଏସ୍‌ଏସ୍- ୧ଜିର ସଫଳ ଉତ୍‌କ୍ଷେପଣ କରି ଇସ୍ରୋର ମହାକାଶ ଗବେଷଣା କ୍ଷେତ୍ରରେ ନୂତନ ଇତିହାସ ସୃଷ୍ଟି ।

୨। ୫-- ବହୁକୋଟି ଟଙ୍କାର ବ୍ୟାଙ୍କ୍‌ଋଣ ଫାଙ୍କି ବିଦେଶ ଯାଇଥିବା ବିଶିଷ୍ଟ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କର ରାଜ୍ୟସଭା ସଭ୍ୟ ପଦରୁ ଇସ୍ତଫା ।

୫। ୫-- ନୌସେନାର ଉପମୁଖ୍ୟ ଭାଇସ୍ ଆଡମିରାଲ୍ ସୁନୀଲ୍ ଲାନବା ଦେଶର ପରବର୍ତ୍ତୀ ନୌସେନା ମୁଖ୍ୟ ଭାବେ ନିଯୁକ୍ତ ।

-- ଉଜ୍ଜୈନ ସିଂହସ୍ଥ କୁମ୍ଭମେଳାରେ ଝଡ଼ବର୍ଷା ଯୋଗୁଁ ସାଧୁଙ୍କ ସମେତ ୭ମୃତ ଓ ୮୦ ଆହତ ।

୧୦। ୫-- ଶଶାଙ୍କ ମନୋହରଙ୍କର ବିସିସିଆଇ ସଭାପତି ପଦରୁ ଇସ୍ତଫା ପ୍ରଦାନ ।

୧୧। ୫-- ସୁପ୍ରିମକୋର୍ଟର ସହାୟତାରେ ହରିଶ ରାୱତ ପୁଣି ଥରେ ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ଘୋଷିତ ।

-- ଭାରତୀୟ ନୌସେନାକୁ ଦୀର୍ଘ ୩୬ ବର୍ଷ ହେଲା ସେବା କରିଆସିଥିବା ଯୁଦ୍ଧ ବିମାନ 'ସି ହାରିୟର୍ସ'ର ବିଦାୟ ଏବଂ ମିଗ୍-୨୯ ଯୁଦ୍ଧ ବିମାନ ସାମିଲ ।

୧୨। ୫-- ନୂଆ ୧୦୦୦ ଟଙ୍କିଆ ନୋଟ୍ ପ୍ରଚଳିତ । ଏହାର ନମ୍ବରଗୁଡ଼ିକ ସାନରୁ ବଡ଼ ଆକାରରେ ଲେଖାଯାଇଛି ।

-- ସୁପ୍ରିମକୋର୍ଟରେ ୪ ଜଣ ନୂଆ ବିଚାରପତି ଜଷ୍ଟିସ ଏ.ଏମ୍. ଖାନୱିଲକର, ଜଷ୍ଟିସ ଡି. ୱାଇ ଚନ୍ଦ୍ରଚୂଡ଼, ଜଷ୍ଟିସ ଅଶୋକ ଭୂଷଣ ଏବଂ ଏଲ. ନାଗେଶ୍ୱର ରାଓଙ୍କର ଶପଥଗ୍ରହଣ । ବିଚାରପତି ସଂଖ୍ୟା ୨୯କୁ ବୃଦ୍ଧି ।

୨୦୧୫-- ଦେଶର ୫ଟି ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳରେ ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ, ଆସାମରେ ବି.ଜେ.ପି, ତାମିଲନାଡୁରେ ଏଆଇଡିଏମ୍‌କେ, କେରଳରେ

( ଅବଶିଷ୍ଟାଂଶ ୫୨ ପୃଷ୍ଠାରେ)

EDITED, PRINTED & PUBLISHED BY ANASUYA NANDA AT SANSAR PRESS, TALATELENGA BAZAR, CUTTACK-753009, Ph : 2420075, 2422597